

ରେକର୍ଡ ଭାଙ୍ଗିଲେ ବୁମ୍ରା | ପୃଷ୍ଠା ୭

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 282 | ଭାଗ ୩୨ | ସଂଖ୍ୟା୨୮୨ | Bhubaneswar | Sunday 5 January 2025 | Page 8 Rs. 4.00 | ଭୁବନେଶ୍ୱର ରବିବାର ୫ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ରାଜନୀତି ନୁହେଁ, ବିକାଶ ହିଁ ଏକମାତ୍ର ଏଜେଣ୍ଡା



ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ରୋଡମ୍ୟାପ୍

ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ): ସାତ ଜିଲ୍ଲାକୁ ନେଇ ଗଠନ ହେବ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ। ଏହିସବୁ ଜିଲ୍ଲାର ବିକାଶ ପାଇଁ ପ୍ରସ୍ତୁତ ହେଲା ରୋଡମ୍ୟାପ । ଦକ୍ଷିଣ ଓଡ଼ିଶାର ସବୁ ନେତା ଏକାଠି ନେତା ବସି ସହମତି ଦେଲେ, ରାଜନୀତି ପଛ, ଅଞ୍ଚଳର ଉନ୍ନତି ଆଗ। ଅବହେଳା ଏବେ ଇତିହାସ, ବିକାଶ ଏବେ ଭବିଷ୍ୟତ। ସରକାରଙ୍କ ସହଯୋଗ ଓ ରାଜନୈତିକ ଦଳର ନେତାଙ୍କ ପ୍ରତିବଦ୍ଧତା ଏବେ ଦକ୍ଷିଣ ଓଡ଼ିଶାକୁ ପ୍ରଗତି ପଥରେ ଆଗେଇ ନେବ।

ଅବହେଳାର ଅଧ୍ୟାୟ ଶେଷ ହେଲା। ଏଣିକି ବିକାଶ ହିଁ ଏକମାତ୍ର ଏଜେଣ୍ଡା। ଏଥିପାଇଁ ଦଳ ମତ ନିର୍ବିଶେଷରେ ସବୁ ନେତା ହେଲେ ଏକାଠି। ନିଜ ଜନ୍ମମାଟିର ବିକାଶ ପାଇଁ କରିଲେ ପଣ। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଟାସ୍କଫୋର୍ସର ପ୍ରଥମ ବୈଠକରେ କିଛି ଏଭଳି ନିଷ୍ପତ୍ତି ନିଆଯାଇଛି। ପରିଷଦର ରୂପରେଖ କଣ ହେବ ସେନେଇ ବିଧାୟକ ଓ ସାଂସଦ ନିଜର ମତ ରଖିଛନ୍ତି। ଏହାସହ ଦକ୍ଷିଣ ଓଡ଼ିଶା କିଭଳି ବିକାଶର ଶୀର୍ଷରେ ପହଞ୍ଚିବ ସେନେଇ ପ୍ରସ୍ତୁତ ପ୍ରାରମ୍ଭିକ ରୋଡମ୍ୟାପରେ ମଧ୍ୟ ମୋହର ବାଜିଛି। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦରେ ୭ ଜିଲ୍ଲାକୁ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି । କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର । ତେବେ ବିକାଶକୁ ତ୍ୱରାନିତ୍ୱ କରିବାକୁ ଷ୍ଟାଚ୍ୟୁଟାରୀ କମିଟି ଗଠନ ହେବାର ଆବଶ୍ୟକତା ଥିବା ବୈଠକରେ ଆଲୋଚନା ହୋଇଛି । ଟାସ୍କଫୋର୍ସରେ ସାମିଲ ହୋଇନଥିବା ବ୍ୟକ୍ତିବିଶେଷଙ୍କୁ ପରିବର୍ତ୍ତୀ ସମୟରେ ଏଥିରେ ସାମିଲ କରାଯିବ। ନୂଆ ସରକାରରେ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ପରିକଳ୍ପନା ବାସ୍ତବତାର ରୂପ ନେଇଛି। କିନ୍ତୁ ଟାସ୍କଫୋର୍ସ ସଦସ୍ୟଙ୍କ ଦାବି, ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ୧୦୦୦ କୋଟି ଦିଅନ୍ତୁ ସରକାର। ନଚେତ ଏହା କେବଳ ସ୍ୱପ୍ନ ଭିତରେ ସୀମିତ ରହିଯିବ। ସୁଦୀର୍ଘ ବେଳାଭୂମି, ➾ପୃଷ୍ଠା-୬

## ପୂର୍ବ ଭାରତର ପରିଚୟ ହେବ ଓଡ଼ିଶା

- ଶିଳ୍ପାୟନ ପ୍ରକ୍ରିୟାକୁ ନୂଆ ଦିଶା ଦେବ ଉତ୍କର୍ଷ ଓଡ଼ିଶା
- ନିବେଶକ ଦେଖିବେ ରାଜ୍ୟରେ ଥିବା ସମ୍ଭାବନାର ସମ୍ଭାର
- ସ୍ୱତନ୍ତ୍ର ଆଲୋଚନା ସହ ଶିଳ୍ପ ପ୍ରଦର୍ଶନୀ ହେବ ମୁଖ୍ୟ ଆକର୍ଷଣ



ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ମାର୍ଗଦର୍ଶନରେ ଆରମ୍ଭ ହୋଇଥିବା ଶିଳ୍ପାୟନ ପ୍ରକ୍ରିଆକୁ ନୂଆ ଦିଗ ଦେବ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ। ଦେଶ ବିଦେଶର ବହୁ ପଂଜିନିବେଶକାରୀ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏଥିରେ ଓଡ଼ିଶାକୁ କିଭଳି ପ୍ରଭାବୀ ଢଙ୍ଗରେ ଉପସ୍ଥାପିତ କରାଯାଇପାରିବ ସେନେଇ ଗୁରୁତ୍ୱ ଦିଆଯାଉଛି। ପୂର୍ବ ଭାରତରେ ଓଡ଼ିଶା କିଭଳି ନିବେଶକାରୀଙ୍କ ପ୍ରଥମ ପସନ୍ଦ ହୋଇ ରହିବ ତାହା ହିଁ ରାଜ୍ୟ ସରକାରଙ୍କ ପ୍ରାଥମିକତା।

ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଆଜି ଏ ସମ୍ପର୍କରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଛନ୍ତି । ସମସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ ଭାବରେ ଓ ଆକର୍ଷଣୀୟ ଭାବରେ ପରିଚାଳନା କରି ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକ ମାନଙ୍କ ପାଖରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି । ଏହା ଦ୍ୱାରା ଦୀର୍ଘ ସମୟ ପାଇଁ ଓଡ଼ିଶା ପୁଞ୍ଜିନିବେଶକ ମାନଙ୍କ ପାଇଁ ପସନ୍ଦର ସ୍ଥାନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଉପସ୍ଥାପନାରୁ ଜଣାଯାଇଛି ଯେ, ଜାନୁଆରୀ ୨୭ ତାରିଖରେ ସିଆଇଆଇ ପକ୍ଷରୁ ଏହାର ନ୍ୟାସନାଲ ଏକଜିକ୍ୟୁଟିଭ୍ କାଉନସିଲର ବୈଠକ ଅନୁଷ୍ଠିତ ହେବ । ଜାନୁଆରୀ ୨୮-୨୯ ଦୁଇ ଦିନ ଧରି ୪ଟି ପ୍ଲେନାରୀ ସେସନ, ୧୬ଟି ସେକ୍ଟରାଲ୍ ସେସନ୍ ଓ ୪ଟି ରାଉଣ୍ଡ ଟେବୁଲ୍ କନଫରେନ୍ସ ଅନୁଷ୍ଠିତ ହେବ । ଏହି ଦୁଇ ଦିନରେ ପ୍ରାୟ ୩୦୦୦ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପପତି, ପୁଞ୍ଜିନିବେଶକାରୀ, ଷ୍ଟାର୍ଟଅପ ଉଦ୍ୟୋଗୀ ଓ ଶିଳ୍ପସଂସ୍ଥା ସହିତ ଜଡିତ ବ୍ୟକ୍ତିମାନେ ଯୋଗଦେବେ ।

୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ଆସି ଉପସ୍ଥିତ ଶିଳ୍ପପତି ଓ ପୁଞ୍ଜିନିବେଶକାରୀଙ୍କୁ ଉଦବୋଧନ ଦେବେ । ଏହି ଦୁଇ ଦିନ ମଧ୍ୟରେ ଶିଳ୍ପର ବିଭିନ୍ନ କ୍ଷେତ୍ର ସମ୍ବନ୍ଧିତ ସ୍ୱତନ୍ତ୍ର ସେସନ୍ ଅନୁଷ୍ଠିତ ହେବା ସହିତ ବିଶିଷ୍ଟ ଶିଳ୍ପପତି ମାନଙ୍କ ଅଭିଭାଷଣ, ମୁଖ୍ୟମନ୍ତ୍ରୀଙ୍କ ସହିତ ବଡ ବଡ ଶିଳ୍ପସଂସ୍ଥାର ସି.ଇ.ଓ ମାନଙ୍କ ରାଉଣ୍ଡ ଟେବୁଲ, ➾ପୃଷ୍ଠା-୬

### ପ୍ରଧାନମନ୍ତ୍ରୀଙ୍କ ଫୋକସରେ ଓଡ଼ିଶା



ଜାନୁଆରୀରେ ଦୁଇ ଥର ଓଡ଼ିଶା ଆସିବେ

ରାଜ୍ୟରେ ବିଜେପି ସରକାର କାର୍ଯ୍ୟକାଳରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା କନକ୍ଲେଭ'ର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଏହି ଅବସରରେ ଚଳିତମାସ ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବାବେଳେ ୨୮ତାରିଖରେ ➾ପୃଷ୍ଠା-୬



## ନବୀନ ଓଡ଼ିଶାର ନଗ୍ନ ଚିତ୍ର

ଡ୍ରପଆଉଟ୍‌ରେ ଝିଅଙ୍କଠୁ ପୁଅ ଆଗରେ

ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ): ବିଗତ ଏକ ବର୍ଷରେ ଦେଶର ସରକାରୀ ସ୍କୁଲଗୁଡିକରେ ଛାତ୍ରଛାତ୍ରୀଙ୍କ ନାମଲେଖା ସଂଖ୍ୟା ପ୍ରାୟ ୩୭ ଲକ୍ଷ ହ୍ରାସ ପାଇଛି । ସେହିପରି ଉଭୟ ଦେଶ ଓ ରାଜ୍ୟରେ ଉଚ୍ଚବିଦ୍ୟାଳୟ ଗୁଡିକରେ ଝିଅଙ୍କ ଅପେକ୍ଷା ପୁଅଙ୍କ ଡ୍ରପ-ଆଉଟ୍ ହାର ଚିନ୍ତାଜନକ । ଯାହା ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି। ମନ୍ତ୍ରଣାଳୟ ଅଧୀନସ୍ଥ 'ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ' (ୟୁଡିଆଇଏସଇ) ପ୍ଲସ ରିପୋର୍ଟରୁ ଏହା ଜଣାପଡିଛି। ରିପୋର୍ଟ ମୁତାବକ ୨୦୨୨-୨୩ ଓ ୨୦୨୩-୨୦୨୪ ଶିକ୍ଷାବର୍ଷରେ ଦେଶରେ ସରକାରୀ ସ୍କୁଲ ସଂଖ୍ୟା ୧.୪୬୬ ନିୟୁତରୁ ୧.୪୭୧ ନିୟୁତକୁ (ପ୍ରାୟ ୫୦୦୦) ବୃଦ୍ଧି ପାଇଛି । ତେବେ ଏହି ସମୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ସଂଖ୍ୟା ୨୫୧.୭ ନିୟୁତରୁ ୧୪୮ ନିୟୁତକୁ ହ୍ରାସ ପାଇଥିବା ଜଣାପଡିଛି। ତେବେ ଲିଙ୍ଗଭିତ୍ତିକ, ସାମାଜିକ ବର୍ଗୀକରଣ ଏବଂ ଶିକ୍ଷାସ୍ତରରେ ନାମଲେଖା ସଂଖ୍ୟା ଏତେଟା ➾ପୃଷ୍ଠା-୬

## ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହେଲେ ମନୋଜ ସାହୁ



ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ): ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ୨୦୦୬ ବ୍ୟାଚ୍ ଏଜିଏମୟୁଟି କ୍ୟାଡ଼ରର ଆଇଏଏସ୍ ମନୋଜ କୁମାର ସାହୁଙ୍କୁ ଆଜି ନିଯୁକ୍ତି ମିଳିଛି । ରାଜ୍ୟ ସରକାରଙ୍କ ଅନୁରୋଧରେ ଶ୍ରୀ ସାହୁଙ୍କୁ କେନ୍ଦ୍ର ସରକାର ଗତମାସରେ ଓଡ଼ିଶାକୁ ପଠାଇଥିଲେ। ଶ୍ରୀ ସାହୁ ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ପ୍ରାୟ ୩ବର୍ଷ ଧରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ ତୁଲାଇଥିଲେ । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଶ୍ରୀ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେ ଆଇଏଏସ୍ କ୍ୟାଡ଼ରରେ ସ୍ୱତନ୍ତ୍ର ସଚିବ ପାହ୍ୟାର ସୁବିଧାସୁଯୋଗ ପାଇବେ । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ଅରିନ୍ଦମ ଡାକୁଆଙ୍କୁ ଗୁରୁବାର ବଦଳି କରାଯିବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଅବଶ୍ୟ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ➾ପୃଷ୍ଠା-୬

## ପାହାଡ଼ ଲୁଟେରା କରୁଛନ୍ତି ଭୂମିକମ୍ପ: ଥରୁଛି ଧର୍ମଶାଳା

- ଖାଦାନ ସୁରକ୍ଷା ମହାନିର୍ଦ୍ଦେଶାଳୟଙ୍କ ଭୂମିକା ନେଇ ପ୍ରଶ୍ନବାଚୀ
- ଧର୍ମଶାଳାରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ବି ବେଆଇନ ବ୍ଲାଷ୍ଟିଂ କଲେ ମାଫିଆ



ଯାଜପୁର,୪।୧ (ସଂଚାର ବ୍ୟୁରୋ): ପ୍ରକୃତି ନୁହେଁ ବରଂ ପାହାଡ ମାଫିଆଙ୍କ ପାଇଁ ହେଉଛି ଭୂମିକମ୍ପ। ପ୍ରବଳ ଶୀତରେ ନୁହେଁ ୱାଗନ ହୋଲ ବ୍ଲାଷ୍ଟିରେ ଥରୁଛି ଧର୍ମଶାଳାର ମାଟି । ଫାଟି ଯାଉଛି ଘରର କାନ୍ଥ ଓ ଛାତ। ଭାଙ୍ଗି ପଡୁଛି ଘରର ଆଜବେଷ୍ଟସ। ଖାଦାନ ସୁରକ୍ଷା ନିର୍ଦ୍ଦେଶକଙ୍କ ସମସ୍ତ ବ୍ୟବସ୍ଥାକୁ ଫୁ କରି ଉଡାଇ ଦେଇଛନ୍ତି ପାହାଡ ମାଫିଆ । କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଖାଦାନ ସୁରକ୍ଷା ମହାନିର୍ଦ୍ଦେଶାଳୟ ହସ୍ତକ୍ଷେପ ପରେ ଏହି ବିପଦ ଜନକ ବ୍ଲାଷ୍ଟିଂ ଅଧିକ ବଢ଼ିଛି। ଏଥିପାଇଁ ନିର୍ଦ୍ଦେଶାଳୟର ଭୂମିକା ଏବଂ ନିଷ୍ଠା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇ ଘୋର ଉଦବେଗ ପ୍ରକାଶ ପାଇଛି ।

ଯାଜପୁର ଜିଲ୍ଲାର ଧର୍ମଶାଳା ଅଂଚଳରେ ପାହାଡ ମାଫିଆଙ୍କ ଉତ୍ପାତ ବିଗତ ୨୦ ବର୍ଷର ସୀମା ପାର ହୋଇ ଯାଇଛି । ସନ୍ଧ୍ୟା ପରେ ହେଉଥିବା ଗୋଟିଏ ଗୋଟିଏ ବ୍ଲାଷ୍ଟିରେ ଧର୍ମଶାଳାର ବାଜବାଟୀ, ଆରୁହା, ବରଡା, ଡଙ୍କାରୀ, ରାହାଡପୁର, ବିଛାଖଣ୍ଡୀ ଆଦି ପାହାଡ ସଂଲଗ୍ନ ପ୍ରାୟ ୫୦ ଟି ଗ୍ରାମରେ ମୃଦୁ ଭୂମିକମ୍ପ ହେବା ଭଳି ଅନୁଭବ ହେଉଛି। ଗୋଟିଏ ଗୋଟିଏ ବ୍ଲାଷ୍ଟିର ପ୍ରଭାବରେ ପାହାଡରୁ ଏକକାଳୀନ ୧୦୦ ରୁ ୩୦୦ ଟ୍ରିପ ପର୍ଯ୍ୟନ୍ତ ପଥର ଖସୁଛି। ଏହାର ପ୍ରଭାବରେ ଘର ଗୁଡିକ 'କଟ କଟ' ଶବ୍ଦ କରୁଥିବା ବେଳେ କାନ୍ଥ ଓ ଛାତ ଫାଟି ଯାଉଛି । ଏହିସବୁ ପାହାଡ ସଂଲଗ୍ନ ଯାଜପୁର ଜିଲ୍ଲାର ଧର୍ମଶାଳା, ବଡଚଣା ଏବଂ ସୁକିନ୍ଦା ବ୍ଲକ ସମେତ ଢେଙ୍କାନାଳ ଜିଲ୍ଲାର ଗାଁ ଗୁଡିକରେ ଘର ଫାଟି ଯାଉଛି। ବୟସ୍କ, ବୃଦ୍ଧ, ଗର୍ଭବତୀ ନାରୀ, ହାର୍ଟ ପେସେଣ୍ଟ ଏବଂ ଶିଶୁଙ୍କ ଉପରେ ଏହାର ବ୍ୟାପକ କୁପ୍ରଭାବ ପଡୁଛି। ବାଜବାଟୀ ପାହାଡରେ ୨ ନଂବର ୬ ନଂବର ଖାଦାନରେ ଏଭଳି ରାବଣରାଜ ଚାଲିଛି। ଏହି ଖାଦାନ ସଂଲଗ୍ନ ଲିଜ ନଥିବା ପାହାଡର ଅବଶିଷ୍ଟ ଅଂଶରୁ ମଧ୍ୟ ଲୁଟ ଚାଲିଛି । ଏଠାରେ ୩ ନଂବର ଏବଂ ୫ ନଂବର ଖାଦାନ, ଆରୁହା ପାହାଡର ଦୁଇଟି ଖାଦାନ, ଡଙ୍କାରୀ, ରାହାଡପୁର, ବିଛାଖଣ୍ଡୀରେ ଏଭଳି ବେଆଇନ କାର୍ଯ୍ୟ ଚାଲିଛି। ବରଡା ପାହାଡରେ ଗୋଟିଏ ଉନ୍ନୟନ କାର୍ଯ୍ୟ ପାଇଁ ଆବଶ୍ୟକ ଚିପ୍ସ ପାଇଁ ପରମିଟ ସୂତ୍ରରେ ପାହାଡ ଲିଜ ନିଆ ଯାଇଛି। ହେଲେ ବରଡାରେ ରାଜନୈତିକ ଚାପରେ କେତେକ ଲିଜ ନଥିବା ପାହାଡ ଅଂଚଳରୁ ଗତ ୬ ମାସ ମଧ୍ୟରେ ପ୍ରାୟ ୮୦ କୋଟି ଟଙ୍କାର କଳାପଥର ➾ପୃଷ୍ଠା-୬

## ଲୁଟ୍‌ବେଳେ ଗୁଳିମାଡ଼: ୨ ମୃତ

- ଜଣକୁ ମାଡ଼ିବସି ନିସ୍ତୁକ ପିଟିଲେ
- ୨ ଲୁଟେରା ଫେରାର



ପାଣିକୋଇଲି,୪।୧ (ସଂଚାର ବ୍ୟୁରୋ): ଅଳଙ୍କାର ଦୋକାନରୁ ଲୁଟ୍ କରି ଚମ୍ପଟ ମାରୁଥିଲେ ୩ ଲୁଟେରା। ପିଛା କଲା ବେଳେ ଲୁଟେରାଙ୍କ ଗୁଳି ମାଡ଼ରେ ଚାଲିଗଲା ଦୁଇ ଜଣଙ୍କ ଜୀବନ। ଗୁଳି ମାଡ଼ ପରେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଯିବା ଭୟରେ ଗାଡ଼ିଆ ଭିତରେ ପଶି ଯାଇଥିଲେ ଲୁଟେରା। ସ୍ଥାନୀୟ ଲୋକେ ଗାଡ଼ିଆ ଭିତରେ ସେମାନଙ୍କୁ ମାଡ଼ିବସିଲେ। ଆଜି ଏପରି ହୃଦୟବିଦାରକ ଘଟଣା ଯାଜପୁର ଜିଲ୍ଲାରେ ଘଟିଛି।

ପାଣିକୋଇଲି ଛକରେ ରହିଛି ପଣ୍ଡା ଅଳଙ୍କାର। ଆଜି ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ୩ ଦୁର୍ବୃତ୍ତ ସାଧାରଣ ଗ୍ରାହକଙ୍କ ପରି ଦୋକାନ ଭିତରେ ପଶିଥିଲେ। ଆଉ ଗହଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ନିଜ ପାଖରେ ରଖିଥିବା ପିସ୍ତଲ ବାହାର କରି ଗହଣା ଦୋକାନୀ କର୍ମଚାରୀଙ୍କୁ ଭୟଭୀତ କରାଯାଇଥିଲେ। ଏପରିକି ଫାଙ୍କା ଗୁଳି ଚାଳନା କରିଥିଲେ। ଯେଉଁଥିପାଇଁ ଗହଣା ଦୋକାନୀ କର୍ମଚାରୀମାନେ ଡ଼ରି ଯାଇଥିଲେ। ତା'ପରେ ସବୁ ଗହଣାକୁ ଗୋଟିଏ ବ୍ୟାଗରେ ପୁରାଇ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ।

ଲୁଟ୍ କରିବା ପରେ ଦୋକାନକୁ ଗହଣା କିଣିବାକୁ ଆସିଥିବା ଜଣେ ବ୍ୟକ୍ତିଙ୍କ ବାଇକ୍ ଧରି ଚମ୍ପଟ ମାରୁଥିଲେ ୩ ଦୁର୍ବୃତ୍ତ। ଆଉ ସେମାନଙ୍କୁ କାର୍‌ରେ ପିଛା କରିଥିଲେ ଗହଣା ଦୋକାନର କର୍ମଚାରୀ ସୁନୀଲ୍ ରାୟ ଓ ତାଙ୍କ ସାଥୀ। ପାଣିକୋଇଲି ଛକଠାରୁ ଅଳ୍ପ ଦୂରରେ ଥିବା ବିଦ୍ୟୁତ ଅଫିସ୍ ଆଗରେ ଲୁଟେରାଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ ସୁନୀଲଙ୍କ କାର୍। ତା'ପରେ ୩ ଦୁର୍ବୃତ୍ତ ସେଠାରେ ପଡ଼ି ଯାଇଥିଲେ। ତଳୁ ଉଠିବା ପରେ ଲୁଟେରାମାନେ ଅନ୍ଧାଧୂନ୍ ଗୁଳି ଚଳାଇ ଥିଲେ। ଯେଉଁଥିରେ ଗୁରୁତର ଆହତ ହୋଇଥିଲେ ଅଫିସ୍ ଆଗରେ ଛିଡ଼ା ହୋଇଥିବା ବିଦ୍ୟୁତ କର୍ମଚାରୀ ନୀଳମାଧବ ପଣ୍ଡା, କାର୍ ଭିତରେ ଥିବା ସୁନା ଦୋକାନୀ କର୍ମଚାରୀ ସୁନୀଲ ରାୟ ଓ ତାଙ୍କ ସାଥୀ। ସମସ୍ତଙ୍କୁ ➾ପୃଷ୍ଠା-୬

## ଚାଷୀ ଓ ମହିଳାଙ୍କୁ ଅଗ୍ରାଧିକାର ଦେଉଛି ଡବଲ ଇଞ୍ଜିନ ସରକାର



ସମ୍ବଲପୁର,୪।୧ (ସଂଚାର ବ୍ୟୁରୋ): ଚାଷୀ ଓ ମହିଳାଙ୍କୁ ଅଗ୍ରାଧିକାର ଦେଉଥିବା ଡବଲ ଇଞ୍ଜିନ ସରକାର ଲୋକଙ୍କ ପାଇଁ କାମ କରୁଥିବା ସରକାର ବୋଲି ଶନିବାର "ସମ୍ବଲପୁର ଲୋକ୍ ମହୋତ୍ସବ- ୨୦୨୫"ର ଉଦଘାଟନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ସେ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରର ଲୋକଙ୍କ ସରକାର ପାଇଁ କାମ କରୁଛି। ରାଜ୍ୟରେ ଅଦିନିଆ ବର୍ଷା ହେଲା ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ କ୍ଷେତକୁ ଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିବା ପାଇଁ ଗଲେ। ଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ତ୍ୱରିତ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୨୯୧ କୋଟି ଟଙ୍କା ଘୋଷଣା କରାଗଲା। ଓଡ଼ିଶାରେ ପୂର୍ବରୁ ଏମିତି କେବେ ହୋଇନାହିଁ । ସେହିପରି କେନ୍ଦ୍ର ସରକାରଙ୍କ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ରାଜ୍ୟ ସରକାର ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି । ➾ପୃଷ୍ଠା-୬

## ରାୟଗଡା ରେଳ ଡିଭିଜନ ପାଇଁ ଆଜି ଭିତ୍ତିପ୍ରସ୍ତର

ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାୟଗଡା ରେଳ ମଣ୍ଡଳ ପାଇଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହାସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନୂତନ ଜାମ୍ମୁ ରେଳ ରେଳ ମଣ୍ଡଳ ଏବଂ ଚର୍ଲାପଲ୍ଲୀ ନୂଆ ଟର୍ମିନାଲ ଷ୍ଟେସନକୁ ଉଦଘାଟନ କରିବେ । ପ୍ରଧାନମନ୍ତ୍ରୀ ଓଡ଼ିଶାର ରାୟଗଡା ରେଳ ମଣ୍ଡଳ ପାଇଁ ମଧ୍ୟ ଶିଳାନ୍ୟାସ କରିବେ । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜାମ୍ମୁ ଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବେ । ରାୟାଗଡା ରେଳ ମଣ୍ଡଳ ମୁଖ୍ୟାଳୟ ଭବନର ନିର୍ମାଣ ପାଇଁ ପ୍ରକଳ୍ପର ଆନୁମାନିକ ➾ପୃଷ୍ଠା-୬

ରାଜଧାନୀର ଚର୍ଚ୍ଚିତ ମହିଳା ଦଲାଲ ହଂସିକା ଓ ତାଙ୍କ ଆଶିକ୍ ସୁନୀଲ ମହାନ୍ତିଙ୍କୁ ନେଇ ଗୋଟିଏ ପରେ ଗୋଟିଏ ରୋଚକ ଖବର ଆସୁଥିବାବେଳେ ଏବେ ସେଥିରେ ଜଣେ ବିଧାୟକ ନାଁ ଯୋଡିହୋଇ ଯାଇଛି। ଭଦ୍ରକ ଜିଲ୍ଲାର ବିଧାୟକ ଜଣଙ୍କ ହଂସିକା-ସୁନିଲଙ୍କ ନୂଆବର୍ଷ ପାର୍ଟିକୁ ରଙ୍ଗିନ୍ କରିଥିବାବେଳେ ଏବେ ତାଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ହଂସିକା-ଅନୀଲ ନୂଆବର୍ଷର କିଛିଦିନ ପୂର୍ବରୁ ଅର୍ଥାତ୍ ଡିସେମ୍ବର ୨୪ ତାରିଖରେ ପଟିଆ ସ୍ଥିତ ଗଲଫ୍ କ୍ଲବରେ ନୂଆବର୍ଷ ପାର୍ଟି ଆୟୋଜନ କରିଥିଲେ । ଏଥିରେ ଅନ୍ୟମାନଙ୍କ ସହିତ ଭଦ୍ରକ ଜିଲ୍ଲାର ଜଣେ ରଙ୍ଗିଲା ମିଜାଜର ବିଧାୟକ ଯୋଗ ଦେଇଥିଲେ । ରାତି ବଢ଼ିବା ସହିତ



## ହଂସିକାଙ୍କ ପାର୍ଟିକୁ ରଙ୍ଗିନ କରିଥିବା ବିଧାୟକ ଛାନିଆ

ବିଧାୟକ ଜଣଙ୍କ ହଂସିକାଙ୍କ ସହିତ ହାତ ଧରି ଗୀତର ତାଳେ ତାଳେ ନାଚ ଆରମ୍ଭ କରିଥିବାବେଳେ ଅନୀଲ କୁଆଡେ ସେମାନଙ୍କୁ ଉତ୍ସାହିତ କରିଥିଲେ। ହଂସିକାଙ୍କ ବାହୁରେ ହଜିବାକୁ ଉଦ୍ୟମ କରିଥିବା ବିଧାୟକଙ୍କୁ ହଂସିକା ବି ନିଜର ବେପାରକୁ ଦୃଷ୍ଟିରେ ରଖି ସୁଯୋଗ ଦେଇଥିଲେ । ଏବେ ହଂସିକାଙ୍କ କାରନାମାର ପର୍ଦ୍ଦାଫାଶ ହେବାପରେ ବିଧାୟକ ଜଣଙ୍କ ଅତ୍ୟନ୍ତ ଆତଙ୍କିତ ଅବସ୍ଥାରେ ଅଛନ୍ତି । କଥା ଘରେ ପହଞ୍ଚିଲେ ତାକୁ କୌଣସି ପ୍ରକାରେ ମ୍ୟାନେଜ କରିବାର ଯୋଜନା ଚଳାଇଥିବାବେଳେ ପୁଲିସ୍ କିମ୍ବା ଆୟକର ବିଭାଗ ଯଦି ଡାକିବ ତେବେ କ'ଣ କରିବେ ସେହି ଚିନ୍ତାରେ ଏବେ ରାତି ରଙ୍ଗିନ କରିଥିବା ବିଧାୟକଙ୍କୁ ନିଦ ହେଉନାହିଁ । ଉଲ୍ଲେଖକରାଯାଇ ପାରେ ଯେ, ହଂସିକା ଓ ଅନିଲ ନିଜକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅଜ୍ୱାଇଁର ପରିଚୟ ଦେଇ ଓଡ଼ିଶାର ହାଇପ୍ରୋଫାଇଲ୍ ଲୋକଙ୍କ ସହ ସମ୍ପର୍କ ରଖିବା ସହିତ ବଡ଼ବଡ଼ ଡିଲ୍ କରି କୋଟି କୋଟି ଟଙ୍କା କମାଇଛନ୍ତି। ଏହି ମାମଲାରେ ଉଭୟଙ୍କୁ ପୋଲିସ୍ ଗିରଫ କରି ତଦନ୍ତ ଚଳାଇଥିବାବେଳେ ସେମାନଙ୍କ ଆର୍ଥିକ କାରବାର ଉପରେ ଆୟକର ବିଭାଗ ନଜର ରଖିଛି।



### କାନ ଡେରିଥା

ମଣିଷ ମାରୁଛି ମଣିଷକୁ ଏଠି
ଜାଣିଛି ମାରିଲେ ପାପ
ନୃଶଂସ ହେଉଛି ମଣିଷ ଜାତିଟା
କାମ କି ଦେଉନି ତପ ?
ନିଈତି ତୁଳସୀ ଜପ...
ପ୍ରଭୁଙ୍କର ଏହି ଦୁର୍ଲଭ ପ୍ରଜାତି
ହୁଅନ୍ତି ବିଷାକ୍ତ ସାପ ।

■ ଦେବାଶିଷ

## ବିଜେଡିକୁ ଅଡୁଆ ଦରଦାମ ବୃଦ୍ଧି ଆନ୍ଦୋଳନ

- ପ୍ରସଙ୍ଗକୁ ନେଇ ନେତାଏ ବାଉଳା
- ୨୫ବର୍ଷର ହିସାବ ମାଗିବେ ରାଜ୍ୟବାସୀ

ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ): ଆସନ୍ତା କାଲି ଠାରୁ କେନ୍ଦ୍ର ବିରୁଦ୍ଧରେ ଆନ୍ଦୋଳନ ପାଇଁ ବିଜେଡି ଦରଦାମ ବୃଦ୍ଧି ପ୍ରସଙ୍ଗକୁ ବାଛିଥିବାବେଳେ ଏହା ଏବେ ଖୋଦ ଦଳ ପାଇଁ ଅଡୁଆ ହେଲାଣି । ୨୫ବର୍ଷ ଧରି ଲଗାତାର ନିରଙ୍କୁଶ କ୍ଷମତା ଉପଭୋଗ ପରେ ଦରଦାମ କ'ଣ ପାଇଁ ବଢ଼ିଛି ତାହା କାହାକୁ ପଚାରିବେ ବୋଲି ବଡ ବଡ ନେତା ବି ଜାଣିପାରୁ ନାହାନ୍ତି ।

ଦରଦାମ ବୃଦ୍ଧି ଏବେ ଲୋକଙ୍କୁ ବି ଢେର ବାଧୁଛି । ଏହି ଦରବୃଦ୍ଧି ସାମଗ୍ରୀ ତାଲିକାରେ ସବୁଠାରୁ ଆଗରେ ରହିଛି ଆଳୁ, ପିଆଜ, ରସୁଣ, ଅଦା ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହିତ ଖାଇବା ତେଲ ଓ ଡାଲି ଇତ୍ୟାଦି । ବଜାରକୁ ବ୍ୟାଗ ନେଇ ବାହାରିଲେ ଲୋକେ ଏହି ଦରବୃଦ୍ଧିର ଚକ୍ରବ୍ୟୂହରେ ପଡୁଛନ୍ତି । ରାଗ ତମ ତମ ହୋଇ ଘରକୁ ଫେରୁଛନ୍ତି । ହେଲେ ଏହିସବୁ ସାମଗ୍ରୀର ଦରବୃଦ୍ଧି ଦର୍ଶାଇ ରାସ୍ତାଘାଟରେ କେନ୍ଦ୍ର ବିରୁଦ୍ଧରେ କହିଲେ ବିଜେଡି ଲୋକହସା ହେବା ସାର ହେବ ।

କାରଣ ଲଗାତାର ଭାବେ ରାଜ୍ୟରେ ୨୫ବର୍ଷ କ୍ଷମତାରେ ଥିବା ନବୀନ ସରକାର ଚାଉଳ ବ୍ୟତିତ ଅନ୍ୟ କୌଣସି ସାମଗ୍ରୀରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିପାରୁ ନାହାନ୍ତି । ଆଳୁ, ପିଆ ଠାରୁ ତେଲ ପର୍ଯ୍ୟନ୍ତ ସବୁକିଛି ରାଜ୍ୟ ବାହାରୁ ଆମଦାନୀ ହେଉଛି । ଏପରିକି ଓଡ଼ିଶାରୁ ଉତ୍ପାଦିତ ଡାଲି, ପିଆଜ ଆଦି ଅମଳ ସମୟରେ ଅନ୍ୟ ରାଜ୍ୟ ବେପାରୀଙ୍କ ହାତକୁ ଯାଇ ପରେ ଓଡ଼ିଶାକୁ ଅଖା ବଦଳ ହୋଇ ଫେରୁଛି ।

ରାଜ୍ୟରେ ବାର୍ଷିକ ୧୪ଲକ୍ଷ ମେଟ୍ରିକ ଟନ୍ ଆଳୁ ଆବଶ୍ୟକ ଥିବାବେଳେ ସରକାର ୨୫ବର୍ଷରେ ୪ଲକ୍ଷ ମେଟ୍ରିକ ଟନ୍ ଫଳାଇବାକୁ ସକ୍ଷମ ହୋଇନାହାନ୍ତି । ଡାଲି, ତେଲ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା । କୋଟି କୋଟି ଟଙ୍କାର ସବସିଡ୍ କେବଳ ଚଳୁ କରିଛନ୍ତି । ଯାହାର ଫଳ ସ୍ୱରୂପ ରାଜ୍ୟ ବାହାରର ବ୍ୟବସାୟୀମାନେ ଓଡ଼ିଶାରୁ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି ।

କେନ୍ଦ୍ର ସରକାରଙ୍କ ଟିକସ ଦେଶର ସବୁ ରାଜ୍ୟପାଇଁ ସମାନ । ଯଦି ଆମର ଦୁଇ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଆଳୁ ସମେତ ଅନ୍ୟାନ୍ୟ ପରିବାରେ ସ୍ୱାବଲମ୍ବି ହେବା ସହିତ ଆମକୁ ବିକ୍ରି କରି କୋଟି କୋଟି ଟଙ୍କା ମୁନାଫା ଉଠାଇ ପାରୁଛନ୍ତି ତେବେ ଓଡ଼ିଶାରେ କାହିଁକି ହୋଇପାରି ନାହିଁ । ୪୮୦ କିଲୋମିଟରର ବିସ୍ତୀର୍ଣ୍ଣ ବେଳାଭୂମି ସହିତ ନଦୀ ନାଳ ଭରା ଓଡ଼ିଶା ଆଜି କୃଷି କ୍ଷେତ୍ରରେ ଢେର ପଛରେ । ୨୫ବର୍ଷର ସରକାର ରାଜ୍ୟରେ ୨୫ଟି ଶୀଳତଭଣ୍ଡାର ବି ଚଳାଇ ପାରିନାହାନ୍ତି। ତୈଳ ଉତ୍ପାଦନରେ ଏକଦା ସାରା ଦେଶରେ ନାଁ କରିଥିବା ସୁବର୍ଣ୍ଣା ସଂସ୍ଥାରେ ତାଲା ଝୁଲାଇ ଦେଇଛନ୍ତି ।

ଆଳୁ ମିଶନ ନାଁରେ କୋଟି କୋଟି ଟଙ୍କା ନେତା ଓ ବାବୁଙ୍କ ପକେଟକୁ ଯାଇଛି। ପ୍ରତି କ୍ଷେତ୍ରରେ ➾ପୃଷ୍ଠା-୬

# ଶ୍ରୀବଳଦେବଜୀଉ ମନ୍ଦିରର ଉନ୍ନତି ପାଇଁ ଅଣ୍ଟା ଭିଡ଼ିଲେ ବିଧାୟକ

**କେନ୍ଦ୍ରାପଡା, ୪।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉ ମନ୍ଦିର ଉନ୍ନତି କରଣ ପାଇଁ ନୂଆ ଆଶା ସଞ୍ଚାର ହୋଇଛି। ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଶନିବାର ହୋଇଥିବା ବୈଠକରେ ମନ୍ଦିରର



ସାମୂହିକ ଉନ୍ନତ୍ତିକରଣ ପାଇଁ ପ୍ରସ୍ତାବ ରଖିଛନ୍ତି। ଓଡ଼ିଶା ଲୋକସେବା ଭବନରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଇନ ମନ୍ତ୍ରୀ ପୃଥିଯାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ, ବିଭାଗୀୟ ଅଧିକାରୀ,ସଚିବ ଓ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ହେଉଛନ୍ତି ପ୍ରଭୁ ଶ୍ରୀ ବଳଦେବଜୀଉ। ବର୍ଷସାରା ଅନେକ ଜିଲ୍ଲା ଓ ଜିଲ୍ଲା ବାହାରୁ ଅନେକ ଭକ୍ତଙ୍କ ସମାଗମ ହୋଇଥାଏ। ରଥଯାତ୍ରା ସମୟରେ କୋଣ ଅନୁକୋଣରୁ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ। ମନ୍ଦିର ନିକଟରେ ଓ ପାର୍ଶ୍ୱବର୍ତ୍ତୀ ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ମଧ୍ୟ ଦେଖାଦିଏ। ଏହି ସମସ୍ୟାରୁ ମୁକ୍ତି ଓ ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନକୁ ଆଖି ଆଗରେ ରଖିବା ସହିତ ମନ୍ଦିରର

**ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହିତ ଆଲୋଚନା**

**ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ପାଇଁ ବ୍ଲୁ ପ୍ରିଣ୍ଟ**

ରୋଷ ଘର ଉନ୍ନତିକରଣ, ଚନ୍ଦନ ପୋଖରୀର ପୁନଃରୁଦ୍ଧାର କିପରି ହୋଇପାରିବ ତାହା ଉପରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ।

ଏହି ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅତିରିକ୍ତ ଶାସନସଚିବ ବିଭୂପ୍ରସାଦ ପଣ୍ଡା, ଦେବୋତ୍ତର କମିଶନର,କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ସହ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବିପଦ ସଙ୍କୁଳ ଅବସ୍ଥାରେ ଚାଲିଛି ତେର ଗାଁ ଘାଟ

**ମହାକାଳପଡ଼ା, ୪।୧ (ସଂଚାର ବ୍ୟୁରୋ):** ତେର ଗାଁ-ମହାକାଳପଡ଼ା ଘାଟକୁ ନେଇ ଏବେ ସନ୍ଦେହ ବଢ଼ିଛି। ବିନା ଲାଇଫ ଜ୍ୟାକେଟରେ ବିପଦପୂର୍ଣ୍ଣ ନୌକା ଯାତ୍ରା ସମ୍ପର୍କରେ ସଂଚାରରେ ଗତ ୨୭ ଡିସେମ୍ବର ରେ ଖବର ପ୍ରକାଶ ପାଇଥିଲା। ପ୍ରତିଦିନ ଶହ ଶହ ଲୋକେ ଜୀବନରୁ ପାଣି ଛଡାଇ ଜୀବନ, ଜୀବିକା ଓ ଦରକାରୀ କାର୍ଯ୍ୟ ପାଇଁ ଏହି ଘାଟ ଉପରେ ନିର୍ଭର କରନ୍ତି। ହେଲେ ବିନା ଲାଇଫ ଜ୍ୟାକେଟରେ ଆବଶ୍ୟକତା ଠାରୁ ଅଧିକ ଲୋଡ୍ କରି ଘାଟିଆ ଡଙ୍ଗା ଚଳାଇବା ଉପରେ ଉଠିଥିଲା ପ୍ରଶ୍ନ। ହେଲେ ଆଜି ସଂଚାର ହାତରେ ଯେଉଁ ତଥ୍ୟ ଲାଗିଛି ତାହା ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ।



**ଲାଇଫ୍ ଜ୍ୟାକେଟ, ପଞ୍ଜିକରଣ, ଲାଇସେନ୍ସ ନେଇ ଆଶଙ୍କା**

**ତଥ୍ୟ ଦେଉନି ମହାକାଳପଡ଼ା ପଞ୍ଚାୟତ ସମିତି**

ଏହି ନଦୀ ଘାଟ ସମ୍ପର୍କରେ ମହାକାଳପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ସୂଚନା ମାଗିଥିଲେ ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ। ତେର ଗାଁରୁ ମହାକାଳପଡ଼ା ଘାଟର ନିଲାମି କେବେ ହୋଇଥିଲା ? କିଏ କିଏ ଏହି ନିଲାମି କାର୍ଯ୍ୟକ୍ରମରେ ସାମିଲ ଥିଲେ, କେତେ ଟଙ୍କାରେ ଘାଟ ନିଲାମ ହୋଇଥିଲା, ନିଲାମ ସମୟରେ ଡଙ୍ଗାର ଯାଞ୍ଚ୍ ହୋଇଥିବା ସୂଚନା, ଯେଉଁ ବ୍ୟକ୍ତି ଡଙ୍ଗା ଚଲାଉଛି ତାହାର ଲାଇସେନ୍ସ ଓ କେତୋଟି ଲାଇଫ ଜ୍ୟାକେଟ କିଣା ହୋଇଥିଲା ଓ କେବେ କିଣା ହୋଇଥିଲା ତାହାର ସମସ୍ତ ତଥ୍ୟ ୨୭ ଅଗଷ୍ଟରେ କାର୍ଯ୍ୟାଳୟକୁ ଚିଠି କରିଥିଲେ ହେଲେ ମାସେ ବିତିଯାଇଥିଲେ ମଧ୍ୟ କାର୍ଯ୍ୟାଳୟ ତରଫରୁ କୌଣସି ସୂଚନା ମିଳିନଥିଲା। ଯାହା ବିରୋଧରେ ୨୮ ସେପ୍ଟେମ୍ବରରେ ସୂଚନା ଅଧିକାର ଆଇନ ୨୦୦୫ ଅନୁଯାୟୀ ପ୍ରଥମ ଅପିଲ କରିଛନ୍ତି ସୁବ୍ରତ। ସୂଚନା ପ୍ରଦାନ ନକରିବା ଅନୁସାରେ ଧାରା ୧୯(୮) ଅନୁଯାୟୀ ଲୋକ ସୂଚନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ୨୫୦୦୦ ଟଙ୍କା ଜୋରିମାନା ଦେବାକୁ ସେ ଦାବି କରିଛନ୍ତି। ଯାହାକୁ ନେଇ ଏବେ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି।

ଯଦି ଡଙ୍ଗାର ନିଲାମି ପ୍ରକ୍ରିୟା ପ୍ରଶାସନର ସହଭାଗିତାରେ ହୋଇଛି ତେବେ ଲୋକ ସୂଚନା ଅଧିକାରୀ ଆବଶ୍ୟକୀୟ ସୂଚନା ଲୁଚାଉ ଛନ୍ତି କାହିଁକି ? ଏଠି ଲୋକ ସୂଚନା ଅଧିକାରୀଙ୍କ ସୂଚନା ଲୁଚାକୁ ନେଇ ଯେତିକି ସନ୍ଦେହ ବଢୁନି ସେତିକି ସନ୍ଦେହ ଏବେ ଘାଟରେ ଚାଲୁଥିବା ଡଙ୍ଗା ଓ ଘାଟିଆ ଉପରେ ବଢୁଛି। ଲୋକଙ୍କ ଜୀବନ ସହିତ ସମ୍ପୃକ୍ତ ଘାଟିଆ ଓ ପ୍ରଶାସନ ଖେଳୁଛନ୍ତି ବୋଲି ଆଲୋଚନା ହେଉଛି। ଯଦି ଘାଟରେ କିଛି ଅଘଟଣ ଘଟେ ତେବେ କିଏ ଏଥିପାଇଁ ଦାୟୀ ହେବେ ? ଜିଲ୍ଲା ପ୍ରଶାସନ ଏହି ଘଟଣାରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଚାନ୍ଦିବାଉଁଶମୂଳ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ



**ରାଜନଗର, ୪।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ବର୍ଷ ପୂର୍ତି ଅବସରରେ ସୁବର୍ଣ୍ଣଜୟନ୍ତୀ ଉତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ଏହି ଉତ୍ସବ ପାଳନ କରାଯିବ। ଆଜି ଉଦ୍‌ଘାଟନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହିତ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତାଙ୍କର ଉଦ୍‌ଘାଟନୀ ଅଭିଭାଷଣରେ ୫୦ବର୍ଷ ପୂର୍ବେ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଓ ମୁରବୀମାନଙ୍କ ଦ୍ୱାରା ୧୯୭୩ ମସିହାରେ ସ୍ଥାପନ କରାଯାଇଥିବା ଏହି ଶିକ୍ଷାନୁଷ୍ଠାନ ଆଜି ୫୦ ବର୍ଷରେ ପାଦ ଥାପିଥିବାରୁ ନିଶ୍ଚିତ ଭାବରେ ଏହା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ହୋଇ ରହିବ ବୋଲି କହିଥିଲେ। ୧୯୭୧ ସାମୁଦ୍ରିକ ଝଡରେ ଏ ଅଞ୍ଚଳ ଯେତେବେଳେ ଦୁର୍ଦ୍ଦଶା ଭିତରେ ଗତି କରୁଥିଲା, ସେହି ସମୟରେ ଶିକ୍ଷାର ପ୍ରଦୀପ ଭାବେ ଜନ୍ମ ନେଇଥିବା ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ସେବେଠୁଁ ଆଜିଯାଏଁ ଅନେକ ସୁଯୋଗ୍ୟ ଛାତ୍ର ସୃଷ୍ଟି କରିଛନ୍ତି, ଯେଉଁମାନେ ଏ ଅଞ୍ଚଳ ଏବଂ ବିଦ୍ୟାଳୟ ପାଇଁ ସ୍ୱର୍ଣ୍ଣିମ ସ୍ୱାକ୍ଷର ବହନ କରିଛନ୍ତି। ପୁରାଣ ପୃଷ୍ଠାର ଭକ୍ତ ପ୍ରହ୍ଲାଦଙ୍କ ଉକ୍ତିକୁ ଉଦ୍ଧାର କରି ବିଧାୟକ ଶ୍ରୀ ସାହୁ ଗୁରୁଶିଷ୍ୟ ପରମ୍ପରାର ମହନୀୟ ଗାଥାକୁ ବର୍ଣ୍ଣନା କରିବା ସହିତ ଆଜିର ଛାତ୍ର ଛାତ୍ରୀମାନେ ନିଜେ ସଂକଳ୍ପ ନେଲେ ପରବର୍ତୀ ସମୟରେ ସମାଜରେ ଜଣେ ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସୁଲେଖିକା, ସୁନାମଧନ୍ୟ କଥାକାର ଡଃ. ସୁଲୋଚନା ଦାସ ଯୋଗଦେଇ ମହାନ ସ୍ୱାଧୀନତା ସଂଗ୍ରାମୀର ତ୍ୟାଗ, ତିତିକ୍ଷା, ସମର୍ପଣ ଏବଂ ଦେଶପ୍ରୀତି ଏବଂ ଅଜସ୍ର ସ୍ୱାଧୀନତା ସଂଗ୍ରାମୀମାନଙ୍କ ରକ୍ତ ରଞ୍ଜିତ ମାଟିରେ ଏବେବି ଅଲିଭା କାହାଣୀ ଉଜ୍ଜିବୀତ ହୋଇ ରହିଛି। ସମୟ ସ୍ରୋତରେ ଆଜିର ଯୁବସମାଜ ବା ଛାତ୍ର ଛାତ୍ରୀ ସେମାନେ ସେହି ମହାନ ସନ୍ତାନ ମାନଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହେଲେ ସେମାନେ ଜଣେ ଜଣେ ଦେଶଭକ୍ତ ହୋଇପାରିବେ ବୋଲି କହିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ମହେଶ୍ୱର ରାଉତଙ୍କ ପୌରୋହିତ୍ୟ ଏବଂ ସାର୍ଥକ ଟିଭିର ଉଦ୍‌ଘୋଷିକା ମିସ୍ ମୋନାଲିସାଙ୍କ ସଂଯୋଜନାରେ ଆୟୋଜିତ ବର୍ଣ୍ଣାଢ୍ୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଅନାଦି ଚରଣ ଜେନା, ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ବେହେରା, କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ରାଉଳ ପ୍ରମୁଖ ଯୋଗଦେଇଥିଲେ।

### ବରିଷ୍ଠ କିରାଣୀଙ୍କ ଲାଞ୍ଚ ଘଟଣା

# ଘଟଣାକୁ ଭିତ୍ତିହୀନ କହିଲେ ଉପଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ୪।୧ (ସଂଚାର ବ୍ୟୁରୋ):** ସରକାରୀ କର୍ମଚାରୀ ହୋଇ କାର୍ଯ୍ୟାଳୟ ମଧ୍ୟରେ ସରକାରୀ ନିୟମରୁ ଉର୍ଦ୍ଧ୍ୱରେ ରହି ଟଙ୍କା ଗ୍ରହଣ କରିବା ଏବଂ ସେହି ଟଙ୍କାକୁ ନିଜ ପକେଟ୍ ମଧ୍ୟରେ ରଖିବା ସରକାରଙ୍କ ବ୍ୟବସ୍ଥାକୁ ପଦାରେ ପକାଉଛି । ସରକାରଙ୍କ ଦ୍ୱାରା ହୋଇଥିବା ନିୟମ କାନୁନ ଖୁଲମ୍ ଖୁଲା ଉଲଂଘନ କରି ଜଣେ ସରକାରୀ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ଦୃଶ୍ୟ ପଦାକୁ ଆସିଥିବା ବେଳେ ଏବେ ତାହାକୁ ମିଥ୍ୟା ବା ଭିତ୍ତିହୀନ ବୋଲି ଦର୍ଶାଯାଇଛି । ଯାହାକୁ ନେଇ ଘଟଣାର କରୁଥିବା ତଦନ୍ତ ଅଧିକାରୀ ଏବଂ ଉପରିସ୍ଥ ବଡ଼ ବାବୁଙ୍କ ଭୂମିକାଙ୍କୁ ନେଇ ଏବେ ସନ୍ଦେହ ଘେରକୁ ଆସିଛି ।

ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ କିରାଣୀ ପ୍ରମୋଦ ରାଉତ ମହାକାଳପଡ଼ାର ମନିଷା ଦେବୀଙ୍କ ଯାତ୍ରା ଅନୁମତି ବାବଦରେ ଲାଞ୍ଚ ନେଉଥିବା ଭିଡିଓ ସୋସିଆଲ ମିଡ଼ିଆ ଘୁରି ବୁଲିବା ସହିତ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ପ୍ରଶାସନ କିନ୍ତୁ



**ରିପୋର୍ଟକୁ ନେଇ ସନ୍ଦେହ !**

ନୀରବ ରହିଥିଲା। କେବଳ ଲାଞ୍ଚ ନୁହେଁ ଉକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଆହୁରି ଅନେକ ସଙ୍ଗୀନ ଅଭିଯୋଗ ମଧ୍ୟ ବିଭିନ୍ନ ଲୋକେ ଆଣିଥିଲେ । ଉକ୍ତ କର୍ମଚାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବାତ ଦୂରର କଥା ଏହି ବାବଦରେ ପଚରା ଉଚରା କରାଯାଇନଥିଲା । ଯାହାକୁ ନେଇ କାହିଁକି ସଂପୃକ୍ତ କର୍ମଚାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ବୋଲି ଦଳିତ ନେତା ନଗେନ୍ଦ୍ର ଜେନା ପ୍ରଶ୍ନ ମଧ୍ୟ ଉଠାଇଥିଲେ । ଘଟଣାକୁ ଦୀର୍ଘ ଦିନ ବିତିଗଲା ପରେ ପ୍ରଶାସନ ନିରବତା ପାଇଁ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀରେ ଅଭିଯୋଗ କରାଯାଇଥିଲା । ଏହି ଅଭିଯୋଗ ପରେ ଜିଲ୍ଲା ପ୍ରଶାସନକୁ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ମଗାଯାଇଥିଲା । ହେଲେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ କେନ୍ଦ୍ରାପଡା ଉପଜିଲ୍ଲାପାଳ ଗତ ୧୨ ଡିସେମ୍ବର ୨୦୨୪ ଦେଇଥିବା ଚିଠି ନମ୍ବର ୧୧୯୬୧ରେ ଘଟଣା ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ସହ ସୁକଳ୍ପିତ ବୋଲି ଦର୍ଶାଇଛନ୍ତି । ଏବେ ସବୁଠୁ ବଡ଼ ପ୍ରଶ୍ନ ଉଠିଛି କି ସଂପୃକ୍ତ କିରାଣୀ ଜଣଙ୍କ ଯଦି ରେଡକ୍ରସ ପାଇଁ ଟଙ୍କା ନେଲେ ତେବେ ନିଜ ପକେଟ୍‌ରେ କାହିଁକି ପୁରାଇଥିଲେ ? ନିୟମ ଅନୁଯାୟୀ ଯାତ୍ରା ବାବଦରେ ରେଡକ୍ରସକୁ ଦୁଇ ହଜାର ଟଙ୍କା ଦେବାଲାଗି ନିୟମ ଥିବା ବେଳେ କିରାଣୀ ଜଣଙ୍କ ପନ୍ଦର ସହ ଟଙ୍କା କାହିଁକି ନେଇଥିଲେ ? ଏହାକୁ ନେଇ ଏବେ ନାନାଦି ପ୍ରଶ୍ନ ଉଠିଛି।

### କୀଟନାଶକ ପିଇ ଚାଷୀଙ୍କ ମୃତ୍ୟୁ

# ଉଜୁଡ଼ା ଫସଲ ପାଇଁ ଆତ୍ମହତ୍ୟା ଅଭିଯୋଗ



**କେନ୍ଦ୍ରାପଡା, ୪।୧ (ସଂଚାର ବ୍ୟୁରୋ):** ଅଦିନିଆ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କ୍ଷେତରେ ଉଜୁଡ଼ା ଫସଲ ଦେଖି ଶନିବାର ଦିନ ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। କରଜକରି ଚାଷ କରିଥିବା ଫସଲ ନଷ୍ଟ ହୋଇଯାଇ କାରଣରୁ କିପରି ଉଦ୍ଧାର ଟଙ୍କା ଶୁଝିବେ ଚାଷୀ ଜଣଙ୍କ ଚିନ୍ତିତ ହୋଇପଡ଼ିଥିଲେ। ଶେଷରେ ମାନସିକ ଭାବେ ଭାଙ୍ଗିପଡ଼ି କୀଟନାଶକ ପିଇ ନିଜର ଜୀବନ ହାରିଛନ୍ତି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡା ଜିଲ୍ଲାରେ ଦେଖିବାକୁ ମିଳିଛି । ଆଳି ଥାନା ଅନ୍ତର୍ଗତ କୋଳିଡିହ ଗ୍ରାମର ଚାଷୀ କୈଳାସ ଚନ୍ଦ୍ର ଧଳ (୫୭) ଉଜୁଡା ଫସଲ ହାନି ଯୋଗୁ ବିଷ ପିଇ ଆତ୍ମାହତ୍ୟା କରିଛନ୍ତି । ସୂଚନା ମୁତାବକ ମୃତ କୈଳାସ କରଜ କରି ୯ ଏକର ଜମି ଧାନ ଚାଷ କରିବା ପାଇଁ ବିଭିନ୍ନ ଲୋକଙ୍କ ଠାରୁ ହାତ ଉଦ୍ଧାରି ଭାବେ ୩ ଲକ୍ଷ ଟଙ୍କା ଧାର କରଜ କରିଥିଲେ । ଅଦିନିଆ ଲଗାଣ ବର୍ଷାରେ ପାଚିଲା ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ଧାନ ଗଜା ହେବା ପରେ କୈଳାସ ଧାର କରଜ ଶୁଝିବା ଚିନ୍ତାରେ ମାନସିକ ଭାରସାମ୍ୟ ହରାଇଥିଲେ। ଉଜୁଡା ଫସଲ କ୍ଷେତକୁ ସକାଳୁ ଯାଇ ସନ୍ଧ୍ୟାରେ ଫେରୁଥିଲେ । ଶୁକ୍ରବାର ରାତିରେ ସେ ବିଷପିଇ ଥିବାରୁ ପରିବାର ଲୋକେ ସ୍ଥାନୀୟ ଆଳି ମେଡିକାଲ ନେଇଯାଇଥିଲେ କିନ୍ତୁ ଡାକ୍ତର କୈଳାସଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଶନିବାର କୈଳାଶଙ୍କ ପୁତୁରା କୁମାରସେନ ଧଳ ଆଳି ଥାନା ରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଆଳି ପୋଲିସ ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମଦ ଦୋକାନ ସ୍ଥାନାନ୍ତର ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା, ୪।୧ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅନ୍ତର୍ଗତ ଯଦୁପୁର ପଞ୍ଚାୟତ ଅଧୀନ ଓସ୍ତର ଗ୍ରାମ୍ୟ ଛକ ରାସ୍ତାରେ ବିଦେଶୀ ମଦ ଦୋକାନ ଖୋଲାଯାଇଛି। ମଦ ଦୋକାନକୁ ଲାଗି ମା ବ୍ରଜବୁଢ଼ି ସରକାରୀ ବିଦ୍ୟାଳୟ , ଗୋପୀନାଥପୁର ଶାସନ ସରକାରୀ ବିଦ୍ୟାଳୟ , ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟ , ଗୋଷ୍ଟେଶ୍ୱର ମହାଦେବ ମନ୍ଦିର ଓ ଓସ୍ତର୍ ସାପ୍ତାହିକ ହାଟ ରହିଥିବାବେଳେ ଜିଲ୍ଲା ପ୍ରଶାସନ କିପରି ସେ ଜାଗାରେ ଥିବା ମଦ ଦୋକାନକୁ ସ୍ଥାନାନ୍ତର କରୁନାହିଁ । ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ସବୁ ଜାଣି ନ ଜାଣିବାର ଅଭିନୟ କରିଚାଲିଛି । ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର ବିରୋଧ କରି ଆଜି ଯଦୁପୁର ପଞ୍ଚାୟତ ସରପଞ୍ଚଙ୍କ ସହିତ ୧୦୦ ରୁ ଉର୍ଦ୍ଧ ଗ୍ରାମବାସୀ ମଦ ଦୋକାନ ସ୍ଥାନାନ୍ତର ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ବିଶ୍ୱ ବ୍ରେଲୀ ଦିବସ ପାଳନ

# ବିଭିନ୍ନ ବର୍ଗର ପ୍ରତିଯୋଗୀ ପୁରସ୍କୃତ



**କେନ୍ଦ୍ରାପଡା, ୪।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରସଂସ୍ଥା ଦୃଷ୍ଟିବାଧିତ ବିଦ୍ୟାଳୟ ପରିସରରେ ବିଶ୍ୱ ବ୍ରେଲୀ ଦିବସ ଓ ବ୍ରେଲୀ ଲିପିର ଜନକ ମହାତ୍ମା ଲୁଇସ୍ ବ୍ରେଲ୍‌ଙ୍କ ୨୧୬ତମ ଜୟନ୍ତୀ ପାଳିତ ହୋଇଯାଇଛି ।

ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ତିରୁପତି ରେଡ଼ି, ପୁନର୍ବାସର ସହସମ୍ପାଦକ ବଂଶୀଧର ମହାନ୍ତି, ସମାଜସେବୀ କ୍ଷୀରୋଦ କର ପ୍ରମୁଖ ଯୋଗଦେଇ ମହାତ୍ମା ଲୁଇସ୍ ବ୍ରେଲ୍‌ଙ୍କ ଜୀବନୀ, ଦୃଷ୍ଟିବାଧିତ ବ୍ୟକ୍ତିମାନଙ୍କ ପ୍ରତି ଥିବା ତାଙ୍କ ଅବଦାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନେ ବ୍ରେଲୀ ଲିଖନ, ପଠନ, ସଙ୍ଗୀତ, ବକ୍ତୃତା, ଦୌଡ଼ ଆଦି ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ପିଲାମାନଙ୍କୁ ଶୀତବସ୍ତ୍ର ବନ୍ଟନ କରାଯାଇଥିଲା । ସହକାରୀ ଶିକ୍ଷୟତ୍ରୀ ସୋନାଲିକା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶାରୀରିକ ଶିକ୍ଷା ଶିକ୍ଷକ ଭରତ କୁମାର ସାହୁ, ସଙ୍ଗୀତ ଶିକ୍ଷୟତ୍ରୀ ସସ୍ମିତା ରାଉତ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଗୀତା ଦାସ, ବିକାଶ ଦାସ, ଅଲେଖ ଜେନା, ମହେନ୍ଦ୍ର ପ୍ରସାଦ ସିଂ, ମାନିନୀ ବେହେରା, ମନୋଜ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

ଏଥିରେ ବହୁ ଅଭିଭାବକ ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ସହକାରୀ ଶିକ୍ଷକ ଅରୁଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ନବ ନିର୍ମିତ ରାସ୍ତାରେ ଫାଟ

### ନିମ୍ନମାନର କାମ ହେଉଥିବା ଅଭିଯୋଗ ଆଣିଲେ ଲୋକେ

**ମହାକାଳପଡ଼ା, ୪।୧ (ସଂଚାର ବ୍ୟୁରୋ):** ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟରତ ଆଶ୍ରମ ବାଲିକୁଦା ଠାରୁ କରଞ୍ଜ ପଞ୍ଚାୟତ ପିଚୁ ସଡକ ଅତି ନିମ୍ନ ମାନର ହେଉଥିବା ଅଭିଯୋଗ ହେଉଛି। ରାସ୍ତା କାମ ପିଚୁ ହେବାର ଦୁଇଦିନ ଯାଇନି ହେଲେ ରାସ୍ତାରେ ଦେଖାଦେଲାଣି ଫାଟ। ଉପରେ ଉପରେ ବଜୁରି ଛିଞ୍ଚି ଠିକାଦାର କାମ କରିଦେଉଛି। ଯାହା କେଇଟା ଦିନରେ ନଷ୍ଟ ହୋଇଯିବ। ଏମିତି ଅଭିଯୋଗ ଆଣି କିଛି ସ୍ଥାନୀୟ ଯୁବକମାନେ ରାସ୍ତା କାର୍ଯ୍ୟକୁ ବିରୋଧ କରିଥିବା ଦେଖିବାକୁ ମିଳିଛି।



ଦହିମାଛ ମଠ ନିକଟରେ ଜ୍ଞାନ ନାୟକ, ସ୍ମୃତିରଞ୍ଜନ ରାଉତ, ଜିତେନ୍ଦ୍ର ରାଉତଙ୍କ ସମେତ କିଛି ଯୁବକ ଆଜି ସକାଳୁ ପିଚୁ କାମ ଚାଲୁଥିବା ସମୟରେ ରାସ୍ତା କାମକୁ ବିରୋଧ କରିଥିଲେ। ତାଙ୍କ କହିବା କଥା ରାସ୍ତା କାମରେ ଜେଇ ଉପସ୍ଥିତ ରହୁ ନାହାଁନ୍ତି। ୪୦ ମିଲିମିଟର ଅର୍ଥାତ ୫.୫୭୫ ଇଞ୍ଚ୍ ର ବଜୁରି ପଡ଼ିବା ବଦଳରେ ତାହାଠାରୁ କମ୍ ମୋଟେଇରେ ବଜୁରି ବିଛାଯାଇ କାମ ହେଉଛି। ଏମିତି କାମ ହୋଇପାରିବ ନାହିଁ। ଉପରିସ୍ଥ କର୍ମଚାରୀମାନଙ୍କ ଉପସ୍ଥିତି ସହ ଠିକ୍ ଭାବରେ କାମ କରିବାକୁ ସେମାନେ କହିଛନ୍ତି। ଯଦି ଏମିତି ନିମ୍ନମାନର କାର୍ଯ୍ୟ ହୁଏ ତେବେ ଏହି କାମ କରାଇ ଦିଆଯିବ ନାହିଁ।

ଅଭିଯୋଗ ପାଇ ଘଟଣା ସମ୍ପର୍କରେ ଜାଣିବାକୁ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିଥିଲୁ ହେଲେ ଯୋଗାଯୋଗ ସମ୍ଭବ ହେଲା ନାହିଁ। ବିଭାଗୀୟ ଯନ୍ତ୍ରୀ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା କାମ ସଠିକ୍ ଢଙ୍ଗରେ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓଲାଭର ବଜାରରୁ ମଦ ଦୋକାନ ହଟାଇବାକୁ ଦାବି

**ରାଜକନିକା, ୪।୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକର ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳୀ ଓଲାଭର ବଜାରରୁ ସରକାରୀ ମଦ ଦୋକାନ ସ୍ଥାନାନ୍ତରଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

ସୂଚନା ମୁତାବକ ଓଲାଭର ବଜାର ହିଁ ଏକମାତ୍ର ବଜାର ଯେଉଁଠି ରାତି ପାହିଲେ ଶହ ଶହ ଲୋକ ବିଭିନ୍ନ ପ୍ରାନ୍ତରୁ ଆସିଥାନ୍ତି। ଡାକ୍ତରଖାନା, ସ୍କୁଲ, କଲେଜ, ଖେଳ ପଡ଼ିଆ, ମଠ ମନ୍ଦିର ପ୍ରମୁଖ ସ୍ଥାନ ଏଠାରେ ଥିବାରୁ ପ୍ରତ୍ୟେହ ଲୋକମାନଙ୍କ ଆତଯାତ ଲାଗିଥାଏ। କିନ୍ତୁ ପରିତାପର ବିଷୟ ସରକାରଙ୍କ ଦେଶୀ ମଦ ଭାଟି ଯଥାକ୍ରମେ ବଜାରର ମଧ୍ୟସ୍ଥଳ ଓ ବଜାର ପ୍ରବେଶ ପଥ ପୂର୍ତ୍ତି ବିଭାଗ ରାସ୍ତା କଡରେ ଥାଇ ସାମାଜିକ ସ୍ଥିରତାକୁ ପ୍ରଭାବିତ କରୁଛି। ଛୋଟପିଲା, କଲେଜ ଛାତ୍ରୀ, ମହିଳା ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ ଏଇ ବଜାରକୁ ଆସିଲା ମାତ୍ରେ ହିଁ ମଦୁଆମାନଙ୍କ କୁରୁଚିପୂର୍ଣ୍ଣ ମନ୍ତବ୍ୟ, ମାଡ଼ପିଟି ଓ ଗଣ୍ଡଗୋଳକୁ ସାମ୍ନା କରିବାକୁ ପଡିଥାଏ। ଯଦ୍ୱାରା ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତ । ଏଇ ବଜାରରୁ ମଦ ଦୋକାନ ସ୍ଥାନାନ୍ତରିତ ନିମନ୍ତେ ଦୀର୍ଘଦିନ ହେବ ମଧ୍ୟ ଦାବି ହୋଇ ଆସୁଛି । ଏ ସଂପର୍କରେ ବହୁବାର ଗଣମାଧ୍ୟମରେ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ଥାନାନ୍ତରଣ ନେଇ ଦାବି ହୋଇ ଆସୁଛି । ହେଲେ ଅବକାରୀ ବିଭାଗ ଏଭଳି ଏକ ପ୍ରସଙ୍ଗ ଉପରେ କର୍ଣ୍ଣପାତ ନକରି ନିରବଦ୍ରଷ୍ଟା ସାଜିଛି । ଫଳରେ ଅଞ୍ଚଳ ବାସୀଙ୍କ ପକ୍ଷରୁ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି । ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ବିପୁଳ ଚୋରା ମଦ ଜବତ, ୧୩ କୋର୍ଟ ଚାଲାଣ



**କେନ୍ଦ୍ରାପଡା, ୪।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅବକାରୀ ଅଧିକ୍ଷକଙ୍କ ତତ୍ୱାବଧାନ ରେ ବିଭିନ୍ନ ସ୍ଥାନରେ ଚଢାଉ କରି ୩ ମହିଳାଙ୍କ ସମେତ ୧୦ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏମାନେ ହେଲେ ଛଚନା ର ଦୁଷ୍ମନ୍ତ କୁମାର ଜେନା, ଡେରାବିଶର ରାଜେନ୍ଦ୍ର ସେନାପତି, ବଳଗଣ୍ଡି ର ଚିତ ରଞ୍ଜନ ସାହୁ, ପ୍ରଭାକରପୁର ର ଚାନ୍ଦ ରାଉତ, କାଳିଆ ଖିଲାର, କାଳିଆ ରାଉତ, ସର୍ବେଶ୍ୱର ଖିଲାର, ସତୀ ବେହେରା, ପଦ୍ମିନୀ ସ୍ୱାଇଁ, ଭବାନୀ ଶଙ୍କର ସିହ୍ନାଙ୍କୁ ଗିରଫ କରାଯାଇ ଏମାନଙ୍କ ପଖରୁ ଦେଶୀ, ବିଦେଶୀ ଓ ରନ୍ଧା ବିପୁଳ ପରିମାଣ ରେ ମଦ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ବଳାତ୍କାର ଉଦ୍ୟମ କରି ଯୁବକ ଗିରଫ

**ଖୋର୍ଦ୍ଧା, ୪।୧ (ସଂଚାର ବ୍ୟୁରୋ):** ନାବାଳିକାଙ୍କୁ ବଳତ୍କାର ଉଦ୍ୟମ ଅଭିଯୋଗରେ ଆଦର୍ଶ ଥାନା ପୋଲିସ ଜଣେ କାମୁକ ଯୁବକଙ୍କୁ ଗିରଫ କରିଛି। ପୀଡିତା ଶୁକ୍ରବାର ରାତିରେ ଘରୁ ସାଇକେଲ ଯୋଗେ ନିଜ ମାମୁଁଘରକୁ ଫେରୁଥିବା ବେଳେ ଜୈନିକ ଯୁବକ ଜଣକ ଛାତ୍ରୀଙ୍କୁ ବଳତ୍କାର କରିବା ପ୍ରୟାଶ କରିଥିବା ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ପିଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ଖୋର୍ଦ୍ଧା ପୁଲିସ ଏକ କେଶ ରୁଜୁକରି ତଦନ୍ତ ଚଳାଇ ଯୁବକକୁ ଗିରଫ କରିବା ସହିତ ତାଙ୍କ ନାମରେ ୪/୨୦୨୫ରେ ଏକ କେଶ ରୁଜୁକରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ସୂର୍ଯ୍ୟ ମନ୍ଦିର ମୁଖ୍ୟ ରାସ୍ତା ମଝିରୁ ହଟିଲା ଜବରଦଖଲ

**କୋଣାର୍କ, ୪।୧ (ସଂଚାର ବ୍ୟୁରୋ):** ପ୍ରବାସୀ ଭାରତୀୟମାନଙ୍କ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା ବେଳେ କୋଣାର୍କ ଏନଏସି ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସୂର୍ଯ୍ୟ ମନ୍ଦିର ମୁଖ୍ୟ ରାସ୍ତାର ମଝିରେ ବେଆଇନ ଭାବେ ଖଟ ପକାଇ ରାଜରାସ୍ତାକୁ ଅବରୋଧ କରି ବ୍ୟବସାୟ କରୁଥିବା ବ୍ୟବସାୟ ମାନଙ୍କୁ ଉଚ୍ଛେଦ କରାଯାଇଛି।



ଖବରରୁ ପ୍ରକାଶ ଯେ ଦୀର୍ଘଦିନ ଧରି କୋଣାର୍କ ସୂର୍ଯ୍ୟ ମନ୍ଦିର ମୁଖ୍ୟ ରାସ୍ତା ମଝିରେ ବେଆଇନ ଭାବେ ଖଟ ପକାଇ ରାସ୍ତା ଅବରୋଧ କରି ବ୍ୟବସାୟ କରିବା ଘଟଣାକୁ ନେଇ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିବା ବେଳେ ଏଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ଯାଉ ନ ଥିଲା। ରାଜ୍ୟ ସରକାରଙ୍କ କଡା ନିର୍ଦ୍ଦେଶ କ୍ରମେ ଓଡିଶା ଗସ୍ତରେ ଆସୁଥିବା ପ୍ରବାସୀ ଭାରତୀୟମାନଙ୍କ କୋଣାର୍କ ଗସ୍ତ ଅବସରରେ ପୁରୀ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ସାବାସୀ ନେବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମାନଙ୍କ ମହଲରେ ଆଲୋଚନା ହେଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାର ଅନୁପାଳନ ପୂର୍ବକ ପ୍ରବାସୀ ଭାରତୀୟ ମାନଙ୍କ କୋଣାର୍କ ଆଗମନ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଏଭଳି ଲୋକ ଦେଖାଣିଆ ପଦକ୍ଷେପ ଗ୍ରହଣ କରିବା କୋଣାର୍କ ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ଏହି ଉଚ୍ଛେଦ ସମୟରେ କୋଣାର୍କ ପୋଲିସ ପ୍ରଶାସନ ଓ କୋଣାର୍କ ଏନଏସି ପ୍ରଶାସନ ଉପସ୍ଥିତରେ ପ୍ରବାସୀ ଭାରତୀୟ ମାନଙ୍କ ସମ୍ମାନ ରଖିବା ପାଇଁ ଏଭଳି ଉଚ୍ଛେଦ ହୋଇଥିବା କୁହାଯାଉଛି।

## ସହରାଞ୍ଚଳ ପୁଲିସ ତରଫରୁ 'ସେଫ ସିଟି ଡ୍ରାଇଭ'



**ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):** ସହରରେ ଘଟୁଥିବା ବିଭିନ୍ନ ଅପରାଧକୁ ହ୍ରାସ କରିବା ସହିତ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଆଖି ଆଗରେ ରଖି ଭୁବନେଶ୍ୱର-କଟକ ଦ୍ୱୈତ ନଗରୀର ପୁଲିସ କମିଶନର ତଥା ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶ କ୍ରମେ 'ସେଫ ସିଟି ଡ୍ରାଇଭ' ଅଭିଯାନ କ୍ରମରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ତରଫରୁ ବିଭିନ୍ନ ଥାନା ଅଞ୍ଚଳରେ ନାଇଟ ବୁକିଙ୍ଗ ତଥା ଚେକିଙ୍ଗ ଅଭିଯାନ କଡାକଡି ଭାବେ ଚାଲୁଅଛି। ଏହି ଧରପଗଡ ଅଭିଯାନରେ ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ଯାନବାହାନକୁ ଯାଞ୍ଚ କରାଯିବା ସହିତ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟ କଳାପ ବିରୋଧରେ ମଧ୍ୟ ଧରପଗଡ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ ଆବଶ୍ୟକ ସ୍ଥଳେ ଗାଡି ଜବତ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ଗତକାଲି ରାତିରେ ଭୁବନେଶ୍ୱର ସହରାଞ୍ଚଳରେ ଥିବା କ୍ୟାପିଟାଲ ଥାନା, ଖାରବେଳନଗର ଥାନା, ଧଉଳି ଥାନା, ଏୟାରଫୋଲ୍ଡ ଥାନା, ଏୟାରପୋର୍ଟ ଥାନା, ଭରତପୁର ଥାନା, ଖଣ୍ଡଗିରି ଥାନା, ଲକ୍ଷ୍ମୀସାଗର ଥାନା, ବଡଗଡ ଥାନା, ଶହୀଦନଗର ଥାନା, ମଞ୍ଚେଶ୍ୱର ଥାନା, ନୟାପଲ୍ଲୀ ଥାନା, ମୈତ୍ରୀ ବିହାର ଥାନା, ଚନ୍ଦକା ଥାନା, ଚନ୍ଦ୍ରଶେଖରପୁର ଥାନା ଓ ନନ୍ଦନକାନନ ଥାନାର ବିଭିନ୍ନ ସ୍ଥାନ ମାନଙ୍କରେ ସମ୍ପୃକ୍ତ ଥାନା ଆଇଆଇସି ଓ ଏସିପିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ନାଇଟ ବୁକିଙ୍ଗ କରାଯାଇଥିବା ବେଳେ, ଏହି ଅଭିଯାନରେ ପୁଲିସ ଅଧିକାରୀ ଏବଂ ଥାନା କର୍ମଚାରୀଙ୍କ ସମେତ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଆରପିଏଫ) ମଧ୍ୟ ସାମିଲ ହୋଇଥିଲେ ।

# ଯାଜପୁରରେ ହେବ ୧ ଲକ୍ଷ କୋଟି ନିବେଶ

## ଡଙ୍କାରି ପାହାଡ ପାଦ ଦେଶରେ ହେବ ତୈଳ ଭଣ୍ଡାର-ମୁଖ୍ୟମନ୍ତ୍ରୀ




**ଯାଜପୁର,୪।୧ (ସଂଚାର ବ୍ୟୁରୋ):** ଆଜି ଯାଜପୁର ଜିଲ୍ଲାର ଧର୍ମଶାଳା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଚନ୍ତି ଯେ ଯାଜପୁର ଜିଲ୍ଲାରେ ଆଗାମୀ ଦିନରେ ଏକ ଲକ୍ଷ କୋଟି ଟଙ୍କାର ନିବେଶ କରାଯିବ। ଯାଜପୁର ଜିଲ୍ଲାର ଡଙ୍କାରି ପାହାଡ଼ର ପାଦ ଦେଶରେ ଭାରତୀୟ ତୈଳ ନିଗମ ଦ୍ୱାରା ଅଠର ହଜର କୋଟି ଟଙ୍କା ବିନିଯୋଗରେ ତୈଳ ଭଣ୍ଡାର ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ପାଞ୍ଚ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ । ଏହା ସହିତ କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା ପ୍ରକଳ୍ପର ସମ୍ପ୍ରସାରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଐତିହ୍ୟ ଓ ପରମ୍ପରାର ସୁରକ୍ଷା ନିମନ୍ତେ ଯାଜପୁର ଜିଲ୍ଲାର ଏହି ପ୍ରୟାସକୁ ଅନେକ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥଲେ ଯେ ପ୍ରାଚୀନ ବୌଦ୍ଧ ପୀଠ ଓ ଐତିହ୍ୟ ସମ୍ପନ୍ନ ପବିତ୍ର ଭୂଖଣ୍ଡ ଭାବେ ପରିଚିତ ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳ ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଏହି ମହୋତ୍ସବ ପାଳନ ହେଉଛି ଆମ ପରମ୍ପରା, କଳା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନକୁ ସମୃଦ୍ଧ କରିବା ସହିତ ଏହାର ପ୍ରଚାର ପ୍ରସାର ପାଇଁ ଏହି ମହୋତ୍ସବ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ସେ କହିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଧର୍ମଶାଳାର ଯୋଗଦାନ ଉଲ୍ଲେଖ ଯୋଗ୍ୟ ଥିଲା। ଅଞ୍ଚଳର ସଂଗ୍ରାମୀମାନେ ଦେଶ ପାଇଁ ସେମାନଙ୍କର କର୍ତ୍ତବ୍ୟ ନିର୍ବାହ କରିଛନ୍ତି। ଧର୍ମଶାଳା ମାଟିରୁ ଜନ୍ମ ନେଇ ଦେଶ ଓ ଜାତି ପାଇଁ ଅନେକ ଅବଦାନ ରଖି ଯାଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ ମାଟିରେ ଜନ୍ମ ନେଇଥିବା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଜଣେ ପ୍ରତିଭା ସମ୍ପନ୍ନ ଶିଶୁ ସାହିତ୍ୟିକ। ଏ ମାଟିରୁ ପ୍ରକାଶ ପାଉଛି ଓଡ଼ିଶାର ଲୋକପ୍ରିୟ ସାହିତ୍ୟ ପତ୍ରିକା ଗୋକର୍ଣିକା। ସ୍ୱାଧୀନତା ଆନ୍ଦୋଳନ ଠାରୁ ଆରମ୍ଭ କରି ଓଡ଼ିଆ ସାହିତ୍ୟ ଓ ରାଜ୍ୟ ରାଜନୀତି କ୍ଷେତ୍ରରେ ଧର୍ମଶାଳା ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଛି। ରାଜ୍ୟରେ ଏକ କୃଷି ପ୍ରଧାନ ଅଞ୍ଚଳ ଭାବେ ଧର୍ମଶାଳା ଅଞ୍ଚଳର ସ୍ୱତନ୍ତ୍ରତା ରହିଛି। ମା' ବିରଜା ଓ ପ୍ରଭୁ ଗୋକର୍ଣେଶ୍ୱରଙ୍କ ଆଶୀର୍ବାଦରୁ ବ୍ରାହ୍ମଣୀ ନଦୀର ଉଭୟ ପାର୍ଶ୍ୱ ଅଞ୍ଚଳରେ କୃଷକମାନେ ପ୍ରଚୁର ଫସଲ ଉତ୍ପାଦନ କରିଥାନ୍ତି। ସାମ୍ପ୍ରଦାୟିକ ସଦଭାବର ଏକ ସୁନ୍ଦର ଉଦାହରଣ ହେଉଛି ଧର୍ମଶାଳା ଅଞ୍ଚଳ ବୋଲି ସେ କହିଥିଲେ। ଓଡ଼ିଶାର ସବୁଠାରୁ ଅଧିକ ଶିଳ୍ପାୟନ ଜିଲ୍ଲା ହେଉଛି ଯାଜପୁର ଆଜି ଯାଜପୁର କେବଳ ଓଡ଼ିଶା ନୁହେଁ ସାରା ଦେଶରେ ଇସ୍ପାତ ରାଜଧାନୀ ଭାବେ ଖ୍ୟାତି ପ୍ରାପ୍ତ ହୋଇଛି। ଆଗାମୀ ଦିନରେ ଏହି ପ୍ରକ୍ରିୟା ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୁନଶ୍ଚ ଶ୍ରୀ ମାଝୀ କହିଥିଲେ ଯେ ଯାଜପୁର ଜିଲ୍ଲାର ତିନି ଗୋଟି ପରିଚୟ ମା ବିରଜା, ଶିଳ୍ପ, ଏବଂ ବୈତରଣୀ । ଏହି ତିନୋଟି ପରିଚୟକୁ ଆହୁରି ବିକାଶ କରାଯିବ ଆମ ସରକାର ସାରା ରାଜ୍ୟରେ ଯେଉଁ ବିକାଶର ଧାରା ଆରମ୍ଭ କରିଛନ୍ତି, ତାହା ଯାଜପୁରରେ ମଧ୍ୟ ଜାରି ରହିବ। ଯାଜପୁର ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ଆମର ପ୍ରାଥମିକ ଲକ୍ଷ୍ୟ ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଜୁଳି ଓ ଗମନାଗମନ ଭଳି ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି।

## ଟ୍ୱିନ୍ ସିଟି କ୍ରାଇମ୍

### ଚୋରା ମଦ ବିକ୍ରି ଅଭିଯୋଗରେ ଗିରଫ



**ଭୁବନେଶ୍ୱର,୪।୧(ସଂଚାର ବ୍ୟୁରୋ):** ଇନ୍‌ଫୋସିଟି ଥାନା ପୁଲିସ ବେଆଇନ ଦେଶୀମଦ ବିକ୍ରୟ କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଇନ୍‌ଫୋସିଟି ଥାନାର ଏକ ପେଟ୍ରୋଲିଂ ଟିମ ଚୂନାକୋଳି ବସ୍ତିରେ ଅତର୍କିତ ଚଢଉ କରିବା ସହିତ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରୟ ଅଭିଯୋଗରେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ତଲାସି ବେଳେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୨୦.୮ ଲିଟର ଦେଶୀମଦ ଓ ୩.୯ ଲିଟର ବିଦେଶୀ ମଦ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ଏହି ମଦ ବିକ୍ରୟ କରିବା ନେଇ କୌଣସି ଅନୁମତି ପତ୍ର ଦେଖାଇ ପାରିନଥିବା ବେଳେ, ନିଜର ଅପରାଧ ସ୍ୱୀକାର କରିଥିଲେ।

### ଗାଡି ଧକାକୁ ନେଇ ଗଣ୍ଡଗୋଳ



**ଭୁବନେଶ୍ୱର,୪।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ରାଧାକାନ୍ତ ପଣ୍ଡାଙ୍କ ଏତଲା ଆଧାରରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଗତ ତା୨୯ ରିଖ ସନ୍ଧ୍ୟାରେ ନିଜ ଅଟୋ ନେଇ ୟୁନିଟ-୧ ମାର୍କେଟରୁ ସର୍ଭିସ ରାସ୍ତା ଦେଇ ଶିଶୁଭବନ ଛକ ଅଭିମୁଖେ ଯାଉଥିବା ବେଳେ, ରାସ୍ତାରେ ଅଭିଯୁକ୍ତଙ୍କ ମୋଟରସାଇକେଲ ସହ ତାଙ୍କ ଅଟୋ ର ଧକା ହୋଇଥିଲା। ଏହାକୁ ନେଇ ଅଭିଯୁକ୍ତ ଜଣକ ଉତ୍ତେଜିତ ହୋଇ ଅଭିଯୋଗକାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ । ଯାହା ଫଳରେ ଅଭିଯୋଗକାରୀ ଜଣକ ଘଟଣା ସ୍ଥଳରେ ଆହତ ହୋଇଥିଲେ । ପରେ ସେ ଅନ୍ୟ ସାଥୀ ଅଟୋ ଚାଳକଙ୍କ ସାହାଯ୍ୟରେ ଥାନାକୁ ଆସି ଅଭିଯୋଗ କରିଥିଲେ। ଏହି ମାମଲାର ତଦନ୍ତ କରି କ୍ୟାପିଟାଲ ଥାନା ପୁଲିସ ଅଭିଯୁକ୍ତଙ୍କୁ କେଦାରପଲ୍ଲୀ ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ ।

### ଶିଶୁପୁତ୍ରର ଜୀବନ ନେଲା ବେପରୁଆ ଡ୍ରାଇଭିଂ



**ଭୁବନେଶ୍ୱର,୪।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ସାନନ୍ଦ ଦିଗଲଙ୍କ ଏତଲା ଆଧାରରେ ତମାଣ୍ଡୋ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ପରିବାର ସହ ତମାଣ୍ଡୋ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମରେ ରୁହନ୍ତି । ସେ ଗତ ତା.୩ ରିଖ ଦିନ ମଧ୍ୟାହ୍ନରେ ନିଜ ପତ୍ନି ଏବଂ ୧୯ ମାସର ଶିଶୁ ପୁତ୍ର ସହ ଘର ନିକଟରେ ଯାଉଥିବା ବେଳେ, ଅଭିଯୁକ୍ତ ଜଣକ ମୃଦୁ ପାନୀୟ ବୋତଲ ଭର୍ତ୍ତି ହୋଇଥିବା ଟାଟା ଇଣ୍ଡା ନାମକ ଏକ ଚାରିଚକିଆ ଯାନ ବେପରୁଆ ତଥା ଦ୍ରୁତ ଗତିରେ ଚାଳନା କରି ଆଣିବା ସହିତ ତାଙ୍କ ଶିଶୁପୁତ୍ରକୁ ଖୁବ ଜୋରସେ ଧକ୍କା ଦେଇ କିଛି ଦୂର ପର୍ଯ୍ୟନ୍ତ ଟାଣି ନେଇଯାଇଥିଲେ । ଏହି ଦୁର୍ଘଟଣା ଫଳରେ ଶିଶୁପୁତ୍ରଟି ଗୁରୁତର ଆହତ ହୋଇଥିଲା । ପରିବାର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦା ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ଘଟଣା ସ୍ଥଳରୁ ଉଦ୍ଧାର କରି ହସ୍ପିଟାଲକୁ ସ୍ଥାନାନ୍ତର କରିଥିବା ବେଳେ, ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ଏହି ଦୁର୍ଘଟଣା ଘଟିବା ପରେ ଗାଡି ଚାଳକ ଜଣକ ଆହତ ଶିଶୁପୁତ୍ରକୁ ହସ୍ପିଟାଲକୁ ନେବାରେ ସାହାଯ୍ୟ କରିବା ପରିବର୍ତ୍ତେ ଘଟଣା ସ୍ଥଳରେ ଗାଡି ଛାଡି ଦଉଡି ପଳାଇ ଯାଇଥିଲେ ।

### ବାନ୍ଧବୀଙ୍କ ପାଇଁ ମାଡ଼ ଖାଇ ଥାନାରେ ପହଞ୍ଚିଲେ ବନ୍ଧୁ



**ଭୁବନେଶ୍ୱର,୪।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ପ୍ରଭାସ ରାଉତଙ୍କ ଏତଲା ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ଲିଙ୍ଗରାଜ ଥାନା ଅନ୍ତର୍ଗତ ଗୌରି ବିହାର ଅଞ୍ଚଳରେ ରୁହନ୍ତି। ସେ ଗତ ତା୨୮ରିଖ ସନ୍ଧ୍ୟାରେ ନିଜର ଜଣେ ବାନ୍ଧବୀଙ୍କୁ ସାକ୍ଷାତ କରିବା ଲାଗି ସମ ହସ୍ପିଟାଲ ନିକଟକୁ ଯାଇଥୁଲେ । ସେଠାରେ ଥିବା ଏକ ଜିମ କେନ୍ଦ୍ରର ପ୍ରଶିକ୍ଷକ ତାଙ୍କୁ ନିୟମିତ ଭାବେ ଯୋଗଯୋଗ କରିବା ପାଇଁ ପ୍ରୟାସ କରୁଥିବା ନେଇ ବାନ୍ଧବୀ ଜଣକ ଅଭିଯୋଗକାରୀଙ୍କୁ କହିଥିଲେ। ଏହା ପରେ ଅଭିଯୋଗକାରୀ ଜଣକ ଘଟଣାର ଆପୋଷ ସମାଧାନ କରିବା ଲାଗି ଉକ୍ତ ଜିମ କେନ୍ଦ୍ରର ପ୍ରଶିକ୍ଷକଙ୍କୁ ପାଖକୁ ଡାକିଥିଲେ । ଆପୋଷ ଆଲୋଚନା ଚାଲିଥିବା ବେଳେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଜିମ ପ୍ରଶିକ୍ଷକ ଅଭିଯୋଗକାରୀଙ୍କୁ ପିନ୍ଧିଥିବା ଖଡ୍ଡୁ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅଭିଯୋଗକାରୀଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା ଏବଂ ସେ ଘଟଣା ସ୍ଥଳରେ ସଂଜ୍ଞାହୀନ ହୋଇପଡିଥିଲେ ।

### ସ୍କୁଲରୁ ଫେରିବା ବେଳେ ନାବାଳିକାକୁ ଦୁର୍ବ୍ୟବହାର



**ଭୁବନେଶ୍ୱର,୪।୧(ସଂଚାର ବ୍ୟୁରୋ):** ଖଣ୍ଡଗିରି ଥାନା ପୁଲିସ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ପରିବାର ସହ ଡୁମୁଡୁମା ଅଞ୍ଚଳରେ ରହୁଥିବା ବେଳେ, ଅଭିଯୁକ୍ତ ମିଟୁ ଗତ ୩/୪ ମାସ ହେବ ତାଙ୍କ ପଡୋଶୀ ଭାବେ ରହିଆସୁଛନ୍ତି । ଅଭିଯୋଗକାରିଣୀଙ୍କ ଏକ ନାବାଳିକା ଝିଅକୁ ଅଭିଯୁକ୍ତ ମିଟୁ ନିୟମିତ ଭାବେ ପିଛା କରୁଥିଲେ । ଗତ କାଲି ଅପରାହ୍ନରେ ସମ୍ପୃକ୍ତ ଝିଅ ଜଣକ ସ୍କୁଲରୁ ଫେରିବା ରାସ୍ତାରେ ଅଭିଯୁକ୍ତ ମିଟୁ ମନ୍ଦ ଉଦ୍ଦେଶ୍ୟ ରଖି ଝିଅର ହାତକୁ ଟାଣି ଦେଇଥୁଲେ । ଏହାର ବିରୋଧ କରିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଘରକୁ ଫେରି ଝିଅ ନିଜ ମାଙ୍କୁ ସମସ୍ତ କଥା ଜଣାଇ ଥିଲେ। ପରେ ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀ ଘଟଣା ସମ୍ପର୍କରେ ପଚାରି ବୁଝିବା ଲାଗି ଅଭିଯୁକ୍ତଙ୍କ ଘରକୁ ଯାଇଥିବା ବେଳେ, ସେଠାରେ ଉଭୟ ପକ୍ଷ ମଧ୍ୟରେ ଝଗଡା ହୋଇଥିଲା । ଅଭିଯୁକ୍ତ ଜଣକ ଉଭୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ହଠାତ ଉତକ୍ଷିପ୍ତ ହୋଇ ଅଭିଯୋଗକାରିଣୀଙ୍କୁ ଏକ ଲୁହା ପାଇପ ସାହାଯ୍ୟରେ ଆକ୍ରମଣ କରିଥିଲେ ଏବଂ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ ।

## ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କର



**ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):** ବଲାଙ୍ଗିର ଓ ସୋନପୁର ଜିଲ୍ଲାରେ ଚାଲିଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କରିଛନ୍ତି। ସମ୍ପ୍ରତି ବଲାଙ୍ଗିର ଓ ସୋନପୁର ଜିଲ୍ଲାର ଗ୍ରାମାଞ୍ଚଳରେ ମୋଟ ୨୦ ଟି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଚାଲୁଛି । ସେଥିରୁ ୧୪ଟି ଏବଂ ୬ ଟି ସୋନପୁରରେ ଚାଲୁଛି । ସେହିପରି, ଏହି ଦୁଇଟି ଜିଲ୍ଲାର ସହରାଞ୍ଚଳରେ ମୋଟ ୮ ଟି ପ୍ରକଳ୍ପ ଚାଲୁଛି। ରାଜ୍ୟ ସରକାର ସର୍ବଦା କୃଷକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଆସିଛନ୍ତି । ଏହି ସବୁ ପ୍ରକଳ୍ପ ଗୁଡ଼ିକ ଯଥାଶୀଘ୍ର ଶେଷ ହେଲେ ଉପରୋକ୍ତ ଦୁଇଟି ଜିଲ୍ଲାର ଚାଷ ଜମିକୁ ଜଳ ସେଚନ ସୁବିଧା ସହ ଜିଲ୍ଲାବାସୀଙ୍କ ପାନୀୟ ଜଳର ଅସୁବିଧା ଦୂର ହେବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଛନ୍ତି। ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ତ୍ୱରାନିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ବିଭାଗୀୟ ଅଧିକାରୀମାନଙ୍କୁ ସହର ତଥା ଗ୍ରାମାଞ୍ଚଳକୁ ଯାଇ ପ୍ରତ୍ୟକ୍ଷ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ । ଚଳିତ ବର୍ଷର ଶେଷ ସୁଦ୍ଧା ପ୍ରାୟ ସମସ୍ତ ପ୍ରକଳ୍ପ ଶେଷ ହେବ ବୋଲି ସମୀକ୍ଷାରୁ ଜଣା ପଡ଼ିଛି। ଏହି ସମୀକ୍ଷା ବୈଠକରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏସ ଏନ ଗିରିଶ, ପାନୀୟ ଜଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ଅଗ୍ରଗତି ଓ ବାସ୍ତବ ରୂପରେଖ ବାବଦରେ ସୂଚନା ପ୍ରଦାନ କରିଥିଲେ ।

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କଂସ ମହାରାଜଙ୍କ ନିର୍ଦ୍ଦେଶ

## ପାଠ୍ୟ ପୁସ୍ତକରେ ସ୍ଥାନୀତ ହେଉ ବରଗଡ ଧନୁଯାତ୍ରା



**ମଥୁରାନଗରୀ,୪।୧(ସଂଚାର ବ୍ୟୁରୋ):** ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସ ଶନିବାର ରାଜ ଦରବାରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଶିକ୍ଷା, ସଂସ୍କୃତି, କ୍ରୀଡ଼ା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଏବଂ ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ରାଜ ଅତିଥିଭାବେ ଯୋଗଦାନ କରିଥିଲେ। ରାଜ ଦରବାରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଧନୁଯାତ୍ରା ସମାଜକୁ ନୈତିକ ମୂଲ୍ୟବୋଧର ବାର୍ତ୍ତା ଦେଉଛି ଏବଂ ଏହି ମହୋତ୍ସବକୁ ଆନ୍ତର୍ଜାତୀକ ସ୍ତରକୁ ନେବା ପାଇଁ ସରକାର ଉଦ୍ୟମ କରୁଛନ୍ତି ବୋଲି କଂସ ମହାରାଜଙ୍କ ସମ୍ମୁଖରେ କହିଥିଲେ। ମହାରାଜ କଂସ ସେଥିରେ ଖୁସିବ୍ୟକ୍ତ କରିଥିଲେ ଏବଂ ବରଗଡ଼ ଧନୁଯାତ୍ରାକୁ ସାରାଦେଶର ପାଠ୍ୟପୁସ୍ତକରେ ସ୍ଥାନିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଆଦେଶ ଦେଇଥିଲେ।

## ଖାନ୍ନଗରର ପଞ୍ଚାମୁଖୀ ହନୁମାନ ମନ୍ଦିରରୁ ଚୋରି

**କଟକ,୪।୧(ସଂଚାର ବ୍ୟୁରୋ):** ଶୁକ୍ରବାର ବିଳମ୍ବିତ ରାତିରେ କଟକ ଜିଲାର ମଧୁପାଟଣା ପୋଲିସ ଷ୍ଟେସନ ଅନ୍ତର୍ଗତ ଖାପୁରିଆ ଖାନ୍ନଗରର ପଞ୍ଚାମୁଖୀ ହନୁମାନ ମନ୍ଦିରରୁ ଦୁର୍ବୃତ୍ତମାନେ ହୁଣ୍ଡି ଏବଂ ଅଳଙ୍କାର ଲୁଟି ନେଇଛନ୍ତି। ସୂଚନାନୁସାରେ, ପଞ୍ଚାମୁଖୀ ହନୁମାନ ମନ୍ଦିରରେ ଚୋରମାନେ ରୂପା ମୁକୁଟା (ମୁଦି), ସୁନା ମୁଖା, ରୂପା ଗଦା, ରୂପା ଗରା ଏବଂ ମନ୍ଦିରରୁ କଂଠଉ ଲୁଟି ନେଇଥିଲେ। ସେମାନେ ମନ୍ଦିରରୁ ଅନ୍ୟ ଅଳଙ୍କାର ମଧ୍ୟ ଚୋରି କରିଛନ୍ତି। ଏଭଳି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉଦ୍‌ବେଗ




ପ୍ରକାଶ କରିଛନ୍ତି। ଲୋକଙ୍କ ମଧ୍ୟରେ ସାଧାରଣ ବିଶ୍ୱାସ ଯେ ଯିଏ ଏଠାରେ ପଞ୍ଚାମୁଖୀ ପ୍ରଭୁ ହନୁମାନଙ୍କୁ ପ୍ରାର୍ଥନା କରନ୍ତି, ତାଙ୍କର ସମସ୍ତ ଇଚ୍ଛା ପୂରଣ ହୁଏ । ଆଜି ଶନିବାର ହୋଇଥିବାରୁ ଲୋକମାନେ ଭଗବାନ ହନୁମାନଙ୍କ ନିକଟରେ ପ୍ରାର୍ଥନା କରିବାକୁ ବହୁ ଲୋକ ଆସିଥାନ୍ତି। ତେବେ ମନ୍ଦିରରେ ଡକାୟତି ଭକ୍ତମାନଙ୍କୁ ନିରାଶ କରିଛି। ଖବର ପାଇ ମଧୁପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଞ୍ଚାମୁଖୀ ହନୁମାନ ମନ୍ଦିର ଡକାୟତି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଭାଇ ହତ୍ୟାର ପ୍ରତିଶୋଧ: ସିନ୍‌ରିକ୍ରିଏଶନ କଲା ପୋଲିସ



**ପରଜଙ୍ଗ,୪।୧(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବସୋଇ ଗାଁର ବହୁଚର୍ଚ୍ଚିତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ସରୋଜ ବିଶ୍ୱାଳ ଓରଫ ମକୁଙ୍କୁ ଗିରଫ କରି ପୋଲିସ ସିନ୍‌ରିକ୍ରିଏଶନ କରାଇଛି। ନୂଆବର୍ଷର ମଧ୍ୟାହ୍ନରେ ବସୋଇ ଗାଁର ରାକେଶ ସେଠିଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପ୍ରଥମେ ଗାଁ ପଣାଖୁଣ୍ଟରେ ବଳିଦେବା ସହ ଗଣ୍ଡିରୁମୁଣ୍ଡକୁ ଅଲଗା କରିଥିଲେ ଅଭିଯୁକ୍ତ । ମୃତ ଶରୀରକୁ ଶହଶହ ଖଣ୍ଡକରି ଗାଁ ଦାଣ୍ଡରେ ଫୋପାଡ଼ି ଦେଇଥିଲେ। ଯାହାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଏ ନେଇ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକରଙ୍କ ତତ୍ତ୍ୱାବଧାନରେ ପରଜଙ୍ଗ ପୋଲିସର ୩ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ତେବେ ପରଜଙ୍ଗ ପୋଲିସର ନିଦ ହଜେଇ ଦେଇଥିବା ମକୁଙ୍କୁ ଥାନା ଅଧିକାରୀ ପ୍ରିୟବ୍ରତ ଦାସ ଶୁକ୍ରବାର ବିଳମ୍ବିତରାତରେ ଗାଁ ଜଙ୍ଗଲରୁ ଘରକୁ ଖାଇବାକୁ ଯାଉଥିବା ବେଳେ କାବୁ କରି ନେଇଥିଲେ। ତେବେ ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ ପରଜଙ୍ଗ ଥାନା ଅଧିକାରୀ। ମକୁ ନିଜ ଦୁଇ ଭାଇର ମୃତ୍ୟୁକୁ ନେଇ ଗତ ୩ବର୍ଷ ହେବ ମାନସିକ ଚାପରେ ରହି ଆସୁଥିଲେ। ଏପରିକି ୨୦୨୧ରେ ୨୫ ବର୍ଷୀୟ ସାନଭାଇ ଚିରୋଜ ବିଶ୍ୱାଳଙ୍କୁ ବାଲେଶ୍ୱରରେ ହତ୍ୟା ଏବଂ ମଝିଆ ଭାଇ ମନୋଜ ବିଶ୍ୱାଳଙ୍କୁ ୨୦୨୩ରେ ବସୋଇ ଗାଁ କାଜୁ ଜଙ୍ଗଲରେ ହତ୍ୟା କରାଯାଇଥିବା କହିଥିଲେ। ଏ ନେଇ ଭାଇର ପ୍ରତିଶୋଧ ପାଇଁ ନିର୍ମମହତ୍ୟା କରିଥିବା ସେ କହିଛନ୍ତି। ଯାହାକୁ ନେଇ ଜିଲା ସାଇଣ୍ଟିଫିକ ଟିମ୍, ଅତିରିକ୍ତ ଏସ୍‌ପିଙ୍କ ଉପସ୍ଥିତିରେ ବସୋଇ ଗାଁ ଘଣ୍ଟିଆ ବନ୍ଧରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଉଦ୍ଧାର କରିବା ପାଇଁ ଅଗ୍ନିଶମବାହିନୀ ଲାଗିପଡ଼ିଥିଲେ ।

## ବରକୁଳ ପାନ୍ଥ ନିବାସରେ 'ସମୁଦ୍ରା' ଉଦଘାଟିତ



**ଖୋର୍ଦ୍ଧା,୪।୧(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ବିଭାଗର ଅତିଥି ପର୍ଯ୍ୟଟକ ମାନଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିବା ସହିତ ଚିଲିକାରେ ସେମାନଙ୍କର ନିରାପଦ ଜଳଯାତ୍ରା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ସମୁଦ୍ରା' ନାମକ ବୋଟକୁ ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଡ଼କୁଳ ପାନ୍ଥନିବାସ ଠାରେ ଉଦଘାଟନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଏସ.ପି ସାଗରୀକା ନାଥ, ଓ.ଟି.ଡି.ସି ଜି.ଏମ ଡ଼ଃ.ଲଲାଟେନ୍ଦୁ ସାହୁ, ଚିଲିକା ବି.ଡି.ଓ ହଳଧର ଶବର, ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ ,ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋସ୍ନା ବେହେରା, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଓ ସରକାରୀ ଅଧିକାରୀ ଏବଂ ବହୁ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ପରେ ଉପ ମୁଖ୍ୟମନ୍ତ୍ରୀ ଓ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀଙ୍କ ସମେତ ବାଣପୁର ବ୍ଲକ ଅଧ୍ୟକ୍ଷ, ଚିଲକା ବ୍ଲକ ଅଧ୍ୟକ୍ଷାଙ୍କ ସମେତ କିଛି ସ୍ଥାନୀୟ ନେତୃତ୍ୱ ଓ ସରକାରୀ ଅଧିକାରୀ ମାନେ ଚିଲିକା ହ୍ରଦରେ ଜଳଯାତ୍ରା କରି ଏହାର ଆନନ୍ଦ ଉପଭୋଗ କରିଥିଲେ। ଏହି ନୂତନ ବୋଟ ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ଏଥିରେ ଆଲୋକ ଏବଂ ସାଉଣ୍ଡ ସହିତ ଜୀବନ ରକ୍ଷାକାରୀ ନିରାପତ୍ତା ଜ୍ୟାକେଟ ସାଙ୍ଗକୁ ସ୍ନାକସର ମଧ୍ୟ ବ୍ୟବସ୍ଥା ଉପଲବ୍ଧ ରହିଛି। ପର୍ଯ୍ୟଟକ ମାନେ ଏହି ବୋଟ ମାଧ୍ୟମରେ ଚିଲିକା ଜଳରାଶିରେ ମା କାଳୀଜାଈ ଓ ଚିଲିକାରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲି ମଜା ନେଇପାରିବେ।

## ଧାନ ଅମଳ ମେସିନ୍ ନେଲା ଦୁଇ ଭଉଣୀଙ୍କ ଜୀବନ



**ଯାଜପୁର,୪।୧(ସଂଚାର ବ୍ୟୁରୋ):** ଟ୍ରାକ୍ଟରରେ ଧାନ ଅମଳ ମେସିନ୍ ନେଇ ଯାଉଥିବା ବେଳେ ନାଳରେ ଓଲଟି ପଡ଼ିଥିଲା। ଯାହାଫଳରେ ଟ୍ରାକ୍ଟରରେ ବସିଥିବା ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଛି। ଆଜି ଏପରି ହୃଦୟବିଦାରକ ଘଟଣା ଯାଜପୁର ରୋଡ୍ ଥାନା ଅଞ୍ଚଳରେ ଘଟିଛି ଟ୍ରାକ୍ଟରରେ ଧାନ ଅମଳ ମେସିନ୍ ଲୋଡ୍ କରି ଏକ ଟ୍ରାକ୍ଟର ଯୋଡ଼ାବର ଅଞ୍ଚଳକୁ ଯାଇଥିଲା। ସେହି ଟ୍ରାକ୍ଟରରେ ବସିଥିଲେ ମାଝୀସାହିର ରାଜୁ ହାଂସଦାଙ୍କ ଝିଅ ଦୁଲାରୀ ହାଁସଦା ଓ ରାଣୀ ହାଁସଦା। ଟ୍ରାକ୍ଟରଟି ନାଳରେ ଓଲଟି ପଡ଼ିଥିଲା। ଆଉ ଟ୍ରାକ୍ଟର ତଳେ ଚାପି ହୋଇଥିଲେ ଦୁଇ ଭଉଣୀ। ଯାହାଫଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଯାଜପୁର ରୋଡ଼ ଥାନା ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

## ଅହିଂସା ଓ ଶାନ୍ତି ଗାନ୍ଧିଜୀଙ୍କ ଶ୍ରେଷ୍ଠ ଆବିଷ୍କାର: ବୀରପ୍ପା



**ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):** ଅହିଂସା ଓ ଶାନ୍ତି ସମଗ୍ର ମାନବ ଜାତି ପାଇଁ ଗାନ୍ଧିଜୀଙ୍କ ଶ୍ରେଷ୍ଠ ଆବିଷ୍କାର। ବିଶ୍ୱବ୍ୟାପୀ ଏହାର ସଫଳ ଉପଯୋଗ କରାଯାଇଛି ବୋଲି କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ସାହିତ୍ୟିକ ତଥା ଭାରତୀୟ ଜ୍ଞାନପୀଠ ଦ୍ୱାରା ପ୍ରଦତ୍ତ ମୂର୍ତ୍ତିଦେବୀ ପୁରସ୍କାରରେ ସମ୍ମାନିତ ଡକ୍ଟର ଏମ୍ ବୀରପ୍ପା ମୋଇଲି କହିଛନ୍ତି। ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ସ୍ମୃତିରେ ଆଜି ଏଠାରେ ଆୟୋଜିତ 'ପଞ୍ଚଦଶ ରାଜକିଶୋର ନାୟକ ସ୍ମୃତି ଗାନ୍ଧୀ ବକ୍ତୃତା -୨୦୨୫' ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡକ୍ଟର ବୀରପ୍ପା ମୋଇଲି ' ବୈଶ୍ୱିକ ପରମ୍ପରାରେ ଗାନ୍ଧୀ ବିଚାର' ଶୀର୍ଷକରେ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଅହିଂସା ଓ ଶାନ୍ତି ସମଗ୍ର ମାନବ ଜାତି ପାଇଁ ଗାନ୍ଧିଜୀଙ୍କ ଶ୍ରେଷ୍ଠ ଆବିଷ୍କାର। ତାଙ୍କ ଅହିଂସା ବିଚାରଧାରା ଦୁଇ ଭାଗରେ ବିଭକ୍ତ - ଅହିଂସାର ଭାବନା ଓ ଅହିଂସା ଆଚରଣ। ଗାନ୍ଧିଜୀଙ୍କ ପରଲୋକ ପରେ ମଧ୍ୟ ବିଶ୍ୱର ବିଭିନ୍ନ ଦେଶରେ ଓ ଭାରତବର୍ଷରେ ମଧ୍ୟ ତାଙ୍କ ଅହିଂସା, ଶାନ୍ତି ଓ ସତ୍ୟାଗ୍ରହକୁ ସଫଳତାର ସହିତ ଉପଯୋଗ କରାଯାଇଛି। ସାଂପ୍ରତିକ ସମୟରେ ବିଶ୍ୱବ୍ୟାପୀ ଗାନ୍ଧିଜୀଙ୍କ ବାର୍ତ୍ତାର ପ୍ରୟୋଗ ହେବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ପୂର୍ବତନ ପ୍ରମୁଖ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଭିତ୍ତି ଭାଷଣ ପ୍ରଦାନ କରି ରାଜକିଶୋର ନାୟକଙ୍କ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ଦର୍ଶାଇ କହିଥିଲେ ଯେ , ରାଜକିଶୋର ବାବୁ ବିରୂପା, ମହାନଦୀ ଏବଂ ଚିତ୍ରୋତ୍ପଳା ତ୍ରିକୋଣଭୂମି ଅଞ୍ଚଳର ସବୁ ଲୋକଙ୍କର ପ୍ରିୟପାତ୍ର ଥିଲେ । ସେ ତ୍ୟାଗୀ ଓ ଯୋଗୀ ଥିବା ସହିତ ବାଲ୍ୟକାଳରୁ ପରିବେଶ ପ୍ରେମୀ ଓ ଜୀବେ ଦୟା ମନୋବୃତ୍ତିର ବ୍ୟକ୍ତିତ୍ୱ ଥିଲେ।

## ଓଡିଶାରେ ଉତ୍ପାଦିତ ସୁବାସିତ ଚାଉଳର ଚାହିଦା ଅଧିକ




**ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):** ଦେଶରେ ସୁବାସିତ ଚାଉଳ ଉତ୍ପାଦନରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ରାଜ୍ୟରୁ ଉତ୍ପାଦିତ ସୁଗନ୍ଧିତ ଚାଉଳର ବଜାର ଚାହିଦା ଥିବା ନେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଲ୍ଲେଖ କରିଛନ୍ତି। କୃଷି ଓଡ଼ିଶା-୨୦୨୫ ଦ୍ୱିତୀୟ ଦିନରେ ମୁଖ୍ୟମଞ୍ଚରେ ଅନୁଷ୍ଠିତ 'ସୁଗନ୍ଧିତ ଚାଉଳ:ଜୈବିକ କୃଷି ପଦ୍ଧତି ଓ ବିପଣନ' ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିଂହଦେଓ କହିଲେ ଯେ ଜୈବିକ କୃଷି ହିଁ ନିରନ୍ତର ଖାଦ୍ୟ ଯୋଗାଣ ଶୃଙ୍ଖଳର ଆବଶ୍ୟକତା ପୂରଣ କରିପାରିବ । ପ୍ରକୃତି ପ୍ରଦତ୍ତ ଉତ୍ପାଦ ଓ ବିଭିନ୍ନ ବୃକ୍ଷରେ ଉପଲବ୍ଧ ଔଷଧୀୟ ଗୁଣବତ୍ତା ଶରୀର ପାଇଁ ଉପାଦେୟ ବୋଲି ସେ ମତବ୍ୟକ୍ତ କରିଥିଲେ । ଏଥିପାଇଁ ରାଜ୍ୟ ସରକାର ବିଭିନ୍ନ ସ୍ତରରେ କୃଷକ ମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଉଥିବା ସେ କହିଥିଲେ । ସେହିଭଳି ବିଭାଗୀୟ ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ରାଜ୍ୟର ବିଭିନ୍ନ କୃଷି ଉତ୍ପାଦକୁ ବଜାର ସହ ସଂଯୋଗୀକରଣ କରାଯାଉଛି ଯାହାଦ୍ୱାରା ଜଣେ ଚାଷୀ ଲାଭାନ୍ୱିତ ହୋଇପାରିବ ବୋଲି ସୂଚନା ଦେଇଥିଲେ। ରାଜ୍ୟରେ ସୁଗନ୍ଧିତ ଚାଉଳ ଉତ୍ପାଦନକୁ ପ୍ରୋତ୍ସାହିତ କରାଯିବା ସହ ଏହାର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟତା ମୂଲ୍ୟ ବାବଦକୁ ୪୧୦୦ ଟଙ୍କା ପ୍ରଦାନ କରାଯାଉଛି। ଜୈବିକ କୃଷିକୁ ପ୍ରୋତ୍ସାହିତ କରାଯିବା ସହ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ଏ କ୍ଷେତ୍ରରେ ଚାଷୀ ମାନଙ୍କୁ ସହାୟତା ପ୍ରଦାନ କରାଯାଉଛି । ସେହିଭଳି ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କ ଅବଢ଼ା ପ୍ରସ୍ତୁତିରେ ଜୈବିକ ପଦ୍ଧତିରୁ ଉତ୍ପନ୍ନ ଚାଉଳକୁ ବ୍ୟବହାର କରାଯିବା ଯୋଜନା ରହିଛି ବୋଲି ସେ ସୂଚନା ଦେଇଥିଲେ । ସେହିଭଳି ଏକ ହଜାରରୁ ଉର୍ଦ୍ଧ୍ୱ ଦେଶୀୟ ଧାନ ସଂରକ୍ଷଣ ଲାଗି ଚାଷୀ ଶ୍ରୀ ସୁଦାମ ସାହୁଙ୍କୁ ଡଃ ପାଢ଼ୀ ଭୂୟସୀ ପ୍ରଶଂସା କରିଛନ୍ତି । ଏହି ଅବସରରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଡିନ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ନେଦରଲ୍ୟାଣ୍ଡରେ କାର୍ଯ୍ୟରତ ଡଃ ବିଜୟ ଚୌଧୁରୀ, ଡବ୍ଲ୍ୟୁଟିଓର ସଚିନ କୁମାର ଶର୍ମା, ଏକ୍ସଆଇଏମବି ପ୍ରଫେସର ଅମର କୁମର ନାୟକ ପ୍ରମୁଖ ଯୋଗଦେଇ ଜୈବିକ କୃଷି ଓ ସୁସ୍ଥ ଭବିଷ୍ୟତ, ପୁନର୍ଜୀବିତ କୃଷି, ଚାଉଳର ଆନ୍ତର୍ଜାତିକ ବଜାରୀକରଣ ଉପରେ ମତବ୍ୟକ୍ତ କରିଥିଲେ ।

ଜୀବନ ଅମୃତ ଅନୁଚିନ୍ତା

ମାତୃଶକ୍ତି-ସୃଷ୍ଟି ଆରମ୍ଭ ହୁଏ ଶବ୍ଦରୁ , ଶବ୍ଦରୁ ନାଦ, ନାଦରୁ ବ୍ରହ୍ମ, ବ୍ରହ୍ମରୁ ଶକ୍ତି, ଶକ୍ତିରୁ ହିଁ ସୃଷ୍ଟି। ଏ ସୃଷ୍ଟିକୁ ସୃଷ୍ଟି କରିଛି ସେହି ଶକ୍ତି , ରୂପାନ୍ତରରେ ଯିଏ ମାତୃଶକ୍ତି।

SANCHAR
ସଂଚାର

ରବିବାର ୫ ଜାନୁଆରୀ ୨୦୨୫, ଭୁବନେଶ୍ୱର
Sunday 5 January 2025 Bhubaneswar



# ଆଗକୁ ଅନେକ ସୁପଦକ୍ଷେପ ଲୋଡ଼ା

ଏମିତି ଦେଖିବାକୁ ଗଲେ ବର୍ଷକୁ ଥରେ ନୂଆ ବର୍ଷ ଆସେ। ନୂଆ ବର୍ଷ ପାଳନ ନେଇ ଅନେକ ଭୋଜିଭାତ ହୁଏ। ମୋତେ ସତୁରି ବର୍ଷ ହେଲାଣି। ପଚାଶ ବର୍ଷ ସାମ୍ବାଦିକତା କଲିଣି। ଏମିତି ଅନେକ ନୂଆ ବର୍ଷ ମଜା ନେଇଛି। ଏଣୁ ନୂଆ ବର୍ଷ କଥା ମନଭିତରେ ପୁଲକ ସୃଷ୍ଟି କରେ ନାହିଁ। ତେବେ ଗୋଟାଏ କଥା ମନକୁ ଆନ୍ଦୋଳିତ କରେ, ତାହାହେଲା, ଜୀବନର ଗୋଟାଏ ବର୍ଷ ଚାଲିଗଲା, ଆମେ କଣ ପାଇଲୁ ଆଉ କଣ ହରେଇଲୁ, ସେ ବିଷୟରେ ତର୍ଜମା କରିବାକୁ ସମୟ ମିଳେନା। କାରଣ, ମଉଜ ମଜଲିସ ଭିତରେ ସତକଥା ହଜିଯାଏ। ଏଇ ଗୋଟାଏ ବର୍ଷର ଶାସନକୁ ନେଇ ଦେଖାଯାଉ। ପ୍ରଥମେ ଗତ ନିର୍ବାଚନରେ ଚବିଶ ବର୍ଷ ଧରି କ୍ଷମତାରେ ଥିବା ନବୀନ ପଟନାୟକ ଓ ତାଙ୍କ ବିଜୁ ଜନତା ଦଳ କ୍ଷମତା ହରେଇଛନ୍ତି। ଯାହାକୁ ଓଡ଼ିଶାର ଅନେକ ଲୋକ ଏ ପର୍ଯ୍ୟନ୍ତ ଠିକ ଭାବରେ ଗ୍ରହଣ କରି ପାରି ନାହାନ୍ତି। ବିଜେପି ଅକସ୍ମାତ ଓଡ଼ିଶାରେ କ୍ଷମତା ଦଖଲ କରିଛି।ଅବଶ୍ୟ ନିର୍ବାଚନର ଶେଷ ଭାଗ ବେଳକୁ ଜଣା ପଡ଼ିଯାଇଥିଲା, ବିଜେଡି କ୍ଷମତା ହରଉଛି। ନବୀନ ପଟନାୟକଙ୍କ ଲୋକପ୍ରିୟତା ବରକରାର ଥିବା ସତ୍ୱେ ଗାଁ ଗହଳର ଲୋକେ ବିଜେଡି ଓ ନବୀନ ପଟନାୟକଙ୍କ ଉପରୁ ବିଶ୍ୱାସ ହରେଇଛନ୍ତି। ପରିବର୍ତ୍ତନ ସେମାନଙ୍କ ପାଇଁ ନିହାତି ଦରକାର। କିନ୍ତୁ ନିର୍ବାଚନର ସବୁଠାରୁ ବଡ କଥା ହେଲା, ଲୋକମାନେ ବିଜେଡି ଦଳର ଜଣେ ହେଲେ ଲୋକସଭା ପ୍ରାର୍ଥୀଙ୍କୁ ଜିତିବାକୁ ଦେଇ ନାହାନ୍ତି। ବରଂ କଂଗ୍ରେସ ଉପରେ ଭରସା କରିଛନ୍ତି। ୨୦ ଟି ଆସନରେ ବିଜେପି ଜିତିଛି। ପଚାଶରୁ ଅଧିକ ବିଧାନସଭା ଆସନ ବିଜେଡି ଦଳ ଜିତିଥିଲେ ମଧ୍ୟ ଗୋଟିଏ ହେଲେ ଲୋକସଭା ଆସନ ନ ପାଇବା ଆଶ୍ଚର୍ଯ୍ୟର ବିଷୟ ନୁହେଁ କି ?

ନବୀନଙ୍କ ଲୋକପ୍ରିୟତା ଥିଲେ ମଧ୍ୟ ତାଙ୍କୁ ଭୋଟ ଦେଲେ ନାହିଁ ଓଡ଼ିଶାବାସୀ। କୁହାଯାଏ, ତାଙ୍କ ବ୍ୟକ୍ତିଗତ ସଚିବ ଭି. କାର୍ତ୍ତିକେୟ ପାଣ୍ଡିଆନଙ୍କ ଉଚାଭିଳାସ ବିଜେଡି ପାଇଁ କାଳ ହେଲା। ସେ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିଲେ। ଜଣେ ଅଣ ଓଡିଆଙ୍କୁ କ୍ଷମତାରେ ରଖିବା ପାଇଁ ଓଡ଼ିଶାର ଲୋକ ଚାହିଁଲେ ନାହିଁ। ଏଣୁ ନବୀନବାବୁ କ୍ଷମତାରୁ ଗଲେ। ବିଜେପି କମ ବ୍ୟବଧାନରେ କ୍ଷମତାକୁ ଫେରିଛି। ଏଣୁ ତା ପାଖରେ ସମସ୍ୟା ଅନେକ। ଯଦି ଲୋକଙ୍କ ଆସ୍ଥା ଭାଜନ ହୋଇ ନପାରିଲା, ତେବେ କ୍ଷମତାରୁ ଚାଲିଯିବ।ସେଥିପାଇଁ ବିଜେପି ନିର୍ବାଚନୀ ପ୍ରତିଶ୍ରୁତି 'ସୁଭଦ୍ରା' ଯୋଜନାକୁ କାର୍ଯ୍ୟକାରି କରୁଛି। କିନ୍ତୁ ସୁଭଦ୍ରା ଯୋଜନା ମହିଳାଙ୍କ ଉପରେ ସେପରି ଛାଡି ପାରୁନି। ତାର କାରଣ କଣ ? ବିଜେପି ପାଇଁ ଏହା ଏକ ପ୍ରକୃଷ୍ଟ ସମୟ ନିଜର ସଂଗଠନକୁ ମଜବୁତ କରିବା ପାଇଁ। କିନ୍ତୁ ଦଳ ସେଥିରେ ସମର୍ଥ ହୋଇପାରୁ ନାହିଁ। ବୋଧହୁଏ ଦଳ ଭିତରେ ଥିବା କନ୍ଦଳ ଏଥିପାଇଁ ଦାୟି। ଯଦି ଦଳ ଏବେ ଠାରୁ ସଜାଗ ନହୁଏ, ତେବେ ଭବିଷ୍ୟତରେ କଂଗ୍ରେସ ଭଳି ପଡ଼ିବ। ଆମେ ରାଜନୀତି ଲେଖା ଲେଖିବାକୁ ଚାହୁଁନା। ତେବେ କ୍ଷମତା ବାହାରେ ଏବଂ କ୍ଷମତା ଭିତରେ ଥିବା ଫରକ ବିଷୟରେ କହୁଛୁ। ବିଜେଡି ଓ କଂଗ୍ରେସ ଏବେ ସୁପ୍ତ। ଏଥିରୁ ବିଜେପି ଫାଇଦା ନେବା କଥା।

ବିଜେପି ସରକାର ପାଇଁ ଜନଅସନ୍ତୋଷର ପ୍ରଥମ କାରଣ ହେଲା ଦରଦାମ ବୃଦ୍ଧି। ସବୁ ଜିନିଷର ଦାମ ପ୍ରତିଦିନ ବଢ଼ିଚାଲିଛି। ସରକାର ଏହାକୁ ନିୟନ୍ତ୍ରଣ କରିବାକୁ ବିଫଳ। ସୁଭଦ୍ରା ଟଙ୍କା ମହିଳାମାନେ ଯାହା ପାଇଥିଲେ ତାହା ଦରଦାମ ବୃଦ୍ଧିରେ ଚାଲିଗଲା। ହାତରେ କିଛି ରହିଲା ନାହିଁ। ଏଣୁ ଟଙ୍କା ପାଇଲେ ମଧ୍ୟ ମହିଳାମାନଙ୍କର ବିଜେପି ସରକାର ଉପରେ କୋପ। ଛଅମାସ ଭିତରେ ସରକାର ଲୋକଙ୍କ ଦୃଷ୍ଟି ଆକର୍ଷଣ କଲା ଭଳି କିଛି କରି ନାହାନ୍ତି। ଅନେକ କହୁଛନ୍ତି ବିଜେଡି ଦଳ ଆଉ ରହିବ ନାହିଁ। କିଛି ନେତା ବିଜେପିକୁ ଚାଲିଯିବେ। ଆଉ କିଛି କଂଗ୍ରେସକୁ। କିନ୍ତୁ ଏହା କଣ ସମ୍ଭବ ? ସବୁବେଳେ କିଛି ଗୋଟାଏ ଅଘଟଣ ଘଟିଲେ, ତାକୁ ପୂରଣ କରିବାକୁ କିଛି ଘଟଣା ଘଟେ। ଯେମିତି ବିଜେଡି ଦଳ ଗଠିତ ହୋଇଥିଲା। ଏଣୁ ଓଡ଼ିଶାରେ ସବୁବେଳେ ଆଞ୍ଚଳିକ ଦଳର ଗୁରୁତ୍ୱ ରହିଛି। କାରଣ ଓଡ଼ିଶାର ଅନେକ ବଡବଡ ନେତା କେବଳ ନିଜ ରାଜ୍ୟ ଭିତରେ କାମ କରିବାକୁ ଚାହାନ୍ତି। ଜାତୀୟ ଦଳରେ ରହିଲେ, ଓଡ଼ିଶାର କିଛି ଉନ୍ନତି କରିବା ସହଜ ହୁଏ ନାହିଁ। ଜାତୀୟ ନେତାଙ୍କ ହାତଟେକା ଉପରେ ନିର୍ଭର କରିବାକୁ ହୁଏ। କିନ୍ତୁ ବିଜେପି ଶାସନରେ ଆଞ୍ଚଳିକ ଦଳର ଗୁରୁତ୍ୱ କମୁଛି। ସମୟକ୍ରମେ ବିଜେପି ଆଞ୍ଚଳିକ ଦଳର ନେତାଙ୍କ ସହିତ ହାତ ମିଳାଇ ପରେ ଏହାକୁ ଅଧିଗ୍ରହଣ କରିନେଉଛନ୍ତି। କିନ୍ତୁ ଓଡ଼ିଶାରେ ସେପରି ଅବସ୍ଥା ଆସି ନାହିଁ। ଏବେବି କଂଗ୍ରେସ ଦଳ ସକ୍ରିୟ ରହିଛି। ବିଜେଡି ଦୁର୍ବଳ ହେଲେ କଂଗ୍ରେସ ଏଥିରୁ ଅଧିକ ଫାଇଦା ନେବ ବୋଲି ମନେହୁଏ। ୨୦୨୪ ନିର୍ବାଚନର ଫଳାଫଳ ତାହାହିଁ କହେ।

୨୦୨୪ ମସିହାର ଆଉ ଏକ ବଡ ଘଟଣା ହେଲା, ଆରଏସଏସ ନେତା ମୋହନ ଭାଗବତ ଓ ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ମଧ୍ୟରେ ମତଭେଦ। ନିକଟରେ ମୋହନ ଭାଗବତ କହିଥିଲେ, ସବୁ ମସଜିଦ ତଳେ ମନ୍ଦିର ନାହିଁ। ଏଣୁ ସବୁ ମସଜିଦ ଭାଙ୍ଗିବା ପାଇଁ ଦାବି କରିବା ଠିକ ନୁହେଁ। କଥାଟି ନିଶ୍ଚିତ ଭାବରେ ସତ। ବାବ୍ରି ମସଜିତ ରାମ ଜନ୍ମଭୂମି ବିବାଦର ଫଳ ଯାହା ହେଉ ନା କାହିଁକି, ସେଇ ନ୍ୟାୟରେ ଅନ୍ୟ ମନ୍ଦିର କଥା ଉଠିବା ଠିକ ନୁହେଁ। ଏହା ଭାରତରେ କେବଳ ହିଂସାକୁ ଉସକାଇବ। ଭାରତ ମାଟି ସବୁ ଧର୍ମପାଇଁ ସମାନ। କିନ୍ତୁ ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଭାଗବତଙ୍କ କଥାକୁ ଗ୍ରହଣ କରିପାରି ନାହାନ୍ତି। ତାଙ୍କ ମତରେ ଭାରତରେ ଅନ୍ୟ ଜାଗାରେ ମଧ୍ୟ ମନ୍ଦିର ଦାବି ଉଠିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଆଦିତ୍ୟନାଥଙ୍କ କଥାକୁ ଏଇଥିପାଇଁ ଗୁରୁତ୍ୱ ଦିଆଯାଉଛି, ସେ କୁଆଡେ ୨୦୨୯ରେ ଭାରତର ପ୍ରଧାନମନ୍ତ୍ରୀ ହେବା ପାଇଁ ଆଗ୍ରହୀ। ଏଣୁ ସେ ଏବେଠାରୁ ନିଜର ହିନ୍ଦୁ ନେତର ଭାବମୂର୍ତ୍ତିକୁ ଜୋରଦାର କରିବା ପାଇଁ ଚାହାନ୍ତି। ସେଥିପାଇଁ ସେ ଭାଗବତଙ୍କ କଥାରେ ସମ୍ମତି ପ୍ରକାଶ କରି ପାରି ନାହାନ୍ତି। କିନ୍ତୁ ଏଭଳି ବିବାଦ ଭବିଷ୍ୟତରେ ଭାରତକୁ ଏକ ବିବାଦ ଭିତରକୁ ଟାଣିନେବ। ଯାହା କେବେହେଲେ ଶୁଭଙ୍କର ନୁହେଁ। ଏଣୁ ନୂଆ ବର୍ଷର ଏ ଦୁଇଟି କଥା ଲୋକମାନଙ୍କ ଉପରେ କିଭଳି ପ୍ରଭାବ ପକାଉଛି, ତାହା ଦେଖିବାର କଥା।

# ସ୍ୱାଧୀନତା ସଂଗ୍ରାମର ଜନଜାତି କିମ୍ବଦନ୍ତୀ ପୁରୁଷ ମାଧୋ ସିଂହ



ପ୍ରଫେସର ଏ.ବି.ଓତା

ଭାରତର ସ୍ୱାଧୀନତା ସଂଗ୍ରାମର ଜଣେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ମାଧୋ ସିଂ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟକୁ ବ୍ରିଟିଶ ଉପନିବେଶବାଦୀ ଶାସନ ବିରୋଧରେ ଏକଜୁଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୧୮ଶ ଶତାବ୍ଦୀରେ ବରଗଡ଼ ଜିଲ୍ଲାର ଘେଁସରେ ଜନ୍ମଗ୍ରହଣ କରିଥିବା ମାଧୋଙ୍କ ନେତୃତ୍ୱ ଓ ତ୍ୟାଗ ତାଙ୍କୁ ସାହସ ଓ ପ୍ରତିରୋଧର ପ୍ରତୀକ କରିଥିଲା। ତାଙ୍କ ପରମ୍ପରାକୁ ସମ୍ମାନ ଜଣାଇ ଓଡ଼ିଶା ସରକାର ଆଦିବାସୀ ପିଲାମାନଙ୍କୁ ଉଚ୍ଚ ପ୍ରାଥମିକ ସ୍ତରରୁ ପାଠପଢ଼ା ଜାରି ରଖିବା ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ପ୍ରମୁଖ କଲ୍ୟାଣକାରୀ ଯୋଜନା 'ସହିଦ ମାଧୋ ସିଂହ ହାତ ଖାର୍ଚ୍ଚ ଯୋଜନା' ପ୍ରଣୟନ କରିଛନ୍ତି।

୧୭୮୬ ମସିହାରେ ଜନ୍ମଗ୍ରହଣ କରିଥିବା ମାଧୋ ସିଂହ ତାଙ୍କ ପିତା ଅର୍ଜୁନ ସିଂହ ବରିହାଙ୍କଠାରୁ ଘେଁସର ଜମିଦାରୀ ଉତ୍ତରାଧିକାରୀ ଭାବେ ପାଇଥିଲେ। ନ୍ୟାୟ ଏବଂ ସାହସର ମୂଲ୍ୟବୋଧ ରେ ବଢ଼ିଥିବା ମାଧୋ ୨୦ଟି ଗାଁର ଜମିଦାରୀ ଶାସନ କରୁଥିଲେ ଏବଂ ବ୍ରିଟିଶ ଶୋଷଣ ଏବଂ ଆଦିବାସୀ ସମ୍ପ୍ରଦାୟର ଅତ୍ୟାଚାର ଦ୍ୱାରା ଗଭୀର ଭାବରେ ବ୍ୟଥିତ ହୋଇଥିଲେ।

ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା ତାଙ୍କ ଜ୍ୱାଇଁ ତଥା ସୋନାଖାନର ଜମିଦାର ନାରାୟଣ ସିଂହଙ୍କ ପ୍ରତି ବ୍ରିଟିଶ ଶାସକଙ୍କର ଅସଦାଚରଣ, ତାଙ୍କ ବିରୁଦ୍ଧରେ ଦୁର୍ଭିକ୍ଷ ପୀଡ଼ିତ ଗ୍ରାମବାସୀଙ୍କୁ ସାହାଯ୍ୟ କରିବା ପାଇଁ ମିଥ୍ୟା ଅଭିଯୋଗ ଆଣିଥିଲେ ଏବଂ ଦଣ୍ଡିତ କରିଥିଲେ। ଏହି ଅନ୍ୟାୟ ମାଧୋ ସିଂହ ନିଜ ଲୋକଙ୍କୁ ସୁରକ୍ଷା ଦେବା ଏବଂ ଔପନିବେଶିକ ଆଧିପତ୍ୟକୁ ପ୍ରତିହତ କରିବାର ଦୃଢ଼ ସଂକଳ୍ପ ନେଇଥିଲେ।

୧୮୫୭ ମସିହାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ମାଧୋ ସିଂହ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ପ୍ରମୁଖ ନେତା ଭାବରେ ଉଭା ହୋଇଥିଲେ। ଉପନିବେଶ ବିରୋଧୀ ଲହରରେ ଅନୁପ୍ରାଣିତ ହୋଇ ସେ ଘେଁସ ଏବଂ ଆଖପାଖ ଅଞ୍ଚଳର ଆଦିବାସୀ ଗୋଷ୍ଠୀମାନଙ୍କୁ ଏକାଠି କରି ବ୍ରିଟିଶ ଅତ୍ୟାଚାର ବିରୋଧରେ ସାମୂହିକ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଥିଲେ। ରଣନୈତିକ ପ୍ରତିଭା ବଳରେ ସେ ତାଙ୍କ ଜମିଦାରୀ ସହାୟତାରେ ଏକ ସ୍ଥାନୀୟ ସେନା ଗଠନ କରିଥିଲେ ଏବଂ ଅଞ୍ଚଳ ବିଷୟରେ ତାଙ୍କର ଗଭୀର ଜ୍ଞାନ ବ୍ୟବହାର କରି ବ୍ରିଟିଶ ପ୍ରତିଷ୍ଠାନ ଗୁଡ଼ିକ ଉପରେ ଗରିଲା ଆକ୍ରମଣର ନେତୃତ୍ୱ ନେଇଥିଲେ। ସିଙ୍ଗୋଡା ଘାଟକୁ ସେ ଦଖଲ କରିବା ଦ୍ୱାରା ବ୍ରିଟିଶ ସୈନ୍ୟ ଶକ୍ତି ବାଧାପ୍ରାପ୍ତ ହୋଇଥିଲା ଏବଂ ସେମାନଙ୍କ ସେନାକୁ ବ୍ୟାପକ କ୍ଷତି ସହିବାକୁ ପଡ଼ିଥିଲା। କିନ୍ତୁ ଶେଷରେ ବ୍ରିଟିଶମାନେ ପ୍ରତିରୋଧକୁ ଦମନ କରିଥିଲେ ଏବଂ ଗଣ ଗିରଫଦାରି ସମେତ ନିଷ୍ଠୁର କୌଶଳ ପ୍ରୟୋଗ କରିଥିଲେ।

୧୮୫୮ ମସିହାରେ ମାଧୋ ସିଂହଙ୍କ ପ୍ରତିରୋଧ ଶେଷ ହୋଇଥିଲା ଯେତେବେଳେ ସେ ଦୀର୍ଘ ସମୟ ଧରି ଲଢ଼େଇ କରିବା ପରେ ଧରାପଡ଼ିଥିଲେ। ତାଙ୍କ ଚାରି ପୁଅ ଆଦିବାସୀ ମାନଙ୍କୁ ସୁରକ୍ଷା ଦେଇ ପ୍ରାଣ ହରାଇଥିଲେ। ୧୮୫୮ ମସିହା ଡିସେମ୍ବର ୩୧ ତାରିଖରେ ତାଙ୍କୁ ବ୍ରିଟିଶମାନେ ଘେଁସରେ ଫାଶୀ ଦେଇଥିଲେ, ଯାହା ତାଙ୍କ ବିଦ୍ରୋହର ଏକ ଗମ୍ଭୀର ଅନ୍ତ ଘଟାଇଥିଲା କିନ୍ତୁ ଉପନିବେଶବାଦୀ ଶାସନ ବିରୁଦ୍ଧରେ ଅବମାନନାର ପ୍ରତୀକ ଭାବରେ ତାଙ୍କୁ ଅମର କରିଦେଇଥିଲା।

ମାଧୋ ସିଂହଙ୍କ ବ୍ୟକ୍ତିତ୍ୱ ସ୍ଥିରତା ଏବଂ ତୃଣମୂଳ ସ୍ତରର ପ୍ରତିନିଧିତ୍ୱ କରେ, ଅବହେଳିତ ସମ୍ପ୍ରଦାୟକୁ ପ୍ରେରଣା ଦେବା ପାଇଁ ତାଙ୍କ ସମୟକୁ ଦର୍ଶାଇଥାଏ। ସାହସ ଓ ନେତୃତ୍ୱର ପ୍ରତୀକ ଭାବରେ ସମଗ୍ର ଓଡ଼ିଶାରେ, ବିଶେଷ କରି ଆଦିବାସୀ ଗୋଷ୍ଠୀମାନଙ୍କ ମଧ୍ୟରେ ତାଙ୍କୁ ବିବେଚନା କରାଯାଏ। ତାଙ୍କର ପରମ୍ପରା ନ୍ୟାୟ, ଏକତା ଏବଂ ଆତ୍ମନିର୍ଣ୍ଣୟ ଉପରେ ଗୁରୁତ୍ୱ ଦେଇଥାଏ। ମାଧୋ ସିଂହଙ୍କୁ ସ୍ମରଣ କରିବାର ମୁଖ୍ୟ କାରଣ ଗୁଡ଼ିକ ହେଲା, ଭାରତର ସ୍ୱାଧୀନତା ସଂଗ୍ରାମରେ ତୃଣମୂଳ ସ୍ତରର ଆନ୍ଦୋଳନକୁ ପ୍ରତିନିଧିତ୍ୱ କରୁଥିବା ତାଙ୍କର ପ୍ରତିରୋଧ କୌଶଳ, ଶୋଷଣ ବିରୁଦ୍ଧରେ ଆଦିବାସୀ ଅଧିକାର ପାଇଁ ସମର୍ଥନ, ନ୍ୟାୟ ଓ ସଶକ୍ତୀକରଣ ପାଇଁ ନିଃସ୍ୱାର୍ଥପର ସଂଗ୍ରାମ ପ୍ରଦର୍ଶନ କରି ଅବହେଳିତ ଗୋଷ୍ଠୀପାଇଁ ପ୍ରେରଣା, ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ମୃତ୍ୟୁ ପର୍ଯ୍ୟନ୍ତ ଲଢ଼େଇ କରିବା ଏବଂ ପାରମ୍ପରିକ ଅବହେଳା ଏବଂ କ୍ଷତିର ସମାଧାନ ପାଇଁ ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିବ। ମାଧୋ ସିଂହଙ୍କ ବଳିଦାନକୁ ସମ୍ମାନ ଜଣାଇ ଓଡ଼ିଶା ସରକାର ଅନୁସୂଚିତ ଜନଜାତି (ଏସଟି) ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୦୨୫ ଜାନୁଆରି ୫ ତାରିଖରେ ଏକ କଲ୍ୟାଣମୂଳକ ଯୋଜନା 'ସହିଦ ମାଧୋ ସିଂହ ହାତ ଖାର୍ଚ୍ଚ ଯୋଜନା'ର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଅଷ୍ଟମରୁ ନବମ ଶ୍ରେଣୀ ଏବଂ ଦଶମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପରିବର୍ତ୍ତନ ସମୟରେ ଅଧାରୁ ପାଠପଢା ଛାଡୁଥିବା ପିଲାଙ୍କ ହାର ବୃଦ୍ଧି ଯୋଗୁଁ ସାମାଜିକ-ଅର୍ଥନୈତିକ ଆହ୍ୱାନକୁ ସ୍ୱୀକାର କରି ଏହି ଯୋଜନାରେ ପରବର୍ତ୍ତୀ ଶ୍ରେଣୀକୁ ଅଗ୍ରଗତି କରୁଥିବା ପ୍ରତ୍ୟେକ ଅନୁସୂଚିତ ଜନଜାତି ଛାତ୍ରଙ୍କୁ ଏକକାଳୀନ ୫୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି।

ଚଳିତ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସମ୍ବଳରୁ ୧୫୬ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ଲକ୍ଷ ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହେବେ। ଡ୍ରପଆଉଟ୍ ହାର ହ୍ରାସ କରି ଆଦିବାସୀ ଯୁବକମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ କରିବାକୁ ଏହି କାର୍ଯ୍ୟକ୍ରମ ରଖାଯାଇଛି।

ମାଧୋ ସିଂହଙ୍କ ଜୀବନ ଓ ପରମ୍ପରା ଭାରତର ସ୍ୱାଧୀନତା ସଂଗ୍ରାମରେ ତୃଣମୂଳ ସ୍ତରର ନେତାଙ୍କ ବଳିଦାନକୁ ସ୍ମରଣୀୟ କରିଛି। 'ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' କେବଳ ତାଙ୍କ ସ୍ମୃତିକୁ ସମ୍ମାନିତ ନୁହେଁ ବରଂ ଆଜି ଆଦିବାସୀ ସମ୍ପ୍ରଦାୟ ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ମଧ୍ୟ ସମାଧାନ କରିବ। ଏହି ଯୁଗାନ୍ତକାରୀ ଯୋଜନା ମାଧ୍ୟମରେ ଓଡ଼ିଶା ସୁନିଶ୍ଚିତ କରୁଛି ଯେ ମାଧୋ ସିଂହଙ୍କ ପ୍ରତିରୋଧ ଓ ସଂକଳ୍ପ ଭାବନା ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ।

**ପ୍ରଫେସର ଓତା ହେଉଛନ୍ତି ପୂର୍ବତନ ଆଦିବାସୀ କଲ୍ୟାଣ ନିର୍ଦ୍ଦେଶକ, ଏସସିଏସଟିଆରଟିଆଇ ଓ ଆଦିବାସୀ ସଂଗ୍ରହାଳୟର ନିର୍ଦ୍ଦେଶକ ଏବଂ ରାଜସ୍ୱ ବିଭାଗୀୟ କମିଶନର (କେନ୍ଦ୍ରୀୟ ଡିଭିଜନ)**

# ଓଡ଼ିଶାରେ ବିଦାୟୀ ବର୍ଷରେ ଓଡ଼ିଶା ହାଇକୋର୍ଟ



ଆଦିତ୍ୟ କୁମାର ମହାନ୍ତି

ପୁରୁଣା ବର୍ଷଟି ବିଦାୟ ନେଇଛି। ବିଦାୟୀ ବର୍ଷଟି ବିଭିନ୍ନ ଦୃଷ୍ଟିକୋଣରୁ ଓଡ଼ିଶା ହାଇକୋର୍ଟ ପାଇଁ ବେଶ ଉଲ୍ଲେଖନୀୟ ଥିଲା। ବର୍ଷ-୨୦୨୪ରେ ବୈଷୟିକ ଜ୍ଞାନକୌଶଳ ତଥା ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଓ ଭିତ୍ତିଭୂମି ବିକାଶ ଦୃଷ୍ଟିକୋଣରୁ ବେଶ ଗୁରୁତ୍ୱ ବହନ କରିଥିଲା। ଜିଲ୍ଲା ସ୍ତରରେ କାଗଜବିହୀନ ଅଦାଲତ ବା ପେପରଲେସ କୋର୍ଟ ସ୍ଥାପନ କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟ ଦେଶରେ ଅଗ୍ରଣୀ ହୋଇଛି। ସମଗ୍ର ରାଜ୍ୟରେ ଅଦ୍ୟାବଧି ୩୪୧ଟି ପେପରଲେସ କୋର୍ଟ ସ୍ଥାପନ କରାଗଲାଣି। ବିଦାୟୀ ବର୍ଷ ୪ ପର୍ଯ୍ୟାୟରେ ୯୫ଟି ପେପରଲେସ କୋର୍ଟ ସ୍ଥାପନ କରାଯାଇପାରିଛି। ସେହଭଳି ନ୍ୟାୟିକ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବହୁ ନୂତନ ଅଦାଲତ କୋଠା ଉଦଘାଟନ ହୋଇଥିବା ବେଳେ ଅନେକ ପ୍ରକଳ୍ପ ହାତକୁ ନିଆଯାଇପାରିଥିଲା। ସେହିପରି ଇ-ଏଚସିଆର ପୋର୍ଟାଲ ଓ ୱାରେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ଆଦି ହାଇକୋର୍ଟର ନିଆରା ଉଦ୍ୟମ ଥିଲା। ତଥାପି ହାଇକୋର୍ଟରେ ବିଚାରାଧିନ ମାମଲା ବୋଝ ବୃଦ୍ଧି ସହ ବିଚାରପତିଙ୍କ ଅଭାବ ଆଗାମୀ ବର୍ଷ ପାଇଁ ବଡ଼ ଆହ୍ୱାନ ହେବ ଏଥିରେ ସନ୍ଦେହ ନାହିଁ।

ବିଦାୟୀ ବର୍ଷ-୨୪ରେ ଓଡ଼ିଶା ହାଇକୋର୍ଟରେ ଦୁଇଜଣ ବିଚାରପତି ସଂଖ୍ୟା କମିଥିବା ବେଳେ ନୂତନ ମୁଖ୍ୟ ବିଚାରପତି ଭାବେ ପାଟନା ହାଇକୋର୍ଟର ବରିଷ୍ଠ ବିଚାରପତି ଥିବା ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଗତ ଫେବୃଆରୀରେ ୭ ଶପଥ ଗ୍ରହଣ କରିଥିଲେ। ନ୍ୟାସନାଲ ଜୁଡ଼ିସିଆଲ ଏକାଡ଼େମୀ ଆନୁକୂଲ୍ୟରେ ଓଡ଼ିଶା ହାଇକୋର୍ଟ ଓ ଓଡ଼ିଶା ଜୁଡ଼ିସିଆଲ ଏକାଡ଼େମୀ ପକ୍ଷରୁ ଗତ ଅଗଷ୍ଟ ମାସରେ ଦୁଇ ଦିନିଆ ଆଞ୍ଚଳିକ ସମ୍ମିଳନୀ ଆୟୋଜନ ଥିଲା ଏକ ଉଲ୍ଲେଖନୀୟ ଘଟଣା। ଉଦଘାଟନୀ ସମାରୋହରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଅଭୟ ଏସ ଓକା, ଜଷ୍ଟିସ ଆସଉଦ୍ଦିନ ଅମାନୁଲା ପ୍ରମୁଖଙ୍କ ସମେତ ପୂର୍ବାଞ୍ଚଳ ଜୋନ ଅନ୍ତର୍ଗତ ବିଭିନ୍ନ ହାଇକୋର୍ଟର ମୁଖ୍ୟ ବିଚାରପତିମାନେ ଯୋଗ ଦେଇଥିଲେ। ଓଡ଼ିଶା ହାଇକୋର୍ଟରେ ବିଚାରାଧିନ ମାମଲା ବୋଝ ବଢୁଥିବାବେଳେ ଖାଲି ପଡ଼ିଥିବା ମଞ୍ଜୁରୀ ପ୍ରାପ୍ତ ବିଚାରପତି ପଦ ପୂରଣ ହୋଇପାରୁନାହିଁ। ପଦବୀ ଥିବାବେଳେ ମୋଟ ୩୩ଟି ମଞ୍ଜୁରୀ ପ୍ରାପ୍ତ ବିଚାରପତି ପଦବୀ ଥିବାବେଳେ ବିଦାୟୀ ବର୍ଷ ଶେଷରେ ମୁଖ୍ୟ ବିଚାରପତିଙ୍କ ସମେତ ମୋଟ ୧୯ଜଣ ବିଚାରପତି ରହିଛନ୍ତି। ଏବେ ବି ୧୪ଟି ବିଚାରପତି ପଦ ଖାଲି ପଡ଼ିଛି। ବିଗତ ୨୦୨୨ ଓ ୨୦୨୩ ତୁଳନାରେ ୨୦୨୪ରେ କମ ସଂଖ୍ୟକ ବିଚାରପତିଙ୍କୁ ନେଇ ଚାଲି ଆସିଛି ହାଇକୋର୍ଟ। ୨୦୨୨ ଶେଷ ଆଡ଼କୁ ହାଇକୋର୍ଟରେ ବିଚାରପତି ସଂଖ୍ୟା ୨୨ ଥିଲା। ଏପରିକି ୨୦୨୩ ଡିସେମ୍ବର ବେଳକୁ ୨୦ରେ ପହଞ୍ଚିଥିଲା। ୨୦୨୪ ଡିସେମ୍ବର ବେଳକୁ ହାଇକୋର୍ଟରେ ବିଚାରପତି ସଂଖ୍ୟା ୧୯ରେ ସୀମିତ ରହିଛି। ସମ୍ବଲପୁର ମହୁଲପାଲି ଥାନା ଅଞ୍ଚଳରେ ଘଟିଯାଇଥିବା ବହୁ ଚର୍ଚ୍ଚିତ ଟ୍ରିପିଲ ମର୍ଡ଼ର ଘଟଣାରେ ନିମ୍ନ ଅଦାଲତ ଦ୍ୱାରା ଆଇପିସିର ଦଫା ୩୦୨ରେ ଜଣେ ଅଭିଯୁକ୍ତଙ୍କୁ ମିଳିଥିବା ଫାଶୀ ଦଣ୍ଡାଦେଶକୁ ଆଜୀବନ ଜେଲ ଦଣ୍ଡରେ ପରିବର୍ତ୍ତନ କରିଥିଲେ ହାଇକୋର୍ଟ। ଅନେକ ସମୟରେ ଜବରଦଖଲ ଉଚ୍ଛେଦ କରିବାକୁ ତହସିଲଦାର ଅବା ଅନ୍ୟ କୌଣସି ରାଜସ୍ୱ ଅଧିକାରୀ ମାନଙ୍କ ପକ୍ଷରୁ ଜାରି କରାଯାଉଥିବା ନୋଟିସ ଗୁଡିକ ଉପଯୁକ୍ତ ଢ଼ଙ୍ଗରେ କରାଯାଉନି। ଏପରିକି କେଉଁଠି ନିର୍ଦ୍ଦେଶ ଦେଉଥିବା ଅଧିକାରୀଙ୍କ ଦସ୍ତଖତ ରହୁନି ତ ପୁଣି କେଉଁଠି ନୋଟିସ କେଉଁ ତାରିଖରେ ଦିଆଯାଉଛି ତାହା ଉଲ୍ଲେଖ ରହୁନି। ଏଭଳି ଏକ ମାମଲାର ଶୁଣାଣି ବେଳେ ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ତହସିଲଦାର ମାନଙ୍କୁ ଉପଯୁକ୍ତ ତାଲିମ ଦେବାକୁ କହିଥିଲେ ହାଇକୋର୍ଟ। ଭରତପୁର ଥାନାରେ ପୁଲିସ କର୍ମଚାରୀଙ୍କ ଦ୍ୱାରା ଜନୈକ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯିବା ମାମଲାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଓଡ଼ିଶା ହାଇକୋର୍ଟ ନିଜ ଆଡ଼କୁ ଏହାକୁ ଗୁରୁତ୍ୱର ସହ ନେଇ ମାମଲାର ରୁଜୁ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସରକାର ତତ୍ପରତା ପ୍ରକାଶ କରିଥିଲେ। ସେହିଭଳି ବିଦ୍ୟୁତ ତାର ଆଘାତରେ ହାତୀ ମୃତ୍ୟୁ ମାମଲା ଅଦାଲତ ନିଜଆଡ଼କୁ କରିଥିଲେ।




ଓଡ଼ିଶା ହାଇକୋର୍ଟର ଗୁରୁତ୍ୱପୂର୍ଣ୍ଣ ରାୟ ଗୁଡ଼ିକ ହେଉଛି : ଥାନା କାଷ୍ଟରେ ଝୁଲିବ ଗିରଫଦାରୀ ମାର୍ଗଦର୍ଶିକା। ଭରତପୁର ଥାନାରେ ସେନା କର୍ମଚାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ମାଇକ୍ରୋସ୍କୋପିକ ପଦ୍ଧତିରେ କେଶକୁ ତୁଳନା କରିବା ଏକ ବୈଜ୍ଞାନିକ ତଥା ବୈଧ ପ୍ରଣାଳୀ। କିନ୍ତୁ କେବଳ ଏହି ପ୍ରମାଣ ଆଧାରରେ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ। ମହିଳା ଜନ୍ମରୁ ଅନୁସୂଚୀତ ଜନଜାତିର ବର୍ଗଭୁକ୍ତ ଥିଲା ବେଳେ ସେ ଜଣେ ଅଣଏସଟି ବର୍ଗର ବ୍ୟକ୍ତିଙ୍କୁ ବିବାହ କରିବା ପରେ ମଧ୍ୟ ତାଙ୍କର ମୂଳ ଜାତି ପରିବର୍ତ୍ତନ ହୋଇପାରିବନାହିଁ। ଅଣଏସଟି ପୁରୁଷଙ୍କୁ ବିବାହ କରିଥିବାରୁ ସମ୍ପୃକ୍ତ ମହିଳାଙ୍କୁ ଏସଟି ବର୍ଗରୁ ବାଦ ଦିଆଯାଇ ପାରିବ ନାହିଁ ବୋଲି ଜଣିକିଆ ବିଚାରପତି ପ୍ରଦାନ କରିଥିବା ରାୟକୁ କାଏମ ରଖିଥିଲେ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ।

ସିଆରପିସି ଧାରା ୩୧୯ ଅନୁସାରେ ଅଦାଲତ ଦ୍ୱାରା ଅଭିଯୁକ୍ତ ଭାବେ ପକ୍ଷଭୁକ୍ତ ହୋଇ ସମନ ପାଇଥିବା ବ୍ୟକ୍ତି ଆଗୁଆ ଜାମିନ ଆବେଦନ କରିପାରିବେ ବୋଲି ସିଆରପିସିର ଧାରା ୪୩୮ ଅନୁସାରେ ଏହି ଆଗୁଆ ଜାମିନ ଆବେଦନ କରାଯାଇପାରିବ ବୋଲି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ରାୟ ଶୁଣାଇଥିଲେ। ଅନୁକମ୍ପା ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ନିର୍ଭରଶୀଳତାକୁ ମାନଦଣ୍ଡ ଭାବେ ଗ୍ରହଣ କରାଯିବା ଉଚିତ। ଜଣେ ଝିଅ ବିବାହ କରିବା ପରେ ବି ପିତାମାତାଙ୍କ ପ୍ରତି ଥିବା ଉତ୍ତରଦାୟିତ୍ୱରୁ ମୁକୁଳିନଥାଏ। ବିବାହିତା ଝିଅ ହୋଇଥିବା କାରଣରୁ ଅନୁକମ୍ପା ନିଯୁକ୍ତିରୁ ବଞ୍ଚିତ ନିଷ୍ପତ୍ତି ଯଥାର୍ଥ ନୁହଁ ବୋଲି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ରାୟ ଶୁଣାଇଥିଲେ। ଜନୈକ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ପୋଷ୍ୟ ଭାବେ ଗ୍ରହଣ କରିଥିବା ପୁଅଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ମିଳିପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ କାଏମ ରଖିଥିଲେ। ବିଭିନ୍ନ ମାମଲାରେ ଗିରଫ ଅଭିଯୁକ୍ତ ମାନଙ୍କୁ ବିଦାୟୀ ବର୍ଷ ୨୦୨୪ରେ ହାଇକୋର୍ଟ ଜାମିନ ପ୍ରଦାନ କରିବା ସହ ଗୁରୁତ୍ୱପୂର୍ଣ୍ଣ ତଥା ନିଆରା ସର୍ତ୍ତାରୋପ କରିଥିବାର ନଜିର ରହିଛି। ଅଭିଯୁକ୍ତ ମାନଙ୍କୁ ନିଜ ଗାଁ ଆଖପାଖ ଅଞ୍ଚଳରେ ଆମ୍ବ ଓ ତେନ୍ତୁଳି ଗଛ ଲଗାଇବା ସହ ଏଗୁଡ଼ିକର ଯତ୍ନ ନେବାକୁ ସର୍ତ୍ତ ଧାର୍ଯ୍ୟ କରିଥିଲେ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ।

ମହିଳା କର୍ମଚାରୀ ଯଦି ସରୋଗାସି ମାଧ୍ୟମରେ ସନ୍ତାନ ଜନ୍ମ ଦିଅନ୍ତି ତେବେ ବି ତାଙ୍କୁ ସାଧାରଣ ମହିଳା କର୍ମଚାରୀଙ୍କ ଭଳି ପ୍ରସବକାଳୀନ ଛୁଟି ମିଳିପାରିବ ବୋଲି ହାଇକୋର୍ଟ ଏକ ରାୟ ପ୍ରଦାନ କରିଥିଲେ। ପ୍ରାକୃତିକ ଉପାୟରେ ସନ୍ତାନ ପ୍ରସବ କରିଥିବା ମହିଳା କର୍ମଚାରୀଙ୍କୁ ପ୍ରସବକାଳୀନ ଛୁଟି ପ୍ରଦାନ କରାଯାଉଛି ତେବେ ସରୋଗାସି ପ୍ରକ୍ରିୟା ଦ୍ୱାରା ସନ୍ତାନ ପ୍ରାପ୍ତି କରିଥିବା ମହିଳାଙ୍କୁ ଏହି ସୁବିଧା ପ୍ରଦାନରୁ ବଞ୍ଚିତ କରାଯିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଥିଲେ। ମାଟ୍ରିକ ପାସ ପ୍ରମାଣ ପତ୍ରରେ ଉଲ୍ଲେଖି ଥିବା ଜନ୍ମ ତାରିଖକୁ ଯେ କୌଣସି କ୍ଷେତ୍ରରେ ଜନ୍ମ ତାରିଖ ଭାବେ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ। ଜନୈକ ଶିକ୍ଷକଙ୍କ ପକ୍ଷରୁ ଦାୟର ଆବେଦନ ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ଘର ଭଡ଼ା ନେଇ ରହୁଥିବା ଲୋକଙ୍କୁ ଭଡ଼ା ଛଡ଼ାଇବାର ୧୫ ଦିନ ପୂର୍ବରୁ ନୋଟିସ ଦିଆଯିବା ସମ୍ପତ୍ତି ସ୍ଥାନାନ୍ତର ଆଇନର ଧାରା ୧୦୬ରେ ଏହା ମଧ୍ୟ ଉଲ୍ଲେଖ ରହିଛି। ଘର ଛାଡ଼ିବା ପାଇଁ ସର୍ବନିମନ ୧୫ ଦିନ ପୂର୍ବରୁ ନୋଟିସ ବାଧ୍ୟତାମୂଳକ ବୋଲି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଓଡ଼ିଶା ପୋଲିସ ଚୟନ ବୋର୍ଡ଼ ତରଫରୁ ପ୍ରକାଶିତ ଡ୍ରାଇଭର, ସିପାହୀ ଓ କନଷ୍ଟେବଳ ନିଯୁକ୍ତି ବିଜ୍ଞପ୍ତିରେ ସର୍ବୋଚ୍ଚ ବୟସ ସୀମା କୋହଳ ହୋଇପାରିଥିଲା। ଡ୍ରାଇଭର ନିଯୁକ୍ତି କ୍ଷେତ୍ରରେ ଚାରି ବର୍ଷ ଓ ସିପାହୀ କନେଷ୍ଟବଳ ନିଯୁକ୍ତି କ୍ଷେତ୍ରରେ ଆବେଦନକାରୀଙ୍କ ପାଇଁ ୬ ବର୍ଷ କୋହଳ ହୋଇଥିଲା ସର୍ବୋଚ୍ଚ ବୟସ ସୀମା।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

# ରାଜ୍ୟକୁ ଆସିବ ୪ ହଜାର କୋଟିର ନିବେଶ



ବାଦଲ ଭୂୟାଁ

ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ଶାସନ ଦାୟିତ୍ୱ ନେବାପରେ ପ୍ରଗତିର ବେଗ ଦୌଡୁଛି। ସବୁକ୍ଷେତ୍ରରେ ଓଡ଼ିଶା ଆଜି ବିକଶିତ ରାଜ୍ୟ ଭାବେ ପରିଚିତ ମଧ୍ୟ ହୋଇଛି। ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ପାଇଁ ଇମେଲ, ହ୍ୱାଟସପ୍ ସହିତ ଓଡ଼ିଶା ଭିଜନ ୱେବସାଇଟ ମାଧ୍ୟମରେ ଭାରତ ତଥା ବିଦେଶରୁ ୩ଲକ୍ଷରୁ ଅଧିକ ନାଗରିକଙ୍କ ମତାମତ ସଂଗ୍ରହ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ବୋଲି କହିବା ସହ ଏଥିପାଇଁ ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତରେ ପ୍ରଥମଥର ପାଇଁ ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନାଗରିକଙ୍କ ପରାମର୍ଶକୁ ଭଲ ଭାବେ ସମୀକ୍ଷା ଓ ବିଶ୍ଲେଷଣ କରିବାରେ ସଫଳ ହୋଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ଚିନ୍ତାଧାରାକୁ ବିଚାରକୁ ନିଆଯାଇଛି। ଏହି ଅଭିନବ ପଦକ୍ଷେପ ନାଗରିକଙ୍କ ଦ୍ୱାରା ପରିଚାଳିତ ନୀତି ନିର୍ଦ୍ଧାରଣ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରିବାକୁ ଓଡ଼ିଶାର ପ୍ରତିବଦ୍ଧତାକୁ ସୂଚୀତ କରୁଥିବା ମୁଖ୍ୟମନ୍ତ୍ରୀ ମାଝୀ ଉଲ୍ଲେଖ କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି। ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହା ଏକ ଐତିହାସିକ ସହଯୋଗ ହୋଇଥିବାବେଳେ ଛାତ୍ର, ବୃତ୍ତିଗତ, ସରକାରୀ କର୍ମଚାରୀ, ସଂଗଠନ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ହିତାଧିକାରୀଙ୍କ ଠାରୁ ମତ ସଂଗ୍ରହ କରାଯାଇଛି। ୧୭ଟି ଦିଗକୁ ଦୃଷ୍ଟିରେ ରଖି ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ମୂଳଦୁଆ ଗଠନ ଲାଗି ସରକାର ପଦକ୍ଷେପ ଗ୍ରହଣ କରୁଥିବା ଦର୍ଶାଯାଇଛି। କୃଷି ଏବଂ ଗ୍ରାମୀଣ ବିକାଶ ପାଇଁ ଜଳବାୟୁ-ସ୍ମାର୍ଟ କୃଷି, ଉନ୍ନତ ଜଳସେଚନ ଏବଂ ବଜାର ସଂଯୋଗ ଉପରେ ଧ୍ୟାନ ଦିଆଯିବ। ସ୍ଥାୟୀ ଖଣି ଅଭ୍ୟାସ ଦ୍ୱାରା ପରିବେଶ ସ୍ଥିରତା ଏବଂ ସମ୍ପ୍ରଦାୟର ସୁସ୍ଥତାକୁ ପ୍ରାଧାନ୍ୟ ଦିଆଯାଉଛି। ସେହିପରି ମହିଳା ନେତୃତ୍ୱାଧୀନ ଅଭିବୃଦ୍ଧି ପାଇଁ ମହିଳା ଉଦ୍ୟୋଗୀ ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରାଯାଉଛି। ପର୍ଯ୍ୟଟନ ଓ ଐତିହ୍ୟକୁ ପ୍ରୋତ୍ସାହନ ପାଇଁ ରଣନୈତିକ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ଅନୁରୂପ ଭାବେ ସହରୀ ବିକାଶ ପାଇଁ ସ୍ମାର୍ଟ ସିଟି ଏବଂ ସ୍ଥାୟୀ ସହରୀକରଣକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଜଳବାୟୁ ସ୍ଥିରତା ତଥା ବିପର୍ଯ୍ୟୟର ମୁକାବିଲା ପ୍ରସ୍ତୁତିକୁ ମଜଭୁତ କରିବା ଏବଂ ଅକ୍ଷୟ ଶକ୍ତି ସମାଧାନ ଗ୍ରହଣ କରିବା ସରକାରଙ୍କ ଲକ୍ଷ୍ୟ ରହିଥିବା ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ପରିପ୍ରେକ୍ଷୀରେ କୁହାଯାଇଛି। ସେହିପରି ଓଡ଼ିଶାରେ ଶିଳ୍ପ ସମ୍ଭାବନା ଓ ଯୁବ ବର୍ଗଙ୍କୁ ଦୃଷ୍ଟିରେ ରଖି ରାଜ୍ୟରେ ଶିଳ୍ପ ସ୍ଥାପନ କରିବେ ୨୫ କମ୍ପାନୀ। ଏହି କମ୍ପାନୀଗୁଡ଼ିକ ମିଳିତ ଭାବେ ଓଡ଼ିଶାରେ ୪୨୨୨.୨୪ କୋଟି ଟଙ୍କା ବିନିଯୋଗ କରିବେ। ୧୩୩ତମ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ ଅନୁମୋଦନ କର୍ତ୍ତୃପକ୍ଷ ଏହି ପ୍ରସ୍ତାବ ଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିଛି। ଏହା ଦ୍ୱାରା ୧୪, ୪୯୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ଅଭିବୃଦ୍ଧିରେ ଏହା ବଡ଼ ଯୋଗଦାନ ହେବ। ଦିଲ୍ଲୀ, ମୁମ୍ବାଇ ଏବଂ ସିଙ୍ଗାପୁରରେ ଉତ୍କର୍ଷ ଓଡ଼ିଶା ରୋଡ଼ ସୋକୁ ମିଳିଛି ସଫଳତା। ରାଜ୍ୟର ୧୬ଟି କ୍ଷେତ୍ରରେ ଏହି କମ୍ପାନୀଗୁଡ଼ିକ ନିବେଶ କରିବେ। ଉତ୍କର୍ଷ ଓଡ଼ିଶା ନିବେଶକ ସମ୍ମିଳନୀର ଅବ୍ୟବହିତ ପୂର୍ବରୁ କମ୍ପାନୀଗୁଡ଼ିକ ଓଡ଼ିଶାରେ



ନିବେଶ ନେଇ ଅଗ୍ରସର ହୋଇଛନ୍ତି। ଏହା ରାଜ୍ୟର ଶିଳ୍ପ ବିକାଶ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛି। ଅକ୍ଷୟଶକ୍ତି ଯନ୍ତ୍ରାଂଶ, ଫାର୍ମା, ବୟନ, ପୋଷାକ, ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ, ଆଲୁମିନିୟମ ଆନୁସଙ୍ଗିକ, ଧାତବ ଆନୁସଙ୍ଗିକ, ପ୍ୟାକେଜିଂ, ରବର, ଜୈବ ଇନ୍ଧନ, ସାର, କେମିକାଲ, ଖଣିଜ, ଷ୍ଟିଲ ବେନିଫିକେସନ, ରେୟାର ଆର୍ଥ, ଭିତ୍ତିଭୂମି, କୃଷି ପ୍ରକ୍ରିୟାକରଣ ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ରରେ ରାଜ୍ୟର ୧୧ ଜିଲ୍ଲାରେ ଏହି ଶିଳ୍ପଗୁଡ଼ିକ ଆସିବେ। ଶୋଭା ସୋଲାର ଲିମିଟେଡ ନାମକ କମ୍ପାନୀ ଅନୁଗୁଳରେ ୩୮୦ କୋଟି ଟଙ୍କା ବିନିଯୋଗରେ ୧ ଗିଗାୱାଟର ସୋଲାର ସେଲ ମାନୁଫାକଚରିଂ ୟୁନିକ ବସାଇବ। ଗଞ୍ଜାମରେ ହେଟ୍ରୋଲ୍ୟାବସ ଲିମିଟେଡ ୭୦୦ କୋଟି ଟଙ୍କା ବିନିଯୋଗରେ ଏକ ଫାର୍ମା ୟୁନିଟ ବସାଇବ। ବୟନ ଏବଂ ପୋଷାକ ବର୍ଗରେ ଖୋର୍ଦ୍ଧାରେ ୧୩୦ କୋଟି ଟଙ୍କା ବିନିଯୋଗରେ ଆଦିଷ୍ଟମ ଭେଞ୍ଚର ଏକ ୟୁନିଟ ଆଣିବ।

ସେହିଭଳି ଅନୁଭବ ଆପାରେଲ ୫୨ କୋଟି ଟଙ୍କା ନିବେଶ ସହ ଖୋର୍ଦ୍ଧାରେ ରେଡ଼ିମେଡ଼ ଗାର୍ମେଣ୍ଟ ଉତ୍ପାଦନ ଲକ୍ଷ୍ୟ ରଖିଛି। ଗଣେଶ ଇକୋପେଟ ପ୍ରାଇଭେଟ ଲିମିଟେଡ ୫୨୦ କୋଟି ଟଙ୍କା ନିବେଶ ସହ ଗଞ୍ଜାମରେ ଆରପିଇଟି ଗ୍ରାନ୍ୟୁଲ୍ସ ୟୁନିଟ ବସାଇବା ଲକ୍ଷ୍ୟ ରଖିଛି। ନବରଙ୍ଗପୁରରେ ରୋରଆନ ଫ୍ଲୁଇଡ ୧୬୭ କୋଟିରେ ପିଭିସି, ସିପିଭିସି, ଓପିଭିସି ୟୁନିଟ କରିବ। ଗଞ୍ଜାମରେ ୧୧୫ କୋଟି ନିବେଶ ସହ ଟେକ୍ନୋପ୍ଲାଷ୍ଟ ପିଇଟି ପ୍ରିଫର୍ମ ଏବଂ ଏଚଡ଼ିପିଇ କ୍ଲୋଜର ୟୁନିଟ ବସାଇବା ଲକ୍ଷ୍ୟ ରଖିଛି। କଟକରେ ସୁପ୍ରିମ ଇଣ୍ଡଷ୍ଟ୍ରିଜ ରୋଟୋ ମଡ୍ୟୁଲ ୱାଟର ଟାଙ୍କି ୟୁନିଟ କରିବ। ଗଞ୍ଜାମରେ ସ୍ୱାଜୀ ନ୍ୟୁଟ୍ରିସନାଲ ୪୩୩ କୋଟିରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ବସାଇବ। ସେହିଭଳି ବିସଲେରି ୨୬୫ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧାରେ ସମନ୍ୱିତ ବେଭରେଜ ୟୁନିଟ କରିବ। ଝାରସୁଗୁଡ଼ାରେ ଲୁମିନୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ୨୫୦ କୋଟିରେ ଆଲୁମିନିୟମ କଣ୍ଡକ୍ଟର କେବଳ ୟୁନିଟ ଏବଂ କେଏସଇ ଇଲେକ୍ଟ୍ରିକାଲର ଇଲେକ୍ଟ୍ରିକାଲ ଟ୍ରାନ୍ସମିଶନ ୟୁନିଟ ଆସିବ। ୫୩୦ କୋଟି ବିନିଯୋଗରେ ଖୋର୍ଦ୍ଧାରେ ସାଲିମାର ଗ୍ଲାସ ୱାର୍କସ ପ୍ୟାକେଜିଂ କଣ୍ଟେନର ଗ୍ଲାସ ମାନୁଫାକଚରିଂ ସେଞ୍ଚୁରୀ ଇଣ୍ଡଷ୍ଟ୍ରିଆଲ ପ୍ରଡ଼କ୍ଟ ୧୧କୋଟିରେ ରବର କନଭେୟର ଟ୍ରାନ୍ସମିଶନ ବେଲ୍ଟ ଏବଂ ବରଗଡ଼ରେ ୧୨୧ କୋଟିରେ ରିଲାଏନ୍ସର କମ୍ପ୍ରେସଡ଼ ବାୟୋଗ୍ୟାସ ୟୁନିଟ ଆସୁଛି। ସେହିଭଳି ଝାରସୁଗୁଡ଼ାରେ ଉତ୍କଳ ହାଇଡ୍ରୋକାର୍ବନ ଲିମିଟେଡ, ସୁନ୍ଦରଗଡ଼ରେ ୧୧୨ କୋଟିରେ ଲାବନ୍ୟବତି ମିନେରାଲ୍ସର ଷ୍ଟିଲ ବେନିଫିକେସନ, ଝାରସୁଗୁଡ଼ାରେ ମା ଦୁର୍ଗା କୋଲ ମିନେରାଲର ୧୧୪ କୋଟିରେ ଘରୋଇ ଫ୍ରେଗ ଟର୍ମିନାଲ, ଶ୍ୟାମ ମେଟାଲିକ୍ସର ୭୧୦ କୋଟିରେ ସମ୍ବଲପୁରରେ ଟିଟାନିୟମ ସ୍ଲାଗ, ଅନୁଗୁଳରେ ଓଏସଏଲର ପିଏଫଟି, ୧୪୯ କୋଟିରେ ତରଙ୍ଗିଣୀ ଡିଷ୍ଟେଲେରୀର ଇଥାନଲ ୟୁନିଟ ଆସିବାକୁ ଯାଉଛି। ସେହିଭଳି ପର୍ଯ୍ୟଟନ କ୍ଷେତ୍ରରେ ଖୋର୍ଦ୍ଧାରେ ବିରେନ୍ଦ୍ର ହୋଟେଲ ଆଣ୍ଡ ବାଙ୍କୁଏଟ, ପୁରୀର ଜଗନ୍ନାଥ କର୍ପୋରେସନର ୫ଷ୍ଟାର ହୋଟେଲ ଏବଂ ରିସର୍ଟ, ଖୋର୍ଦ୍ଧାରେ ତଭସ୍ୟା ହସ୍ପିଟାଲର ୩ ଷ୍ଟାର ହୋଟେଲ ଏବଂ କନ୍ଧମାଳରେ କିଟ ହସ୍ପିଟାଲିଟିର ହୋଟେଲ ଆଣ୍ଡ ରିସର୍ଟ ସୁବିଧା ସ୍ଥାପନ ହେବ ବୋଲି ଜଣାପଡ଼ିଛି। ଓଡ଼ିଶାରେ ବିପୁଳ ପ୍ରାକୃତିକ ସମ୍ପଦ ଓ ଖଣିଜ ସମ୍ପଦ ରହିଥିବାବେଳେ ଦକ୍ଷ ଓ କୁଶଳୀ ଶ୍ରମଶକ୍ତି ଓ ଉଚ୍ଚ ଶିକ୍ଷାପ୍ରାପ୍ତ ଯୁବ ବର୍ଗ ରହିଥିବାରୁ ପ୍ରଗତି ଓଡ଼ିଶାରେ ଏମାନଙ୍କ ଅପାରଯୋଗଦାନ ବିକାଶ ପଥରେ ଓଡ଼ିଶାକୁ ଆହୁରି ଆଗେଇ ନେବ ବୋଲି ଆଶା ଓ ବିଶ୍ୱାସ।

**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼**
**ପୁରୁଣା ସୋନାରୀ, ଜାମସେଦପୁର**
**ମୋବାଇଲ୍: ୯୨୦୪୬୫୨୦୬୫**

## ଦିଲ୍ଲୀ ବିଧାନସଭା ନିର୍ବାଚନ

# ବିଜେପିର ପ୍ରଥମ ପ୍ରାର୍ଥୀ ତାଲିକା ଜାରି



**ନୂଆଦିଲ୍ଲୀ,୪।୧:** ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରିଛି ବିଜେପି। ଏହି ପର୍ଯ୍ୟାୟରେ ୨୯ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି ଦଳ। ତା' ମଧ୍ୟରେ ରହିଛି ପୂର୍ବତନ ଲୋକସଭା ସାଂସଦ ପ୍ରବେଶ ସାହିବ ସିଂହ ବର୍ମା ଓ ରମେଶ ବିଧୂଡ଼ୀଙ୍କ ନାଁ।

ନୂଆଦିଲ୍ଲୀ ଆସନରେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ବିପକ୍ଷରେ ପ୍ରବେଶଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ବିପକ୍ଷରେ କାଲକାଜୀରେ ବରିଷ୍ଠ ନେତା ରମେଶ ବିଧୂଡ଼ୀଙ୍କୁ ଛିଡ଼ା କରିଛି। ସେହିପରି ଆପ୍ ଛାଡ଼ି ବିଜେପିରେ ମିଶିଥିବା ପୂର୍ବତନ ମନ୍ତ୍ରୀ ରାଜ କୁମାର ଆନନ୍ଦ ଓ କୈଳାଶ ଗହଲୋତଙ୍କୁ ମିଳିଛି ଟିକେଟ। ରାଜ କୁମାର ଆନନ୍ଦଙ୍କୁ ପଟେଲ ନଗରରୁ ପ୍ରାର୍ଥୀ କରାଯାଇଥିବା ବେଳେ କୈଳାଶ ଗହଲୋତଙ୍କୁ ବିଜୱାସନରୁ ଟିକେଟ ଦିଆଯାଇଛି। ଆପ୍‌ରୁ ବିଜେପିକୁ ଡେଇଁଥିବା ବିଧାୟକ କରତାର ସିଂହ ତନୱରଙ୍କୁ ଛତରପୁର ଆସନରୁ ପ୍ରାର୍ଥୀ କରାଯାଇଛି। ଗାନ୍ଧୀ ନଗର ବିଧାୟକ ଅନୀଲ ବାଜପେୟୀଙ୍କୁ ଏଥର ଟିକେଟ ଦେଇନି ବିଜେପି। ତାଙ୍କ ବଦଳରେ ପୂର୍ବତନ ଦିଲ୍ଲୀ କଂଗ୍ରେସ ମୁଖ୍ୟ ଅରବିନ୍ଦର ସିଂହ ଲଭଲୀଙ୍କୁ ଦଳ ଟିକେଟ ଦେଇଛି। ଶୀଲା ଦିକ୍ଷୀତଙ୍କ ନେତୃତ୍ୱାଧୀନ ସରକାରରେ ୨୦୦୩ରୁ ୨୦୧୩ ପର୍ଯ୍ୟନ୍ତ ମନ୍ତ୍ରୀ ଥିବା ଲଭଲୀ ଗତ ବର୍ଷ ବିଜେପିରେ ଯୋଗ ଦେଇଥିଲେ। କଂଗ୍ରେସ ଛାଡ଼ି ବିଜେପିରେ ମିଶିଥିବା ପୂର୍ବତନ ମନ୍ତ୍ରୀ ରାଜକୁମାର ଚୌହାନଙ୍କୁ ମଙ୍ଗଲପୁରୀରୁ ଟିକେଟ ମିଳିଛି।

ଦିଲ୍ଲୀ ବିଜେପିର ପୂର୍ବତନ ସଭାପତି ସତୀଶ ଉପାଧ୍ୟାୟ ମାଲବୀୟ ନଗରରୁ ପ୍ରାର୍ଥୀ ହୋଇଥିବା ବେଳେ ମନୋଜ ଶୌକୀନ ଓ ବିଜେନ୍ଦ୍ର ଗୁପ୍ତା ଯଥାକ୍ରମେ ନାଙ୍ଗଲୋଇ ଜାଟ୍ ଓ ରୋହିଣୀ ଆସନରୁ ଟିକେଟ ପାଇଛନ୍ତି। ନୂଆଦିଲ୍ଲୀ ଆସନରେ ଆପ୍‌ରୁ ଅରବିନ୍ଦ କେଜ୍ରିୱାଲ ପ୍ରାର୍ଥୀ ହୋଇଥିବା ବେଳେ ବିଜେପିରୁ ପ୍ରବେଶ ବର୍ମା ଓ କଂଗ୍ରେସରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦିକ୍ଷୀତଙ୍କ ପୁଅ ସନ୍ଦୀପ ଦିକ୍ଷୀତ ପ୍ରାର୍ଥୀ ହୋଇଛନ୍ତି। ତେଣୁ ଏଠାରେ ଜୋରଦାର ଲଢ଼େଇ ହେବ ବୋଲି କୁହାଯାଉଛି। ସେହିପରି କାଲକାଜୀରେ ଆପ୍ ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ରମେଶ ବିଧୂଡ଼ୀ ଓ କଂଗ୍ରେସ ଅଲକା ଲାମ୍ବାଙ୍କୁ ପ୍ରାର୍ଥୀ କରିଛି। ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆପ୍ ସମସ୍ତ ୭୦ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ଏଯାବତ ୨୧ ଜଣଙ୍କ ନାଁ ଘୋଷଣା କରିଛି।

# ଚୀନରେ ଏଚଏମପିଭି ଭୂତାଣୁ ଆତଙ୍କ




**ବେଜିଂ,୪।୧:** ଚୀନରୁ ଆରମ୍ଭ ହୋଇଥିବା କୋଭିଡ-୧୯ ଭାଇରସ ସମଗ୍ର ବିଶ୍ୱରେ ଯେଉଁ ଆତଙ୍କ ସୃଷ୍ଟି କରିଥିଲା, ତାହା ଏଯାଏଁ ମନରୁ ଲିଭିନି। ଏପଟେ ସେହି ଚୀନରେ ଦ୍ରୁତ ଗତିରେ ବ୍ୟାପୁଥିବା ଆଉ ଏକ ନୂଆ ଭାଇରସ୍ ପୁଣି ଚିନ୍ତା ବଢ଼ାଇଛି। ପିଲାଠୁ ବୁଢ଼ା ସମସ୍ତଙ୍କୁ ଏହି ନୂଆ ଭାଇରସ୍ ଆକ୍ରାନ୍ତ କରୁଛି। ହୁ ହୁ ହୋଇ ସଂକ୍ରମଣ ମାମଲା ବୃଦ୍ଧି ପାଇବା ଫଳରେ ହସ୍ପିଟାଲ ଗୁଡ଼ିକ ଭର୍ତ୍ତି ହେଲାଣି। ଚୀନରେ ଚିହ୍ନଟ ହୋଇଥିବା ଏହି ନୂଆ ଭାଇରାସର ଲକ୍ଷଣ ପ୍ରାୟ କୋରନା ମହାମାରୀ ଭଳି। ଏହି ନୂଆ ଭାଇରସର ନାଁ 'ହ୍ୟୁମାନ ମେଟାନ୍ୟୁମୋଭାଇରସ'(ହ୍ୟୁମାନ ମେଟାପ୍ନିୟୁମୋ ଭାଇରସ) ବା ଏଚଏମପିଭି ରଖାଯାଇଛି।

ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଚୀନରେ ଏଚଏମପିଭି ଭାଇରସ୍ ପବନ ବେଗରେ ବ୍ୟାପୁଛି। ବିଶେଷ କରି ଉତ୍ତର ଚୀନରେ ସଂକ୍ରମଣ ମାମଲା ସର୍ବାଧିକ। ଏଥିରେ ୧୪ ବର୍ଷରୁ କମ୍ ବୟସ୍କ ଶିଶୁ ସର୍ବାଧିକ ସଂକ୍ରମିତ ହେଉଛନ୍ତି। ଏହି ଭାଇରସକୁ ରୋକିବାକୁ ଚୀନ ସରକାର ରୋଗୀ ଚିହ୍ନଟ ପ୍ରକ୍ରିୟା ସହ ଆଇସୋଲେସନ ପ୍ରୋଟକଲକୁ ଅଧିକ କଡ଼ାକଡ଼ି କରିଛନ୍ତି। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମଧ୍ୟ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏହି ଖବର ପୁଣି ସାରା ବିଶ୍ୱରେ ଭୟର ମାହୋଲ ସୃଷ୍ଟି କରିଥିବାବେଳେ ଚୀନରୁ କିଛି ଫଟୋ ଓ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଲାଣି। ଯେଉଁଥିରେ ହସ୍ପିଟାଲଗୁଡ଼ିକରେ ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳୁଛି। କେବଳ ହସ୍ପିଟାଲ ନୁହେଁ, ଶ୍ମଶାନ ଘାଟରେ ବି ଭିଡ଼ ଜମିଥିବା ଅନେକ ଦାବି କରୁଛନ୍ତି।

### ଏଚଏମପିଭି କ'ଣ ଓ ଏହା କାହିଁକି ବ୍ୟାପୁଛି

କୋଭିଡ-୧୯ ଭାଇରସ୍ ଭଳି ଏଚଏମପିଭି ସଂକ୍ରମିତଙ୍କଠାରେ ସମାନ ଲକ୍ଷଣ ଦେଖିବାକୁ ମିଳୁଛି। ଥଣ୍ଡା କାଶ, ଜ୍ୱର ଲକ୍ଷଣ ସହ ଏହା ନିମୋନିଆ, ବ୍ରୋଙ୍କୋଇଟିସ୍ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ଶ୍ୱାସକ୍ରିୟାଜନିତ ସମସ୍ୟା ମଧ୍ୟ ଦେଖାଯାଉଛି। ଏହି ଭୂତାଣୁ ବିଶେଷ ଭାବରେ ଛୋଟ ପିଲା, ବୟସ୍କ ବ୍ୟକ୍ତି ଏବଂ ରୋଗ ପ୍ରତିରୋଧକ କ୍ଷମତା ଦୁର୍ବଳ ଥିବା ବ୍ୟକ୍ତିଙ୍କୁ ଅଧିକ ଆକ୍ରାନ୍ତ କରୁଛି। ରୟଟର୍ସ ମୁତାବକ, ରୋଗୀଙ୍କଠାରେ ଇନଫ୍ଲୁଏଞ୍ଜା ଏ, ମାଇକୋପ୍ଲାଜମା ନିମୋନିଆ, ରାଇନୋଭାଇରସ ଓ କୋଭିଡ-୧୯ ଭଳି ଅନ୍ୟ ଭାଇରସର ସଂକ୍ରମଣ ମଧ୍ୟ ଦେଖାଯାଉଛି।

## ଇଥିଓପିଆରେ ଶକ୍ତିଶାଳୀ ଭୂକମ୍ପ ରିକ୍ଟର ସ୍କେଲରେ ତୀବ୍ରତା ୬.୧ ରେକର୍ଡ଼

**ନୂଆଦିଲ୍ଲୀ,୪।୧:** ପୁଣି ଭୂକମ୍ପ ଝଟକାରେ ଥରିଲା ଇଥିଓପିଆ। ଆଜି ସକାଳେ ଇଥିଓପିଆରେ ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୧ ରେକର୍ଡ଼ କରାଯାଇଛି। ତେବେ ଏହି ଭୂକମ୍ପଜନିତ ଆହତ କିମ୍ବା କ୍ଷୟକ୍ଷତି ସମ୍ବନ୍ଧରେ ଏବେ ସୁଦ୍ଧା କୌଣସି ସୂଚନା ମିଳିପାରିନାହିଁ। ହେଲେ ଭୂକମ୍ପ ଯୋଗୁଁ ଜ୍ୱାଳାମୁଖୀ ଫାଟିବର ଆଶଙ୍କା କରାଯାଉଛି। ଭୂକମ୍ପ ସମୟରେ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇ ସୁରକ୍ଷିତ ସ୍ଥାନକୁ ଚାଲି ଯାଇଥିଲେ। ୟୁରୋପୀୟ ଭୂମଧ୍ୟସାଗରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ରିପୋର୍ଟ ଅନୁଯାୟୀ, ଏହି ଭୂମିକମ୍ପର ଗଭୀରତା ୧୦ କିଲୋମିଟର ଥିବା ଜଣାପଡ଼ିଛି। ତେବେ ଏହି ବଡ଼ ଧରଣର ଭୂକମ୍ପ ଯୋଗୁଁ ଇଥିଓପିଆର ମଧ୍ୟ ମାଉଣ୍ଟ ଡ଼ୋଫନରେ ଥିବା ଜ୍ୱାଳାମୁଖି ଫାଟିବାର ସମ୍ଭାବନା ଥିବା ସୂଚନା ମିଳିଛି।

## ତାମିଲନାଡୁ ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ, ୬ ମୃତ

**ନୂଆଦିଲ୍ଲୀ,୪।୧:** ତାମିଲନାଡୁର ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ। ଫଳରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ତାମିଲନାଡୁର ବିରୁଧନଗର ଜିଲ୍ଲା ସତୁର ଅଞ୍ଚଳରେ ଏହି ଘଟଣା ଘଟିଛି। ତେବେ କେମିକାଲ୍ ମିଶ୍ରଣ ପ୍ରକ୍ରିୟା ସମୟରେ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ଏନେଇ ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ତେବେ ବିସ୍ଫୋରଣ ସମୟରେ ଶ୍ରମିକମାନେ ପ୍ରତିଦିନ ଭଳି କାମ କରୁଥିଲେ। ହେଲେ ହଠାତ୍ ବିସ୍ଫୋରଣ ଯୋଗୁଁ ୬ ଜଣଙ୍କର ଜୀବନ ଯାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏନେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛି। ସେହିପରି ତାମିଲନାଡୁରେ ଏହି ଘଟଣା ପୂର୍ବରୁ ମଧ୍ୟ ଏଭଳି ଦୁଇଟି ଦୁର୍ଘଟଣା ଘଟିଛି। ଯେଉଁଥିରେ ୧୨ ଜଣ ମହିଳାଙ୍କ ସମେତ ୧୪ ଜଣଙ୍କର ମୃତ୍ୟୁ ଘଟିଛି।

## ଚୀନର ପରିବା ବଜାରରେ ଭୟାବହ ଅଗ୍ନିକାଣ୍ଡ, ୮ ମୃତ

**ନୂଆଦିଲ୍ଲୀ,୪।୧:** ଚୀନର ଉତ୍ତରାଞ୍ଚଳରେ ଥିବା ହେବି ପ୍ରଦେଶର ଏକ ପରିବା ବଜାରରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୮ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ଏହି ଭୟାବହ ଦୁର୍ଘଟଣାରେ ୧୫ ଜଣ ଆହତ ହୋଇଛନ୍ତି ବୋଲି ରାଜ୍ୟ ଖବର ପ୍ରସାରଣକାରି ସଂସ୍ଥା ସିସିଟିଭି ଶନିବାର ଘୋଷଣା କରିଛି। ଜାଙ୍ଗଜିଆକୋ ସହରର ମଧ୍ୟରେ ଥିବା ଏକ ପରିବା ବଜାରରେ ଶନିବାର ସକାଳ ୮ଟା ୪୦ ମିନିଟ ସୁଦ୍ଧା ଭୟଙ୍କର ଅଗ୍ନିକାଣ୍ଡ ହୋଇଥିବା ନେଇ ସୁଚନା ମିଳିଥିଲା। ଏହି ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ଅଗ୍ନିଶମ କର୍ମଚାରୀମାନଙ୍କର ୪ ଘଣ୍ଟାର ପ୍ରୟାସ ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ କରାଯାଇ ପାରିଥିଲା। ବର୍ତ୍ତମାନ ଏହି ଅଗ୍ନିକାଣ୍ଡର କାରଣ ସମ୍ପର୍କରେ କିଛି ଜଣାପଡି ନଥିବା ବେଳେ ସ୍ଥାନୀୟ ଅଧିକାରୀମାନେ ଏ ଦିଗରେ ଅନୁସନ୍ଧାନ କରୁଛନ୍ତି ବୋଲି ସ୍ଥାନିୟ ଗଣମାଧ୍ୟମ ସଂସ୍ଥା ପ୍ରକାଶ କରିଛି।

## ସ୍ୱାଧୀନତା ଦିବସ ଅବସରରେ ମୁକ୍ତ ହେବ ୫,୮୬୪ ଜଣ ବନ୍ଦୀ

**ନୂଆଦିଲ୍ଲୀ,୪।୧:** ମିଆଁମାରର ସାମରିକ ସରକାର ଦେଶର ସ୍ୱାଧୀନତା ଦିବସ ପାଳନ ଅବସରରେ ୧୮୦ ଜଣ ବିଦେଶୀଙ୍କ ସମେତ ୫,୮୬୪ ଜଣ ବନ୍ଦୀଙ୍କୁ ମୁକ୍ତ କରିବେ ବୋଲି ରାଜ୍ୟ ଗଣମାଧ୍ୟମ ଶନିବାର ଦିନ ଘୋଷଣା କରିଛି। ୨୦୨୧ ମସିହାର ଆରମ୍ଭରେ ମିଆଁମାର ଦେଶ ଅଶାନ୍ତ ହୋଇପଡିଥିଲା। ମିଆଁମାରର ସାମରିକ ବାହିନି ଗଣତନ୍ତ୍ର ପ୍ରକ୍ରିୟାରେ ଦେଶରେ ନିର୍ବାଚିତ ହୋଇଥିବା ସରକାରକୁ ହଟାଇ ଶାସନଭାର ନିଜ ହାତକୁ ନେଇଥିଲା। ଏହି ଗଣତନ୍ତ୍ର ବିରୋଧୀ ଶାସନକୁ ଦମନ କରି ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା କରିବା ପାଇଁ ଦେଶବ୍ୟାପି ହେଉଥିବା ବିରୋଧ ପ୍ରଦର୍ଶନକୁ ସାମରିକ ବାହିନି ବନ୍ଧୁକ ମୁନରେ ବନ୍ଦ କରିଥିଲେ। ଏଣୁ ଦେଶବ୍ୟାପୀ ସଶସ୍ତ୍ର ବିଦ୍ରୋହ ଆରମ୍ଭ ହୋଇଯାଇଥିଲା। ଚଳିତ ବର୍ଷ ସମଗ୍ର ଦେଶରେ ନିର୍ବାଚନ ହେବ ବୋଲି ସାମରିକ ବାହିନି ବା ଜୁନ୍ତା ଘୋଷଣା କରିଛି। ତେବେ ଏଯାଏ ଦେଶର ପୂର୍ବତନ ଶାସକ ତଥା ନୋବେଲ ପୁରସ୍କାର ପ୍ରାପ୍ତ ଅଙ୍ଗ ସାନ ସୁ କିଙ୍କୁ ଜେଲରୁ ମୁକ୍ତ କରିନାହିଁ ଜୁନ୍ତା। ଅନ୍ୟପଟେ ଏହି ଘୋଷଣା ପଛରେ ଜୁନ୍ତାର ଅନ୍ୟକିଛି ଉଦ୍ଦେଶ୍ୟ ଥିବା କଥା କହି ବିରୋଧି ମାନେ ଏହାର ତିବ୍ର ନିନ୍ଦା କରିବା ସହ ଏଥିରେ ବିରୋଧ ପ୍ରଦର୍ଶନ କରିଛନ୍ତି। ୭୯ ବର୍ଷ ବୟସ୍କ ସୁ କିଙ୍କୁ ଭ୍ରାନ୍ତାତ୍ମକ ଭାଷଣ ଓ ନିର୍ବାଚନରେ ଠକେଇ ଅଭିଯୋଗରେ ୧୪ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସୁ କିଙ୍କ ଉପରେ ଲାଗିଥିବା ଏହି ଆରୋପ ଗୁଡ଼ିକୁ ଭୁଲ ଓ ତାଙ୍କୁ ମିଛରେ ଫସାଇ ଦିଆଯାଇଛି ବୋଲି ତାଙ୍କ ଓକିଲ ଦାବି କରିଛନ୍ତି।

### ମିଆଁମାରର ସାମରିକ ସରକାରଙ୍କ ବଡ଼ ଘୋଷଣା

# ଦିଲ୍ଲୀରେ ମହିଳାଙ୍କୁ ମାସିକ ୩ ହଜାର ସହାୟତାର ପ୍ରତିଶ୍ରୁତି ଦେଲା କଂଗ୍ରେସ



**ନୂଆଦିଲ୍ଲୀ,୪।୧:** ମାସକ ପରେ ଦିଲ୍ଲୀ ବିଧାନସଭା ନିର୍ବାଚନ। ନିର୍ବାଚନ ଲାଗି ସରଗରମ ହେଲାଣି ରାଜନୀତି। ଶାସକ ଦଳ ଆପ୍, ବିରୋଧୀ ବିଜେପି ଓ କଂଗ୍ରେସ ରଣନୀତି ସହ ମୈଦାନକୁ ଓହ୍ଲାଇଲେଣି। ପୂଜାରୀଙ୍କୁ ନେଇ ଆପ୍ ଖାସ ଯୋଜନା କରିଥିବା ବେଳେ ବିରୋଧୀ ବିଜେପି ପ୍ରାର୍ଥୀଙ୍କ ଲାଗି ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଠିକ୍ ସେମିତି କଂଗ୍ରେସ ବି ଲୋକାଭିମୁଖୀ ଯୋଜନା କରି ଭୋଟ୍ ନେବା ପାଇଁ ଯୋଜନା କରିଛି। ବିଶେଷ ଭାବରେ ମହିଳାଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଦଳ ଯଦି ଦିଲ୍ଲୀରେ ସରକାର କରେ ତାହାଲେ ମହିଳାଙ୍କୁ ମାସକୁ ୩ ହଜାର ଟଙ୍କା ସହିତ ସ୍ୱାସ୍ଥ୍ୟ ବୀମା ମଧ୍ୟ ପ୍ରଦାନ କରାଯିବ। କେବଳ ଏତିକି ନୁହେଁ ଆହୁରି ଅନେକ ଯୋଜନା ଦଳ ପକ୍ଷରୁ ଘୋଷଣା କରାଯାଇଛି। ଖୁବଶୀଘ୍ର ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାର ପ୍ରକାଶ କରାଯିବା ନେଇ ସୂଚନା ମିଳିଛି।

ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ଜାନୁଆରୀ ୬ ତାରିଖରେ କଂଗ୍ରେସର ବରିଷ୍ଠ ନେତା ପ୍ରେସମିଟ୍ କରି ଦଳର ନିର୍ବାଚନୀ ଇସ୍ତାହାର ଘୋଷଣା କରିବେ। ଏହାପରେ ପରେ ଦଳର ଜାତୀୟ ନେତା ଦିଲ୍ଲୀ ନିର୍ବାଚନ ଲାଗି ପ୍ରଚାର ମଇଦାନକୁ ଓହ୍ଲାଇବେ। ପୂର୍ବରୁ ଆପ୍ ଓ ବିଜେପି ପ୍ରଚାର ମୈଦାନକୁ ଓହ୍ଲାଇ ସାରିଛନ୍ତି। କେବଳ ଓହ୍ଲାଇଛନ୍ତି ତାହା ନୁହେଁ ବରଂ ମୋଦୀ ଗତକାଲି ଉଭୟ କଂଗ୍ରେସ ଓ ଆପ୍‌କୁ କଡ଼ା ଟାର୍ଗେଟ୍ କରିଥିଲେ। କହିଥିଲେ, ଦେଶରେ ଲଗାତାର ୧୦ ବର୍ଷ କଂଗ୍ରେସ ସରକାର କରିବା ପରେ ବି ବିକାଶ ଯେମିତି ହେବାର ଥିଲା ସେମିତି ହେଲା ନାହିଁ। ରାଜ୍ୟ ସରକାର କେନ୍ଦ୍ରକୁ ସହଯୋଗ କଲେ ବିକାଶ ଡବଲ ହେବ ବୋଲି କହିବା ସହିତ ସହରର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ମୋଦୀ କହିଛନ୍ତି। ସେପଟେ, ଆପ୍ ପକ୍ଷରୁ କେଜ୍ରିୱାଲ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ଏଥର ବିଶେଷ ଭାବରେ ବ୍ରାହ୍ମଣଙ୍କ ଲାଗି ଯୋଜନା କରାଯାଇଥିବାରୁ ଚର୍ଚ୍ଚା ଜୋର ଧରିଛି।

ଦିଲ୍ଲୀ ନିର୍ବାଚନ ଲାଗି ଆରମ୍ଭ ହୋଇଥିବା ହାଇଭୋଲଟେଜ୍ ପ୍ରଚାର ଭିତରେ ସାମାନ୍ୟ ପଛରେ ପଡ଼ିଯାଇଛି କଂଗ୍ରେସ ବୋଲି ଚର୍ଚ୍ଚା ହେଉଥିବା ବେଳେ ଦଳର ନେତା କହିଛନ୍ତି, କଂଗ୍ରେସ କେବେ ପଛରେ ରହିବନି। ଆମେ ଲୋକଙ୍କ ଲାଗି କଣ କରିବୁ ସେନେଇ ନିର୍ବାଚନୀ ଇସ୍ତାହାର ଆସନ୍ତା ୬ ତାରିଖରେ ପ୍ରକାଶ ପାଇବ। ସେହି ପ୍ରତିଶ୍ରୁତିର କାର୍ଡ ନେଇ ଲୋକଙ୍କୁ ଭୋଟ୍ ମାଗିବୁ। ଆମେ ଯାହା କହୁ ତାହା କରୁ। ତେଣୁ ଏଥର ଦିଲ୍ଲୀରେ ନିଶ୍ଚିତ କଂଗ୍ରେସ ଆସିବ। ଏହାସହ ଦିଲ୍ଲୀ ନିର୍ବାଚନ ପ୍ରଚାର ପାଇଁ କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ, ମହାସଚିବ ପ୍ରିୟଙ୍କା ଗାନ୍ଧୀଙ୍କ ସହ ଜାତୀୟ ସ୍ତରର ଅନେକ ନେତା ପ୍ରଚାର ମୈଦାନକୁ ଓହ୍ଲାଇବେ।



# ଘାଟି ତଳକୁ ଖସିପଡ଼ିଲା ସେନା ଟ୍ରକ୍

## ୪ ଯବାନ ମୃତ, ୫ ଆହତ

**ଶ୍ରୀନଗର,୪।୧:** ଜମ୍ମୁ ଓ କଶ୍ମୀରର ବାନ୍ଦିପୁର ଜିଲ୍ଲାର ଏସ୍‌କେ ପୟେନ ଅଞ୍ଚଳରେ ଆଜି ସେନାର ଏକ ଟ୍ରକ୍ ଘାଟି ତଳକୁ ଖସି ପଡ଼ିବାରୁ ୪ ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ପାହାଡ଼ ଉପରେ ବୁଲାଣି ରାସ୍ତାରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଆହତ ଯବାନମାନଙ୍କୁ ନିକଟସ୍ଥ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ତେବେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସ୍ଥିର ଅଛି। ଘଟଣାସ୍ଥଳରେ ସେନାର ଯବାନ ଓ ପୁଲିସ କର୍ମଚାରୀ ପହଞ୍ଚି ତଦାରଖ କରିଛନ୍ତି। ଏହା ପୂର୍ବରୁ ଗତବର୍ଷ ଡିସେମ୍ବର ୨୪ ତାରିଖରେ ଜମ୍ମୁ ଓ କଶ୍ମୀରର ପୁଞ୍ଛ ଜିଲ୍ଲାରେ ସେନାର ଏକ ଗାଡ଼ି ପ୍ରାୟ ୩୫୦ ଫୁଟ୍ ଗଭୀର ଖାଇକୁ ଖସି ପଡ଼ିବାରୁ ୫ ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଥିଲେ। ତା' ପୂର୍ବରୁ ନଭେମ୍ବର ୪ ତାରିଖରେ ରଜୌରୀ ଜିଲ୍ଲାରେ ସେନାର ଏକ ଗାଡ଼ି ଖାଇକୁ ଖସି ପଡ଼ିବାରୁ ଜଣେ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିଲେ।

# ସାଇବର ଠକଙ୍କ କବ୍‌ଜାରେ ଫସିଲେ ଏୟାର ହୋଷ୍ଟେଜ

**ଗିରଫ ଭୟ ଦେଖାଇ ଲୁଟିନେଲେ ୧୦ ଲକ୍ଷ**

**ନୂଆଦିଲ୍ଲୀ,୪।୧:** ପୁଣି ସାଇବର ଠକଙ୍କ ଜାଲରେ ଫସିଲେ ଆଉଜଣେ ଯୁବତୀ। ଡିଜିଟାଲ ଆରେଷ୍ଟ ନାଁରେ ଜଣେ ୨୪ ବର୍ଷ ବୟସ୍କ ଏୟାର ହଷ୍ଟେଜଙ୍କୁ ଠକିଦେଲେ ସାଇବର ଠକ। ଶନିବାର ମନି ଲଣ୍ଡରିଂ ଓ ପୋଲିସ କାର୍ଯ୍ୟାନୁଷ୍ଠାନର ଆଳ ଦେଖାଇ ଉକ୍ତ ମହିଳାଙ୍କଠୁ ୧୦ ଲକ୍ଷ ଲୁଟ କରିନେଇଛନ୍ତି ସାଇବର ଠକ। ଗତବର୍ଷ ନଭେମ୍ବର ମାସରେ ଥାନେ ଅଞ୍ଚଳର ଏହି ଏୟାର ହୋଷ୍ଟେଜଙ୍କୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା। ସେ କଲ ଉଠାଇବା ପରେ କଲ କରିଥିବା ବ୍ୟକ୍ତି ଜଣଙ୍କ ସେ ଇରାନକୁ ପଠାଉଥିବା ପାର୍ସଲ କଷ୍ଟମ ବିଭାଗ ଜବତ କରିଛି ବୋଲି କହିଥିଲେ। ମହିଳା ଜଣଙ୍କ କୌଣସି ପାର୍ସଲ ପଠାଇ ନଥିବା କହିବା ପରେ କଲ କରିଥିବା ବ୍ୟକ୍ତି ଜଣଙ୍କ ତାଙ୍କୁ ମନିଲଣ୍ଡରିଂ ମାମଲାରେ ଦୋଷୀ ବୋଲି କହିବା ସହିତ ତାଙ୍କୁ ହିରଫ କରିବାର ଭୟ ଦେଖେଇଥିଲେ। ଏହାପରେ ସାଇବର ଠକ ଜଣଙ୍କ ମହିଳାଙ୍କୁ ଫୋନରେ ଏକ ଲିଙ୍କ୍ ସେୟାର କରି କଲ୍ ଶେଷ କରିବା ପୂର୍ବରୁ ତାଙ୍କୁ ୯.୯୩ ଲକ୍ଷ ଟଙ୍କା ଟ୍ରାନ୍ସଫର କରିବାକୁ ବାଧ୍ୟ କରିଥିଲା। ଟଙ୍କା ଦେବା ପରେ ମହିଳା ଠକାମିର ସିକାର ହୋଇଛନ୍ତି ବୋଲି ଜାମିବାକୁ ପାଇଥିଲେ। ଏହା ପରେ ବାଧ୍ୟ ହୋଇ ସେ ପୋଲିସର ସହାୟତା ନେଇଥିଲେ।ମହିଳାଙ୍କୁ କଲ ଆସିଥିବା ନମ୍ବରକୁ ଟ୍ରାକ କରି ପୋଲିସ ଜାଣିଥିଲା ଯେ ସାଇବର ଠକ ଜଣଙ୍କ ପେଶାଦାର ଅପରାଧି, ତା ନାଁରେ ପୂର୍ବରୁ ମଧ୍ୟ ଏହି ଭଳି ଅନେକ ମାମଲା ରହିଛି। ପୋଲିସ ସାଇବର ଠକାମି ହୋଇଥିବା ନେଇ ଅଭିଯୁକ୍ତ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ଓ ଆଇଟି ଆକ୍ଟ ଅଧିନରେ ଅନେକ ସେକ୍ସନରେ ତା ଉପରେ ଏକ ମାମଲା ରୁଜୁ କରିଛି। କିନ୍ତୁ ଖବର ଲେଖାହେବା ଯାଏ ଆରୋପିକୁ ଗିରଫ କରାଯାଇନଥିବା ସୁଚନା ମିଳିଛି।

## ଡ୍ରାଗନର ପୁଣି ନୂଆ ଚାଲ୍‌ବାଜି

# ଦୁଇ ନୂଆ ପ୍ରଦେଶ ଗଠନ କରିବାକୁ ଘୋଷଣା

**ନୂଆଦିଲ୍ଲୀ,୪।୧:** ଲଦାଖକୁ ନେଇ ଚୀନ୍ ପୁଣି ନୂଆ ଚାଲ୍‌ବାଜି ଆରମ୍ଭ କରିଛି। ହୋଟନ୍ ପ୍ରାନ୍ତରେ ଏହାର ଦୁଇ ନୂଆ ପ୍ରଦେଶ ଗଠନ କରିବାକୁ ଘୋଷଣା କରିଛି। ଏଥିରେ ଲଦାଖର କିଛି ଅଂଶକୁ ନିଜର ବୋଲି ଦର୍ଶାଇଛି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଭାରତ। ଭାରତର ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଚୀନ୍ ଯେଉଁ କ୍ଷେତ୍ରକୁ ଯୋଡ଼ି ନିଜର ନୂଆ ପ୍ରଦେଶ ଘୋଷଣା କରିଛି ସେଥିରେ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ଅଂଶ ରହିଛି। ଏଥିସହ ତିବ୍ବତ କ୍ଷେତ୍ରରେ ବ୍ରହ୍ମପୁତ୍ର ନଦୀରେ ଡ୍ୟାମ୍ ନିର୍ମାଣ ପାଇଁ ଚୀନ୍‌ର ନିଷ୍ପତ୍ତି ଉପରେ ମଧ୍ୟ ଭାରତ ଚିନ୍ତା ପ୍ରକଟ କରିଛି।

ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ କେବେ ବି ଚୀନ୍‌ର ଏଭଳି ଏକପାଖିଆ ଅବୈଧ କବ୍‌ଜାକୁ ସ୍ୱୀକାର କରିବ ନାହିଁ। ଚୀନ୍ ନୂଆ ପ୍ରଦେଶ ଗଠନ କରିଦେଲେ ଭାରତର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ସମେତ ସୀମାରେ ଭାରତର ସ୍ଥିତିରେ କୌଣସି ପରିବର୍ତ୍ତନ ଘଟିବ ନାହିଁ। ଚୀନ୍‌ର ଜବରଦସ୍ତି କବ୍‌ଜା ମଧ୍ୟ ବୈଧ ହୋଇପାରିବ ନାହିଁ। ଏହି ପ୍ରସଙ୍ଗରେ ଭାରତ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଚୀନ୍ ଅଧିକାରୀଙ୍କ ନିକଟରେ କଡ଼ା ଆପତ୍ତି ଉଠାଇଛି।

ରଣଧୀର ଆହୁରି କହିଥିଲେ, ୨୦୨୪ ଡିସେମ୍ବରରେ ଚୀନ୍‌ର ସରକାରୀ ଗଣମାଧ୍ୟମ ଜରିଆରେ ବ୍ରହ୍ମପୁତ୍ର ନଦୀ (ଚୀନ୍‌ରେ ୟାରଲୁଙ୍ଗ୍ ଜାଙ୍ଗ୍‌ବୋ ନଦୀ)ରେ ଏକ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ବନାଇବା ବାବଦରେ ସୂଚନା ମିଳିଛି। ବ୍ରହ୍ମପୁତ୍ର ନଦୀ ପାଣି ଉପରେ ଭାରତର ବି ଅଧିକାର ରହିଛି। ଏଥିସହ ନଦୀ ତଟରେ ଭାରତର ଅନେକ ଅଞ୍ଚଳ ରହୁଥିବାରୁ ଡ୍ୟାମ୍ ନିର୍ମାଣ ଉପରେ ଚୀନ୍ ପ୍ରତିପକ୍ଷଙ୍କ ଆଗରେ ଚିନ୍ତା ବ୍ୟକ୍ତ କରାଯାଇଛି। ହେଲେ ତିବ୍ବତରେ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ଦ୍ୱାରା ସେଠାକାର ପରିବେଶ କିମ୍ବା ତଳୁଆ ଅଞ୍ଚଳ ପ୍ରତି କୌଣସି ବିପଦ ନାହିଁ ବୋଲି ଚୀନ୍ କହିଛି। ତେବେ ଭାରତ ସମେତ ବାଂଲାଦେଶ ମଧ୍ୟ ଏହି ଡ୍ୟାମ୍‌କୁ ନେଇ ଚିନ୍ତା ବ୍ୟକ୍ତ କରିଛି। ଏହା ପ୍ରଥମ ଥର ନୁହେଁ ଯେ ଚୀନ୍ ନିଜ ମାନଚିତ୍ରରେ ଏକପାଖିଆ ଭାବେ ଭାରତୀୟ କ୍ଷେତ୍ରକୁ ନିଜର ବୋଲି ଦାବି କରିଛି। ୨୦୧୭ରେ ଚୀନ୍ ଅରୁଣାଚଳ ପ୍ରଦେଶର ୬ ସ୍ଥାନର ନାମକରଣ କରି ମାନଚିତ୍ର ଜାରି କରିଥିଲା। ୨୦୨୧ରେ ଏଥିରେ ୧୫ ସ୍ଥାନକୁ ସାମିଲ କରି ଦ୍ୱିତୀୟ ମାନଚିତ୍ର ଜାରି କରିଥିଲା। ୨୦୨୩ରେ ମଧ୍ୟ ଚୀନ୍ ପୁନର୍ବାର ଏଭଳି କାରନାମା କରିଥିଲା।

### କୂଟନୈତିକ ଚ୍ୟାନେଲରେ ପ୍ରତିବାଦ ଜଣାଇଲା ଭାରତ

## ହସିନାଙ୍କୁ ଟାର୍ଗେଟ୍ କଲେ ତସଲିମା

# ମୋ ସହ ଭୁଲ୍ କଲେ ତଥାପି ତାଙ୍କୁ ସମର୍ଥନ କଲି



**ନୂଆଦିଲ୍ଲୀ, ୪।୧:** ବାଂଲାଦେଶୀ ଲେଖିକା ତସଲିମା ନାସରିନ ଶେଖ ହସିନା ଓ ମହମ୍ମଦ ୟୁନୁସଙ୍କ ଉପରେ କରିଛନ୍ତି ଟାର୍ଗେଟ। ତସଲିମା କହିଛନ୍ତି ଶେଖ ହସିନା ମୋ ସହ ଭୁଲ୍ କରିଛନ୍ତି। ମୋତେ ପିତାଙ୍କ ମୃତ୍ୟୁରେ ବି ବାଂଲାଦେଶ ଆସିବାକୁ ଅନୁମତି ଦେଇ ନଥିଲେ। କିନ୍ତୁ ସେସବୁ ସତ୍ତ୍ୱେ ଆଜି ବି ମୁଁ ଶେଖ ହସିନା ଓ ତାଙ୍କ ପାର୍ଟି ଆୱାମୀ ଲିଗ୍‌ର ଅଧିକାରରେ ସ୍ୱର ଉଠାଉଛି। କାରଣ ମୋତେ ଜଣା କି, ୟୁନିସ୍ ସରକାର ଆୱାମୀ ଲିଗ୍‌ର ଲୋକ ଲଗାତାର ଅତ୍ୟାଚାର କରୁଛନ୍ତି। ତସଲିମା ମୁକ୍ତି ଯୋଦ୍ଧାଙ୍କ ଆହ୍ୱାନ କରି କହିଛନ୍ତି, ବାଂଲାଦେଶର ସ୍ୱାଧୀନତା ବିରୋଧରେ କାମ କରୁଥିବା ଲୋକଙ୍କୁ ହରାଇବାର ସମୟ ଆସି ଗଲା। ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ବାଂଲାଦେଶୀ ଲେଖିକା ଲେଖିଛନ୍ତି ଯେ, ନିଜ ଶାସନ ବେଳେ ଶେଖ ହସିନା ମୋର ଖୁବ୍ କ୍ଷତି କରିଛନ୍ତି। ସେ ମୋତେ ବାଂଲାଦେଶ ସ୍ଥିତ ନିଜ ଜମି ବିକ୍ରି କରିବାକୁ ମଧ୍ୟ ଅନୁମତି ଦେଇ ସାରିଛନ୍ତି। ସେଠାରେ କେହି ବି ହସିନାଙ୍କ ଡ଼ରରେ ମୋତେ ସାହାଯ୍ୟ କରିବାକୁ ପ୍ରସ୍ତୁତ ନଥିଲେ। ଏହି ପୂରା ମାମଲାକୁ ନେଇ ମୁଁ ହସିନାଙ୍କୁ ଖୋଲା ସ୍ତରରେ ଅନେକ ଚିଠି ବି ଲେଖିଛି, କିନ୍ତୁ ଏହା ପରେ ମଧ୍ୟ ସେ କୌଣସି ଜବାବ ଦେଇ ନାହାନ୍ତି। ମୋତେ ଜଣା ନାହିଁ, ତାଙ୍କର ମୋ ଠାରେ ଏତେ ଘୃଣା କାହିଁକି ଥିଲା କି, ସେ ମୋର ପୁରସ୍କାର ବିଜେତା ପୁସ୍ତକକୁ ମଧ୍ୟ ବ୍ୟାନ କରି ଦେଲେ। ଲେଖିକା କହିଛନ୍ତି କି, ଶେଖ୍ ହସିନା ଈର୍ଷା, ଅହଙ୍କାରଗ୍ରସ୍ତ ଥିଲେ ଏବଂ ଏହା ତାଙ୍କୁ କ୍ରୁର କରି ଦେଇଛି। ହେଲେ ଏସବୁ ପରେ ମଧ୍ୟ ମୁଁ ତାଙ୍କ ପକ୍ଷରେ କହିଥିଲି କି, ମୁଁ ତାଙ୍କର ନିର୍ବାଚନ ବିଜୟର ଆଶା କରିଥିଲି ଏବଂ ୧୯୭୨ର ସମ୍ବିଧାନର ପୁନଃସ୍ଥାପନର ସମର୍ଥନ କରିଥିଲି। ତସଲିମା କହିଛନ୍ତି କି ,ଶେଖ୍ ହସିନାଙ୍କର ବିରୋଧି ଖାଲିଦା ଜିୟା ମୋତେ ବାଂଲାଦେଶରୁ ନିର୍ବାସିତ କରିଦେଇ ଥିଲେ। ଏହାପରେ କେହି ବି ଭାବୁ ଥାଏ କି, ଶେଖ ହସିନା ଆସି ମୋତେ ସହାନୁଭୂତି ଦେଖାଇବେ କିନ୍ତୁ ଏହାର ବିପରୀତ ସେ ମୋ ଠାରୁ ପ୍ରତିଶୋଧ ହିଁ ନେଲେ। ସେ ନିଜ ପିତାଙ୍କ ବିଷୟରେ ତାଙ୍କର ସଂଘର୍ଷ ବିଷୟରେ କହୁଛନ୍ତି। କିନ୍ତୁ ଯେବେ ମୋ ପିତା ନିଜ ଜୀବନର ଶେଷ ସମୟ ଦେଇ ଗତି କରୁଥିଲେ। ମୁଁ ବାଂଲାଦେଶ ଆସିବାକୁ ଅନୁମତି ମାଗିଲି। କିନ୍ତୁ ହସିନା ସେତେବେଳେ ମଧ୍ୟ ମୋର କଥାକୁ ଅଣଦେଖା କରିଦେଲେ। ଏମିତି ଲାଗୁଛି କି କେବଳ ତାଙ୍କ ପିତା ହିଁ ପିତା, ଅନ୍ୟମାନଙ୍କର ପିତାଙ୍କର କୌଣସି ସମ୍ମାନ ନାହିଁ।

## ୧୮ ବର୍ଷରୁ କମ୍ ପିଲାଙ୍କୁ କଟକଣା

# ସୋଶାଲ ମିଡିଆ ଆକାଉଣ୍ଟ ପାଇଁ ଆବଶ୍ୟକ ପଡ଼ିବ ଅନୁମତି



**ନୂଆଦିଲ୍ଲୀ,୪।୧:** ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ସୋଶାଲ ମିଡିଆ ଆକାଉଣ୍ଟ ଖୋଲିବା କ୍ଷେତ୍ରରେ ଆବଶ୍ୟକ ପଡ଼ିପାରେ ବାପା-ମା' ବା ଅଭିଭାବକଙ୍କ ଅନୁମତି। ଏ ନେଇ କେନ୍ଦ୍ର ସରକାର ଆଣିବାକୁ ଯାଉଛନ୍ତି ଡିଜିଟାଲ ପର୍ସୋନାଲ ଡାଟା ପ୍ରୋଟେକ୍ସନ ଆକ୍ଟ ୨୦୨୫। ଏ ସମ୍ପର୍କରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଇନଫର୍ମେଶନ ଟେକନୋଲଜି ମନ୍ତ୍ରାଳୟ ପକ୍ଷରୁ ଡ୍ରାଫ୍ଟ ରୁଲ୍ ବିଜ୍ଞପ୍ତି ପ୍ରକାଶ ପାଇଛି।

ଏଥିରେ ବିଭିନ୍ନ ଅଂଶୀଦାରମାନଙ୍କୁ ସେମାନଙ୍କ ମତାମତ ଆହ୍ୱାନ କରାଯାଇଛି। ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କ ଏକ୍ସ ଆକାଉଣ୍ଟରେ ଏ ନେଇ ସୂଚନା ଦେଇଛନ୍ତି। ଡ୍ରାଫ୍ଟ ଡିପିଡିପି ନିୟମାବଳୀ ସମସ୍ତଙ୍କ ଆଲୋଚନା ପାଇଁ ଖୋଲା ରହିଛି ଏବଂ ସମସ୍ତଙ୍କ ମତ ଆହ୍ୱାନ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ଜନସାଧାରଣ ଏଥିପାଇଁ ଜାନୁଆରୀ ୩ରୁ ଫେବ୍ରୁଆରୀ ୧୮ ତାରିଖ ମଧ୍ୟରେ mygov.in ୱେବସାଇଟ୍ ଜରିଆରେ ନିଜର ମତାମତ ଓ ଅଭିଯୋଗ ରଖିପାରିବେ। ଫେବ୍ରୁଆରୀ ୧୮ ତାରିଖ ପରେ ହିଁ ଏହି ନୂଆ ନିୟମାବଳୀ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଡିଜିଟାଲ ପର୍ସୋନାଲ ଡାଟା ପ୍ରୋଟେକ୍ସନ ଆକ୍ଟ ବା ଡିପିଡିପି ଡ୍ରାଫ୍ଟ ରୁଲରେ ପର୍ସୋନାଲ ଡାଟା ସୁରକ୍ଷା ପାଇଁ କଡ଼ା ନିୟମାବଳୀ ରଖିଛନ୍ତି ସରକାର। ଯେଉଁଥିରେ ବ୍ୟକ୍ତିଗତ ତଥ୍ୟ ଉପରେ ବ୍ୟବହାରକାରୀଙ୍କ ଅଧିକାର, ଡାଟା ଡିଲିଟ୍ କରିବା ଉପରେ ଅଧିକାର, ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ବେଳେ କମ୍ପାନୀକୁ ଉଦେଶ୍ୟ ପଚାରିବା ଏବଂ ଡାଟା ଲିକ୍ ପାଇଁ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଫାଇନ୍ ଦେବା ଭଳି ବ୍ୟବସ୍ଥା ରହିଛି। ଗତ ଅଗଷ୍ଟ ୨୦୨୩ ସଂସଦର ଅନୁମତି ପାଇଥିଲା।

# ରୋମାଞ୍ଚକର ସ୍ଥିତିରେ ସିଡ୍‌ନୀ ଟେଷ୍ଟ



**ସିଡନୀ,୪।୧:** ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ସିଡ୍‌ନୀରେ ଖେଳାଯାଉଥିବା ବେଳେ ଏହା ରୋମାଞ୍ଚକର ସ୍ଥିତିରେ ପହଞ୍ଚିଛି। ଗତକାଲି ଭାରତ ପ୍ରଥମ ଇନିଂସରେ ମାତ୍ର ୧୮୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିବା ବେଳେ ଆଜି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୮୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଅନ୍ୟପକ୍ଷରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତ ଆଜି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୧୪୧ ରନ୍ କରି ୬ ୱିକେଟ୍ ହରାଇ ସାରିଛି। ତେଣୁ ଆସନ୍ତାକାଲି ତୃତୀୟ ଦିବସରେ ମ୍ୟାଚ୍‌ର ପରିଣାମ ଆସିଯିବ ବୋଲି ଆଶା କରାଯାଉଛି। ତେବେ କିଏ ମାରିବ ବାଜି, ତାକୁ ସମସ୍ତେ ଅପେକ୍ଷା କରିଛନ୍ତି।

ଭାରତର ୧୮୫ ରନ୍‌ର ଜବାବରେ ଅଷ୍ଟ୍ରେଲିଆ ଗତକାଲି ପ୍ରଥମ ଇନିଂସରେ ଗୋଟିଏ ୱିକେଟ୍ ହରାଇ ୯ ରନ୍ କରିଥିବା ବେଳେ ଷ୍ଟମ୍ପ ଅପସାରଣ କରି ନିଆଯାଇଥିଲା। ଆଜି ଇନିଂସକୁ ଆଗେଇ ନେବାକୁ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆର ବ୍ୟାଟରମାନଙ୍କ ମଧ୍ୟରୁ ବଉ ୱେବଷ୍ଟରଙ୍କ ବ୍ୟତୀତ ଅନ୍ୟ କେହି ଦୀର୍ଘ ସମୟ ଧରି କ୍ରିଜ୍‌ରେ ତିଷ୍ଠି ପାରି ନଥିଲେ।

ମାର୍ନସ ଲାବୁଶେନ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିବା ବେଳେ ଟ୍ରାଭିସ ହେଡ୍ ୪, ସାମ କୋନଷ୍ଟାସ ୨୩ (୩୮ ବଲ୍), ଆଲେକ୍ସ କେରୀ ୨୧(୩୬ ବଲ୍), ପାଟ୍ କମିନ୍ସ ୧୦ (୨୦ ବଲ୍), ମିଚେଲ ଷ୍ଟାର୍କ ୧ (୪ ବଲ୍) ଓ ସ୍କଟ ବୋଲାଣ୍ଡ ୯ ରନ୍ (୯ ବଲ୍) କରି ଆଉଟ୍ ହୋଇଥିଲେ। ଷ୍ଟିଭ୍ ସ୍ମିଥ୍ ୫୭ଟି ବଲ୍‌ରୁ ୩୩ ରନ୍ କରି ପ୍ରସିଦ୍ଧ କୃଷ୍ଣଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ୱେବଷ୍ଟରର ସର୍ବାଧିକ ୧୦୫ଟି ବଲ୍ ଖେଳିବାକୁ ସମର୍ଥ ହୋଇଥିବା ବେଳେ ୫ଟି ଚୌକା ସହାୟତାରେ ୫୭ ରନ୍ ସଂଗ୍ରହ କରିଥିଲେ। ନାଥନ ଲିୟନ ୭ ରନ୍ (୧୭ ବଲ୍) କରି ଅପରାଜିତ ରହିଥିଲେ। ୫୧ ଓଭରରେ ୧୮୧ ରନ୍ କରି ପୂରା ଟିମ୍ ପ୍ୟାଭିଲିୟନକୁ ଫେରି ଯାଇଥିଲା।

ଏହା ପରେ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ପଡ଼ିଆକୁ ଆସିଥିବା ଟିମ୍ ଇଣ୍ଡିଆ କିଛି ନୂଆ କରିପାରି ନଥିଲା। ପୁଣି ଥରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୭.୩ ଓଭରରେ ପ୍ରଥମ ୱିକେଟ ହରାଇଥିଲା ଦଳ। କେଏଲ ରାହୁଲ ୧୩ ରନ୍ କରିଥିବା ବେଳେ ସ୍କଟ ବୋଲାଣ୍ଡଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହା ପରେ କିଛି କିଛି ଓଭର ବ୍ୟବଧାନରେ ଦଳର ଗୋଟିଏ ପରେ ଗୋଟିଏ ୬ଟି ୱିକେଟ୍ ପଡ଼ିଥିଲା। ଆଉଟ୍ ହୋଇଥିବା ବ୍ୟାଟରଙ୍କ ମଧ୍ୟରେ ସବୁଠୁ ଭଲ ଖେଳିଥିଲେ ଋଷଭ ପନ୍ତ। ସେ ୩୩ଟି ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୬୧ରନ୍ କରିଥିଲେ। ପାଟ୍ କମିନ୍ସଙ୍କ ବଲ୍‌ରେ ଆଲେକ୍ସ କେରୀଙ୍କ ହାତରେ ସେ କ୍ୟାଚ୍ ଆଉଟ୍ ହୋଇଥିଲେ। ଯଶସ୍ୱୀ ଜୈସୱାଲ ୩୫ଟି ବଲ୍‌ରୁ ୨୨ ରନ୍ କରିଥିବା ବେଳେ ରାହୁଲ ୧୩, ଶୁବମନ ଗିଲ ୧୩, ବିରାଟ କୋହଲି ୬ ଓ ନୀତୀଶ କୁମାର ରେଡ୍ଡୀ ୪ ରନ୍ କରି ଆଉଟ୍ ହୋଇଯାଇଥିଲେ।

ରବୀନ୍ଦ୍ର ଜାଡେଜା ୮ ରନ୍ (୩୯ ବଲ୍) ଓ ୱାଶିଂଟନ ସୁନ୍ଦର ୬ ରନ୍ (୧୭ ବଲ୍) କରି ଅପରାଜିତ ଅଛନ୍ତି। ଜାଡେଜାଙ୍କଠାରୁ ଦଳ ଏକ ଭଲ ଇନିଂସ ଆଶା କରୁଛି। ଭାରତର ସ୍କୋର ଏହି ଦୁଇ ଜଣଙ୍କ ସହିତ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କୃଷ୍ଣଙ୍କ ଉପରେ ନିର୍ଭର କରୁଛି। ଅନ୍ୟପକ୍ଷରେ ଏହି ମ୍ୟାଚ୍ ଜିତାଇବାର ଦାୟିତ୍ୱ ଏବେ ବୋଲରମାନଙ୍କ କାନ୍ଧକୁ ଯାଇଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆକୁ ଯେଉଁଭଳି ବୋଲିଂ କରି ଧରାଶାୟୀ କଲେ, ତା'ଠାରୁ ବି ଅଧିକ ପ୍ରଭାବଶାଳୀ ବୋଲିଂ କଲେ ହୁଏତ ଭାରତ ଏହି ମ୍ୟାଚ୍ ଜିତି ସିରିଜକୁ ୨-୨ରେ ବରାବର ସ୍ଥିତିକୁ ନେଇଯାଇପାରେ।

## ଗାଙ୍ଗୁଲିଙ୍କ ଝିଅଙ୍କ କାର୍: ଧକ୍କା ଦେଲା ବସ୍, ଚାଳକ ଅଟକ୍



**କୋଲକାତା,୪।୧:** ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ପୂର୍ବତନ ଷ୍ଟାର କ୍ରିକେଟର ସୌରଭ ଗାଙ୍ଗୁଲିଙ୍କ ଝିଅ ସନା ଗାଙ୍ଗୁଲି। କାର୍ ଯୋଗେ ଯାଉଥିବା ବେଳେ ତାଙ୍କ କାରକୁ ଏକ ବସ୍ ଧକ୍କା ଦେଇଥିଲା ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ତାଙ୍କ କାରର ଲୁକିଂ ଗ୍ଲାସ୍(କାରର ସାମ୍ନା କବାଟ ପାଖରେ ଲାଗିଥିବା କାଚ) ଭାଙ୍ଗି ଚୁରମାର ହୋଇଥିବା ବେଳେ ସନା ସୁରକ୍ଷିତ ଥିବା ଜଣାଯାଇଛି। ଏହି ଘଟଣା ପରେ ଏବେ ପୁଲିସ ବସ୍ ଚାଳକକୁ ଅଟକ ରଖିଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ଠାକୁରପୁକୁର ଯାଉଥିବା ବେହାଲା ଚୌରାସ୍ତା କ୍ରସିଂରେ ଏହି ଘଟଣା ଘଟିଥିଲା। ଦୁର୍ଘଟଣା ଘଟିବା ସମୟରେ ସନା କାରର ଆଗ ସିଟରେ ବସିଥିଲେ। ବସ୍ ଚାଳକ ବେପରୁଆ ଭାବେ ଗାଡ଼ି ଚଳାଉଥିବା ବେଳେ ଗାଙ୍ଗୁଲିଙ୍କ କାର୍ ସହିତ ଆସି ଧକ୍କା ଖାଇଥିଲା। ହେଲେ ସନାଙ୍କ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଦୁହିଁଙ୍କ ଜୀବନ ବଞ୍ଚି ଯାଇଥିବା ସାମ୍ନାକୁ ଆସିଛି। ଘଟଣା ଘଟାଇ ବସ୍ ଚାଳକ ଖସିଯିବାକୁ ବସିଥିବା ବେଳେ ସ୍ଥାନୀୟ ଲୋକ ଏବଂ ପୁଲିସ ବସ୍‌ଟିକୁ ପିଛା କରି ଚାଳକକୁ କାବୁ କରିଥିଲେ।

ବିଜୟ ହଜାରେ ଟ୍ରଫି

## ଓଡ଼ିଶାର ଚତୁର୍ଥ ପରାଜୟ



**ଭୁବନେଶ୍ୱର,୪।୧:** ଚଳିତ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ଖରାପ ପ୍ରଦର୍ଶନ ଜାରି ରହିଛି। ଶୁକ୍ରବାର ନିଜର ଷଷ୍ଠ ମ୍ୟାଚ୍‌ରେ ସନ୍ଦୀପ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଓଡ଼ିଶା ଚତୁର୍ଥ ପରାଜୟ ବରଣ କରିଛି। ଜୟପୁରରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ହରିୟାଣା ୪ ୱିକେଟ୍‌ରେ ଓଡ଼ିଶାକୁ ହରାଇଛି। ଏବେ ନକ୍‌ଆଉଟ୍ ଆଶାକୁ ବି ହାତଛଡ଼ା କରିଛି। ଓଡ଼ିଶା ରବିବାର ଶେଷ ଲିଗ୍ ମ୍ୟାଚ୍‌ରେ ଗୁଜରାଟକୁ ଭେଟିବ। ଶୁକ୍ରବାର ଟସ୍ ହାରି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିଲା। ସ୍ୱସ୍ତିକ ସାମଲ ଓ ରାଜେଶ ଧୂପର ପ୍ରଥମ ୱିକେଟ୍‌ରେ ଶତକୀୟ ଭାଗୀଦାରି ଗଢ଼ି ଭଲ ଆରମ୍ଭ ଦେଇଥିଲେ। ୨୫.୫ ଓଭରରେ ଦଳୀୟ ସ୍କୋର୍ ୧୧୫ ରନ୍ ଥିଲା ବେଳେ ଅର୍ଦ୍ଧଶତକ ଅର୍ଜନ କରିଥିବା ରାଜେଶ (୬୯) ପ୍ୟାଭିଲିୟନ୍ ଫେରିଥିଲେ। ଏହା ପର ଓଭରରେ ସ୍ୱସ୍ତିକ (୪୨) ରନ୍‌ଆଉଟ୍ ଏବଂ ଅଭିଷେକ ରାଉତ (୪) ଆଉଟ୍ ହେବାରୁ ଦଳ ୧୨୫/୩ରେ ସଂଘର୍ଷ କରିଥିଲା। ତେବେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଚତୁର୍ଥ ୱିକେଟ୍‌ରେ କାର୍ତ୍ତିକ ବିଶ୍ୱାଳ (୨୧)ଙ୍କ ସହ ୫୬ ରନ୍‌ର ଭାଗୀଦାରି ଗଢ଼ି ସ୍ଥିତି ସମ୍ଭାଳି ନେଇଥିଲେ। ପ୍ରୟାସ ସିଂହ (୫୦, ୨୭ ବଲ୍, ୪ ଚୌକା, ୪ ଛକା) ବିସ୍ଫୋରକ ଖେଳିବା ସହ ସନ୍ଦୀପଙ୍କ ସହ ପଞ୍ଚମ ୱିକେଟ୍‌ରେ ୬୬ ରନ୍ ଯୋଡ଼ିଥିଲେ। ସନ୍ଦୀପ (୬୯*, ୬୫ ବଲ୍, ୧ ଚୌକା, ୫ ଛକା) ଶେଷ ପର୍ଯ୍ୟନ୍ତ ଲଢ଼ିବାରୁ ସ୍କୋର୍ ୨୬୮/୫ରେ ପହଥିଲା। ଜବାବରେ ହରିୟାଣା ୧୯ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ତେବେ ହିମାଂଶୁ ରାଣା (୬୭) ଓ ଅଙ୍କିତ କୁମାର (୬୨) ଦ୍ୱିତୀୟ ୱିକେଟ୍‌ରେ ୧୧୪ ରନ୍ ଯୋଡ଼ି ସ୍ଥିତି ସମ୍ଭାଳି ନେଇଥିଲେ। ପାର୍ଥ ଭାଟ୍ସ (୪୭) ଓ ରାହୁଲ ତିୱାତିଆ (୫୯*, ୩୭ ବଲ୍, ୫ ଚୌକା, ୩ ଛକା) ବିସ୍ଫୋରକ ଖେଳି ୩ ଓଭର ପୂର୍ବରୁ ଦଳକୁ ଜିତାଇଥିଲେ। ସୁମିତ ଶର୍ମା ୨ ଏବଂ ତାପସ ଦାସ, ଯାମଲା ମହାପାତ୍ର, ଅଭିଷେକ ରାଉତ ଓ କାର୍ତ୍ତିକ ବିଶ୍ୱାଳ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ପାର୍ଥ ଭାଟ୍ସ (୧୦-୦-୨୯-୦, ୪୭ ରନ୍) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ହକି ଇଣ୍ଡିଆର ପୂର୍ବତନ କୋଚ୍ ଜଗବୀର ସିଂ ଡାକ୍ତରଖାନାରେ ଭର୍ତ୍ତି



**ନୂଆଦିଲ୍ଲୀ,୪।୧:** କ୍ରୀଡ଼ା ଜଗତରୁ ଦୁଃଖଦ ଖବର। ହକି ଇଣ୍ଡିଆର ପୂର୍ବତନ କୋଚ୍ ଜଗବୀର ସିଂଙ୍କୁ ଡାକ୍ତରଖାନାରେ ଭର୍ତ୍ତି। ହୃଦଘାତରେ ପୀଡିତ ଥିବାରୁ ତାଙ୍କୁ ଦିଲ୍ଲୀର ଆପୋଲୋ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବା ନେଇ ତାଙ୍କ ପରିବାର ସଦସ୍ୟ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ୨ ଥର ଅଲିମ୍ପିଆନ୍ ଜଗବୀର ସିଂ ହକି ଇଣ୍ଡିଆ ଲିଗ୍ ପାଇଁ ଟିମ୍ ଗୋନାସିକାଙ୍କ ସହ ଦିଲ୍ଲୀ ଆସିଥିଲେ। ଏକ ପ୍ରଶିକ୍ଷଣ ଅଧିବେଶନରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଥିଲା। ଯେତେବେଳେ ସେ ଛାତି ଟାଣିବା ଏବଂ ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କଲେ, ତାଙ୍କୁ ତୁରନ୍ତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଯାଞ୍ଚ କରିବା ପରେ ଜଣାପଡିଥିଲା ଯେ ତାଙ୍କ ହାର୍ଟ ବ୍ଲକ ଅଛି ଏଥିପାଇଁ ଅସ୍ତ୍ରୋପଚାର ଆବଶ୍ୟକ। ଅସ୍ତ୍ରୋପଚାର ସମୟରେ ଜଗବୀର ହୃଦଘାତରେ ପୀଡିତ ହୋଇ ଆଇସିୟୁରେ ଭର୍ତ୍ତି ହୋଇଥିଲେ।

ପ୍ରକାଶ ଥାଉକି, ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ଏକ ଶିଖ ପରିବାରରେ ଜନ୍ମ ହୋଇଥିବା ୫୯ ବର୍ଷୀୟ ଜଗବୀର ସିଂ ଜଣେ ପୂର୍ବତନ ଅଲିମ୍ପିଆନ୍। ତାଙ୍କ ପିତା ଦର୍ଶନ ସିଂ ମଧ୍ୟ ଦେଶ ପାଇଁ ହକି ଖେଳିଥିଲେ। ସେ ତାଙ୍କ ସହରରେ ଅଲ ଇଣ୍ଡିଆ ଧ୍ୟାନ ଚାନ୍ଦ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ୧୯୮୮ ମସିହାରେ ସିଓଲ୍ ଅଲିମ୍ପିକ୍ସରେ ଏବଂ ୧୯୯୨ରେ ବାର୍ସିଲୋନା ଅଲିମ୍ପିକ୍ସରେ ଜଗବୀର ସିଂ ଦୁଇଥର ଦେଶ ପ୍ରତିନିଧିତ୍ୱ କରିଥିଲେ। ସେ ୧୯୮୫ ରୁ ୧୯୯୬ ପର୍ଯ୍ୟନ୍ତ ଦେଶ ପାଇଁ ଖେଳିଥିଲେ। ସେ ସିଓଲରେ ଅନୁଷ୍ଠିତ ୧୯୮୬ ଏସିଆନ୍ ଗେମ୍ସରେ ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ୧୯୯୦ ରେ, ସେ ବେଜିଂରେ ଆୟୋଜିତ ଏସୀୟ ଗେମ୍ସରେ ରୌପ୍ୟ ପଦକ ଜିତି ନିଜର ନାମ ପ୍ରସିଦ୍ଧ କରିଥିଲେ।

## ମୁ ଟେଷ୍ଟରୁ ଅବସର ନେଇ ନାହିଁ: ରୋହିତ



**ନୂଆଦିଲ୍ଲୀ,୪।୧:** ସିଡନୀ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ସ୍ଥିର ହୋଇଥିଲା ଯେ ଭାରତୀୟ ଦଳର ନିୟମିତ ଅଧିନାୟକ ରୋହିତ ଶର୍ମା ଏହି ମ୍ୟାଚ୍ ଖେଳିବେ ନାହିଁ। ଜାନୁଆରି ୩ରେ ସିଡନୀ ଟେଷ୍ଟ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ରୋହିତ ଶର୍ମାଙ୍କୁ ହଟାଯାଇ କ୍ରିକେଟର ଜସପ୍ରୀତ୍ ବୁମ୍‌ରାଙ୍କୁ ଦଳର ଅଧିନାୟକ କରାଯାଇଥିଲା। ଏହି ଘୋଷଣା ପରେ ଆଗକୁ ରୋହିତ ଟେଷ୍ଟ ମ୍ୟାଚ୍ ଖେଳିବେ ନାହିଁ। ଏହା ତାଙ୍କର ଶେଷ ମ୍ୟାଚ୍ ଥିଲା ବୋଲି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏମିତି କି ରୋହିତ ଟେଷ୍ଟ କ୍ରିକେଟରୁ ଅବସର ନେବେ ବୋଲି ମଧ୍ୟ ଚର୍ଚ୍ଚା ହୋଇଥିଲା। ଏବେ ଏସବୁ ଚର୍ଚ୍ଚା ଉପରେ ବିରାମ ଲଗାଇଛନ୍ତି ରୋହିତ। ଭାରତ ବନାମ ଅଷ୍ଟ୍ରେଲିଆ ସିଡନୀ ଟେଷ୍ଟର ଦ୍ୱିତୀୟ ଦିନରେ ମଧ୍ୟାହ୍ନ ଭୋଜନ ବିରତି ସମୟରେ ରୋହିତ ଶର୍ମା ତାଙ୍କ ଅବସରକୁ ନେଇ ହେଉଥିବା ଚର୍ଚ୍ଚା ଉପରେ ଷ୍ଟାର ସ୍ପୋର୍ଟସକୁ ସାକ୍ଷାତକାର ଦେଇ କହିଥିଲେ ଯେ, "ମୁଁ ଅବସର ନେଉ ନାହିଁ। ଏବେ ମୁଁ କ୍ରିକେଟ୍ ଖେଳରୁ ଦୂରେଇ ଯାଉନାହିଁ। ମୋର ପ୍ରଦର୍ଶନ ଭଲ ନଥିବାରୁ ମୁଁ ଏବେ ମ୍ୟାଚରୁ ବାଦ୍ ପଡ଼ିଛି। ୫ମାସ ପରେ ବି ମୋ ପ୍ରଦର୍ଶନ ଖରାପ ଥିବ ବୋଲି କିଛି ମାନେ ନାହିଁ। କ୍ରିକେଟରେ ଆମେ ବହୁତ ଜିନିଷ ଦେଖିଛୁ। ପ୍ରତି ସେକେଣ୍ଡରେ ସବୁ ବଦଳିଯାଏ। ମୋର ବିଶ୍ୱାସ ଅଛି ଯେ, ମୁଁ ଆଗକୁ ଭଲ ଖେଳିବି।"

## ୪୭ ବର୍ଷର ରେକର୍ଡ ଭାଙ୍ଗିଲେ ବୁମ୍‌ରା



**ସିଡନୀ,୪।୧୨:** ଜସପ୍ରୀତ ବୁମ୍‌ରା କ୍ରିକେଟରେ ତାଙ୍କ ନାମରେ ଆଉ ଏକ ଐତିହାସିକ ରେକର୍ଡ ସୃଷ୍ଟି କରିଛନ୍ତି। ସେ ବର୍ତ୍ତମାନ ଅଷ୍ଟ୍ରେଲିଆରେ ଖେଳାଯାଇଥିବା କୌଣସି ଟେଷ୍ଟ ସିରିଜରେ ସର୍ବାଧିକ ଉଇକେଟ ନେଇଥିବା ଭାରତୀୟ ବୋଲର ହୋଇପାରିଛନ୍ତି। ସେ ସ୍ପିନ ବୋଲିଂରେ ଭାରତୀୟ କିମ୍ବଦନ୍ତୀ ବିଶନ ସିଂ ବେଦୀଙ୍କ ରେକର୍ଡ ଭାଙ୍ଗିଛନ୍ତି। ସିଡନୀ ଟେଷ୍ଟ ଆରମ୍ଭ ପୂର୍ବରୁ ବୁମ୍‌ରା ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ୩୦ ଉଇକେଟ ନେଇଥିଲେ ଏବଂ ବର୍ତ୍ତମାନ ୨ ଉଇକେଟ ନେଇ ସେ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ୧୯୭୭-୭୮ ସିରିଜରେ ବିଶନ ସିଂ ବେଦୀ ଅଷ୍ଟ୍ରେଲିଆ ବିପକ୍ଷରେ ମୋଟ ୩୧ ଉଇକେଟ ନେଇଥିଲେ। ୪୭ ବର୍ଷ ପରେ ବୁମ୍‌ରାଙ୍କ ଦ୍ୱାରା ସେହି ରେକର୍ଡ ଭାଙ୍ଗି ଯାଇଛି। ସିଡନୀ ଟେଷ୍ଟର ପ୍ରଥମ ଦିନରେ ଉସମାନ ଖ୍ୱାଜାଙ୍କ ଉଇକେଟ ନେଇ ସେ ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ରେ ନିଜର ୩୧ତମ ଉଇକେଟ ନେଇଥିଲେ। ଦ୍ୱିତୀୟ ଦିନ ଆରମ୍ଭରେ ସେ ମାର୍ନସ ଲାବୁସାଗ୍ନେଙ୍କୁ ଆଉଟ୍ କରି ସିରିଜର ୩୨ତମ ୱିକେଟ ନେଇଥିଲେ। ଚଳିତ ସିରିଜରେ ଚାରୋଟି ମ୍ୟାଚ ସମାପ୍ତ ହେବା ପରେ ଅଷ୍ଟ୍ରେଲିଆ ୨-୧ରେ ଆଗୁଆ ରହିଛି। ବର୍ତ୍ତମାନ ପଞ୍ଚମ ଟେଷ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଟିମ ଇଣ୍ଡିଆ ଏହି ମ୍ୟାଚ ହାରିଯାଏ ତେବେ ଏହା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପାଇଁ ଯୋଗ୍ୟତା ଅର୍ଜନ କରିପାରିବ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୁଟ୍‌ବେଳେ...

ଉଦ୍ଧାର କରାଯାଇ ପାଣିକୋଇଲି ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ନୀଳମାଧବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁନୀଲ୍ ଓ ତାଙ୍କ ସାଥୀଙ୍କୁ କଟକ ରେଫର କରାଯାଇଥିଲା। ତେବେ ରାସ୍ତାରେ ସୁନୀଲ୍‌ଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଗୁଳି ମାଡ଼ ପରେ ୩ ଦୁର୍ବୃତ୍ତ ଚମ୍ପଟ ମାରିବାକୁ ଚେଷ୍ଟା କରୁଥିଲେ। ସ୍ଥାନୀୟ ଲୋକେ ୩ ଜଣଙ୍କୁ ପିଛା କରିଥିଲେ। ଜଣେ ଦୁର୍ବୃତ୍ତ ଜୀବନ ବିକଳରେ ବନ୍ଧୁକ ଧରି ଗାଡ଼ିଆ ଭିତରେ ପଶି ଯାଇଥିଲେ। ଉତ୍ତ୍ୟକ୍ତ ଲୋକେ ଗାଡ଼ିଆ ଭିତରେ ତାକୁ ମାଡ଼ି ବସି ଥିଲେ। ତା'ପରେ ତାକୁ ବହେ ନାଦିଥିଲେ। ତାକୁ ମାଡ଼ ମାରି ରକ୍ତ କରିଦେଇଥିଲେ। ଅନ୍ୟ ଜଣେ ଭୟରେ ଏକ ଦୋକାନ ଘର ଭିତରେ ପଶି ଯାଇଥିବା ବେଳେ ତୃତୀୟ ଦୁର୍ବୃତ୍ତ ଚମ୍ପଟ ମାରିବାରେ ସଫଳ ହୋଇଥିଲା। ଘଟଣା ସ୍ଥଳରେ ପୁଲିସ୍ ପହଞ୍ଚି ଦୀର୍ଘ ସମୟର କସରତ ପରେ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଦୁଇ ଲୁଟେରାଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ଯାଜପୁର ଟାଉନ୍ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ସୁରକ୍ଷା ଦୃଷ୍ଟିରୁ ପୁଲିସ୍ ଜଣକୁ କଟକ ବଡ଼ ମେଡ଼ିକାଲ୍ ସ୍ଥାନାନ୍ତରିତ କରିଛି। ଏହାଛଡ଼ା ଗୁଳିକାଣ୍ଡ ସ୍ଥାନରୁ ପୁଲିସ୍ ବିପୁଳ ପରିମାଣର ସୁନା ଜବତ କରିଛି। ଜବତ ହୋଇଥିବା ସୁନା ଲୁଟେରା ନେଇ ପଳାଉଥିବା ଜଣାପଡ଼ିଛି।

ସେପଟେ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଲୁଟେରାମାନେ ଖଣ୍ଡି ହିନ୍ଦୀ ଭାଷାରେ କଥା ହେଉଛନ୍ତି। ସେମାନେ ଝାଡ଼ଖଣ୍ଡୀ ବା ଛତିଶଗଡ଼ୀ ହୋଇଥିବେ। ଅନ୍ୟପକ୍ଷରେ ଫେରାର ଥିବା ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଏବେ ମଧ୍ୟ ପାଣିକୋଇଲି ଛକରେ ଉତ୍ତେଜନା ଲାଗି ରହିଛି। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି।

### ଚାଷୀ...

ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪୦୦୦ କୋଟି ଟଙ୍କାର ଧାନ କିଣାଯିବାର ଲକ୍ଷ୍ୟ ରଖାଯାଇଛି । ସୁଭଦ୍ରା ଯୋଜନାରେ ଏ ପର୍ଯ୍ୟନ୍ତ ୮୦ ଲକ୍ଷ ମହିଳା ହିତାଧିକାରୀଙ୍କୁ ମୋଟ ୪ ହଜାର କୋଟି ଟଙ୍କା ବ୍ୟାଙ୍କ୍ ଖାତାରେ ଦିଆଯାଇଛି ବୋଲି ଶ୍ରୀ ପ୍ରଧାନ କହିଥିଲେ ।

ଏହାବ୍ୟତୀତ ସମ୍ବଲପୁର ସହରରେ ସ୍ୱଚ୍ଛତା, ପାନୀୟ ଜଳ, ସ୍ୱରେଜ, ଡ୍ରେନେଜ୍ ବ୍ୟବସ୍ଥାକୁ ସୁଧାରିବା ପାଇଁ ଡବଲ ଇଞ୍ଜିନର ସରକାର କାମ କରୁଛନ୍ତି । ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ 'ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବାର କଳ୍ପନା କରାଯାଇଛି । ହୀରାକୁଦ ବନ୍ଧର ନବୀକରଣ ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ଏକବିଂଶ ଶତାବ୍ଦୀରେ ଆଧୁନିକ ଏବଂ ବିକଶିତ ସମ୍ବଲପୁର କରିବା ପାଇଁ ଆଗଭର ହେବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।

ଲୋକମହୋତ୍ସବ ନେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦଶକ ଦଶକ ଧରି ଲୋକମାନଙ୍କ ସହଯୋଗରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ହୋଇ ଆସୁଥିବା ସମ୍ବଲପୁର ଲୋକ୍ ମହୋତ୍ସବ ଲୋକକଳା, ସାହିତ୍ୟ ଓ ସଂସ୍କୃତିର ମହାକୁମ୍ଭ । ସମ୍ବଲପୁରର ଭାବାବେଗକୁ ପ୍ରତିଫଳିତ କରିବା ଦିଗରେ ସମ୍ବଲପୁର ଲୋକ୍ ମହୋତ୍ସବ ଏକ ଅନନ୍ୟ ମହୋତ୍ସବ । ଲୋକ ସଂସ୍କୃତିର ଏକ ଉତ୍କୃଷ୍ଟ ଉଦାହରଣ । ସମ୍ବଲପୁରର ସାମାଜିକ ଜନଜୀବନ ଲୋକକଳା, ଲୋକସଙ୍ଗୀତ ଏବଂ ଲୋକଚରିତ୍ର ଆଧାରିତ। ଭାରତର ସାଂସ୍କୃତିକ ଜଗତରେ ପ୍ରସିଦ୍ଧ ରଙ୍ଗବତୀ ଗୀତର ବିକଳ୍ପ ନାହିଁ । ରଙ୍ଗବତୀ ସମ୍ବଲପୁରର ଲୋକ ସଂସ୍କୃତିର ଏକ ପରିଚୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରରେ ଲୋକଗୀତ 'ରଙ୍ଗବତୀ' ସହ ଜଡ଼ିତ ଗୀତିକାର ମିତ୍ରଭାନୁ ଗୌନ୍ତିଆ, ଗାୟକ ଜିତେନ୍ଦ୍ର ହରିପାଲ, ଗାୟିକା କ୍ରୀଷ୍ଣା ପଟେଲଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯାଇଛି, ଯାହା ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ କଳା ଓ ସଂସ୍କୃତିର ଗଭୀରତା ପ୍ରତି ବଡ଼ ସମ୍ମାନ । ସମ୍ବଲପୁରରେ ମହାଆଡମ୍ବର ଭାବେ ଆୟୋଜନ ହୋଇ ଆସୁଥିବା ନୂଆଁଖାଇ ଓ ଶୀତଳଷଷ୍ଠୀ ଏକ ଉତ୍ସବ ନୁହେଁ, ବରଂ ନାଗରିକ ଏବଂ ପରିବାରକୁ ଏକାଠି ହେବାର ଅନନ୍ୟ ପରମ୍ପରା । ସମ୍ବଲପୁର ଲୋକ ସଭ୍ୟତାର ପରିଚୟ ସର୍ବ ଭାରତୀୟ ସ୍ତରରେ ଅଛି । ଏହି ଲୋକ ପରମ୍ପରାକୁ ଶ୍ରୀବୃଦ୍ଧି କରିବା ପାଇଁ ସମସ୍ତେ ଦାୟିତ୍ୱ ନେବା ଦରକାର ।

ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲାକୁ ୨୦୨୫ ଡିସେମ୍ବର ସୁଦ୍ଧା ଟିବି ମୁକ୍ତ କରିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି, ଏହି ସଂକଳ୍ପ ତେବେ ପୂରଣ ହେବ ଯେବେ ଆମେ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ସହ ସହଯୋଗୀ ହୋଇ କାମ କରିବା । ସମାଜ ତଥା ସାମାଜିକ ସଂଗଠନ, ସ୍ୱୟଂସେବୀ ସଂଗଠନ ଏବଂ ବ୍ୟକ୍ତିଗତ ସ୍ତରରେ ଆମେ ଦାୟିତ୍ୱ ନେବା ।

### ପାହାଡ଼ ଲୁଟେରା...

ଲୁଟ ହୋଇ ଯାଇଛି । ସ୍ଥାନୀୟ ଦୁଇଟି କ୍ରସରରେ ଏହିସବୁ ଚୋରା କଳାପଥର ବ୍ୟବହାର ହେଉଛି। ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଂଚ ସଭାପତି ଆଜି ଏଥିନେଇ ଉପରୋକ୍ତ ସୂଚନା ପ୍ରଦାନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ କାର୍ଯ୍ୟଧାରାକୁ ନାପସନ୍ଦ କରିଛନ୍ତି। ସତୀଶ ନିଜ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଖାଦାନ ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥିବାରୁ ଏହି ବିଭାଗର ହସ୍ତକ୍ଷେପ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିଲୁ । ଦୀର୍ଘ ବର୍ଷ ପରେ ଡିଜିଏମଏସ ତରଫରୁ ପ୍ରତ୍ୟେକ ଖଣି ପରିଦର୍ଶନ କରି ଆବଶ୍ୟକ ପ୍ରତିକାର କରାଯାଇ ଥିଲା । ସେଥିପାଇଁ ମୋହନ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବଢ଼ିଥିଲା । ଖାଦାନ ସୁରକ୍ଷା ମହାନିର୍ଦ୍ଦେଶାଳର ପ୍ରତ୍ୟେକ ଖାଦାନ ଅନୁଧାନ ପରେ ବିଭିନ୍ନ ଖାଦାନରେ ଅସୁରକ୍ଷିତ ଭାବେ ପଥର ଉତୋଳନ ନେଇ ବଡ ଧରଣର କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତି ହୋଇଥିଲା । ପ୍ରତ୍ୟେକ ଖାଦାନରେ ମାଇନିଂ ମ୍ୟାନେଜର ନିଯୁକ୍ତି କରାଗଲା। ହେଲେ ମାଇନିଂ ମ୍ୟାନେଜର ମାନେ ମୋଟା ଅଙ୍କର ଚାନ୍ଦା ନେଇ ବେଆଇନ ବ୍ଲାଷ୍ଟିଂକୁ ଉତ୍ସାହିତ କଲେ। ତେଣୁ ପ୍ରତ୍ୟେକ ଖାଦାନକୁ ସାଟେଲାଇଟ ନଜରରେ ରଖାଯିବା ସହ ସିସିଟିଭି ବ୍ୟବସ୍ଥା କରାଯାଉ । ଏହାସହ ଚେକଗେଟ ବ୍ୟବସ୍ଥା କରାଯାଉ। ଏହିସବୁ ଖାଦାନରେ ନିଯୁକ୍ତ ମାଇନିଂ ମ୍ୟାନେଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଖାଦାନ ସୁରକ୍ଷା ମହାନିର୍ଦ୍ଦେଶାଳୟ ମଧ୍ୟ ଏହି ଦୁର୍ନିତିରେ ସାମିଲ ହୋଇଥିବାର ସ୍ପଷ୍ଟ ହୋଇଯିବ । ଏଥିନେଇ ଖୁବଶିଘ୍ର ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡାଯିବା ସହ ଗ୍ରୀନ ଟ୍ରିବ୍ୟୁନାଲରେ ଆବେଦନ କରାଯିବ ବୋଲି ସତୀଶ ଦର୍ଶାଇଛନ୍ତି। ଆଜି ସନ୍ଧ୍ୟାରେ ଧର୍ମଶାଳା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ମଧ୍ୟ ପାହାଡ ମାଫିଆଙ୍କ ଏଭଳି ବେଆଇନ ଦୃଷ୍ଟିରେ ଧର୍ମଶାଳାର ମାଟି ଥରି ଉଠିଥିଲା । ଏଥିନେଇ ସାଧାରଣରେ ଘୋର ଉଦବେଗ ପ୍ରକାଶ ପାଉଛି ।

### ମୁଖ୍ୟମନ୍ତ୍ରୀଙ୍କ...

ବିଜେପି ସରକାର ଶପଥ ନେବା ପରେ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହେବେ ବୋଲି ଚର୍ଚ୍ଚା ହୋଇଥିଲା । ମାତ୍ର ସେତେବେଳେ ସେ ଡେପୁଟି ନିର୍ବାଚନ କମିଶନର ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କ ନିଯୁକ୍ତିରେ ବିଳମ୍ବ ହୋଇଥିଲା । ଶ୍ରୀ ସାହୁ ଗତମାସରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ଯୋଗଦେବା ପରେ ଆଜି ତାଙ୍କୁ ଏହି ନୂଆ ଦାୟିତ୍ୱ ନ୍ୟସ୍ତ ହୋଇଛି ।

ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକର ସିଙ୍ଗାରପୁର ଗାଁରେ ଜନ୍ମିତ ଶ୍ରୀ ସାହୁ ଭୁବନେଶ୍ୱରସ୍ଥିତ ଓୟୁଏଟି ବିଶ୍ୱବିଦ୍ୟାଳୟରୁ ବିଏସସି ଓ ଜୁନାଗଡ଼ କୃଷି ବିଶ୍ୱବିଦ୍ୟାଳୟରୁ ଏମଏସସି ଡିଗ୍ରୀ ହାସଲ କରିବା ପରେ ୨୦୦୬ ମସିହାରେ ଆଇଏଏସ୍ ଚାକିରିରେ ଯୋଗ ଦେଇଥିଲେ । ଚାକିରିରୁ ଆରମ୍ଭରୁ ସେ ଡାମନ ଓ ଡିଉରେ ଜିଲ୍ଲାପାଳ ଭାବେ କାର୍ଯ୍ୟ ତୁଲାଇଛନ୍ତି । ପରେ ୨୦୧୨ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଅରୁଣାଚଳ ପ୍ରଦେଶ ସରକାରରେ ବିଭିନ୍ନ ପଦବୀରେ କାର୍ଯ୍ୟ କରି ୨୦୧୫ରେ ଗୋଆ ସରକାରରେ ପ୍ରାୟ ଏକବର୍ଷ କାର୍ଯ୍ୟ କରିଛନ୍ତି । ୨୦୧୬ରୁ ୨୦୧୯ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଜଳଶକ୍ତି ଡେପୁଟି ସଚିବ ଓ ପରେ ନିର୍ଦ୍ଦେଶକ ଭାବେ ୨୦୨୨ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଡେପୁଟି ନିର୍ବାଚନ କମିଶନର ଭାବେ ୨୦୨୨ ଡିସେମ୍ବରରୁ ୨୦୨୪ ନଭେମ୍ବର ୧୬ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇଥିଲେ ।

### ପୂର୍ବ ଭାରତରେ ...

ଓଡ଼ିଆ ଉଦ୍ୟୋଗୀ ମାନଙ୍କ ସ୍ୱତନ୍ତ୍ର ସେସନ୍ ଏବଂ ମହିଳା ବିଜନେସ୍ ଲିଡର୍ସ ମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସେସନ ଅନୁଷ୍ଠିତ ହେବ । ଏହା ସହିତ 'ସୁଭଦ୍ରାରୁ ମୁଦ୍ରା' ନାମରେ ଓଡିଆ ମହିଳା ଉଦ୍ୟୋଗୀ ମାନଙ୍କ ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ସେସନ ଅନୁଷ୍ଠିତ ହେବ । ଜାନୁଆରୀ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଇଣ୍ଡଷ୍ଟ୍ରିଆଲ୍ ଏକଜିବିସନ୍ ଅନୁଷ୍ଠିତ ହେବ ।

ଏହି ବୈଠକରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ ।

### ପ୍ରଧାନମନ୍ତ୍ରୀଙ୍କ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଆସି ଶିଳ୍ପପତି ଓ ପୁଞ୍ଜିନିବେଶକଙ୍କୁ ଉଦବୋଧନ ଦେବେ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୮ତାରିଖ ଦିନ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଶିଳ୍ପ ପତି ଓ ପୁଞ୍ଜିନିବେଶକଙ୍କୁ ଉଦବୋଧନ ଦେବେ । ଏହି ଦୁଇଦିନ ମଧ୍ୟରେ ଶିଳ୍ପର ବିଭିନ୍ନ କ୍ଷେତ୍ର ସମ୍ବନ୍ଧିତ ସ୍ୱତନ୍ତ୍ର ସେସନ୍ ଅନୁଷ୍ଠିତ ହେବାସହିତ ବିଶିଷ୍ଟ ଶିଳ୍ପମାନଙ୍କ ଅଭିଭାଷଣ, ମୁଖ୍ୟମନ୍ତ୍ରୀଙ୍କ ସହିତ ବଡ଼ବଡ଼ ଶିଳ୍ପ ସଂସ୍ଥାର ସିଇଓମାନଙ୍କ ରାଉଣ୍ଡ ଟେବୁଲ, ଓଡ଼ିଆ ଉଦ୍ୟୋଗୀଙ୍କ ସ୍ୱତନ୍ତ୍ର ସେସନ ଓ ମହିଳା ବିଜିନେସ୍ ଲିଡର୍ସମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସେସନ୍ ଅନୁଷ୍ଠିତ ହେବ ।

ସେହିଭଳି ଆସନ୍ତା ୮ ତାରିଖରୁ ଆରମ୍ଭ ହେଉଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ମଧ୍ୟ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ। ଜାନୁଆରୀ ୮ତାରିଖ ରାତି ୮ଟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚି ସିଧା ରାଜଭବନ ଯିବେ। ସେଠାରେ ରାତ୍ରୀଜାପନ କରିବେ। ୯ ତାରିଖ ସକାଳ ୯ଟା ୪୫ରେ ରାଜଭବନରୁ ଜନତା ମଇଦାନ ଯିବେ । ୯ଟା ୫୫ରେ ଜନତା ମଇଦାନରେ ପହଞ୍ଚିବା ପରେ ଅଠରତମ ପ୍ରବାସୀ ଭାରତୀୟ ସମ୍ମିଳନୀରେ ହେବେ ସାମିଲ । ଦିନ ୧୦ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପ୍ରବାସୀ ଭାରତୀୟଙ୍କ ସହ ସମୟ ବିତାଇବେ ନରେନ୍ଦ୍ର ମୋଦୀ । ଏହାପରେ ଦିନ ୧୧ଟା ୫୫ରେ ଦିଲ୍ଲୀ ଅଭିମୁଖେ ବାହାରି ଯିବେ ।

### ରାଜନୀତି...

ତା ସାଙ୍ଗକୁ ପ୍ରାକୃତିକ ସମ୍ପଦର ସମ୍ଭାର। କଣ ନାହିଁ ଦକ୍ଷିଣ ଓଡ଼ିଶାରେ। କିନ୍ତୁ ବିକାଶ ଏଠାରେ ପହଞ୍ଚିବାକୁ ସଂଘର୍ଷ କରେ। କାରଣ ବିକାଶମୂଳକ କାର୍ଯ୍ୟରେ ଅନେକ ସମୟରେ ବାଧକ ସାଜେ ରାଜନୈତିକ ମନାନ୍ତର ଓ ମତାନ୍ତର। ଆଦିବାସୀ ଅଞ୍ଚଳ ହୋଇଥିବାରୁ ସବୁବେଳେ ଅବହେଳାର ଶିକାର ହୋଇଛି ଦକ୍ଷିଣ ଓଡ଼ିଶା। ତେବେ ବିକାଶ ପରିଷଦ କଣ ସତରେ ଦକ୍ଷିଣ ଓଡ଼ିଶାର ଭାଗ୍ୟ ବଦଳାଇ ପାରିବ, ଏହି ପ୍ରଶ୍ନ ଏବେ ସମସ୍ତଙ୍କୁ ଘାରୁଥିବା ବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ହେଉଛି ଏହାର ଜଳନ୍ତ ଉଦାହରଣ।

### ନବୀନ...

ହ୍ରାସ ପାଇନଥିବା କୁହାଯାଇଛି। ବିଗତ ଏକ ବର୍ଷରେ ନୂଆ ଛାତ୍ରୀଙ୍କ ସଂଖ୍ୟା ୧.୬ ନିୟୁତ ଏବଂ ଛାତ୍ରଙ୍କ ସଂଖ୍ୟା ୨.୧ ନିୟୁତ ହ୍ରାସ ପାଇଛି। ଅପରପକ୍ଷରେ ପଛୁଆ ବର୍ଗ (ଓବିସି) ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨.୫ ନିୟୁତ ହ୍ରାସ ପାଇଥିବା ବେଳେ ଅନୁସୂଚୀତ ଜାତି (ଏସ୍‌ସି)ଙ୍କ ସଂଖ୍ୟା ୧.୨ ନିୟୁତ ଏବଂ ଆଦିବାସୀ,(ଏସ୍‌ଟି) ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨ ଲକ୍ଷ ହ୍ରାସ ପାଇଛି । ସେହିପରି ମୁସଲମାନ ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧ ଲକ୍ଷ କମିଥିବା ବେଳେ ଅନ୍ୟ ସଂଖ୍ୟାଲଘୁ ସଂପ୍ରଦାୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩ ଲକ୍ଷ ହ୍ରାସ ପାଇଥିବା ରେକର୍ଡ କହୁଛି ।

### ରାୟଗଡା...

ମୂଲ୍ୟ ୧୦୭ କୋଟି ଟଙ୍କା । ଏହି ମହତ୍ୱପୂର୍ଣ୍ଣ ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳର ରେଳ ଭିତ୍ତିଭୂମି ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଅନେକ ପ୍ରମୁଖ ଉପାଦାନ ଅନ୍ତର୍ଭୁକ୍ତ ହେବ । ଡିଭିଜନର ମୁଖ୍ୟାଳୟ ରାୟାଗଡା ଠାରେ ରହିବ । ଏକ ଆଧୁନିକ ମଣ୍ଡଳ ରେଳବାଇ କାର୍ଯ୍ୟାଳୟ ଭବନ ପ୍ରାୟ ୧୨,୦୦୦ ବର୍ଗମିଟର କ୍ଷେତ୍ରରେ ନିର୍ମାଣ ହେବ ଯାହାକି ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ଦୁଇଟି ଫ୍ଲୋର ରହିବ । ଏହାଦ୍ୱାରା ଦକ୍ଷିଣ ଓଡ଼ିଶାବାସୀଙ୍କ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହି ପ୍ରକଳ୍ପ ସହାୟକ ହେବ ।

### ବିଜେଡିକୁ...

ସବସିଡ୍ ଦିଆଯାଉଥିଲେ ବି ଓଡ଼ିଶା କୃଷି ଉତ୍ପାଦନରେ ଏକ ପଛୁଆ ରାଜ୍ୟର ମାନ୍ୟତା ପାଇଛି । ତେଣୁ ଏଭଳି ସ୍ଥିତିରେ ଦରଦାମ ବୃଦ୍ଧି ପ୍ରସଙ୍ଗରେ କେନ୍ଦ୍ର ବିରୁଦ୍ଧରେ ଯୁଦ୍ଧଂ ଦେହି ଡାକରା ଦେଇଥିବା ବିଜେଡି ଏବେ ଖୋଦ ଅକଳରେ ପଡିଛି। ବାରମ୍ବାର ମାନସ ମନ୍ଥନ ସତ୍ତ୍ୱେ କେନ୍ଦ୍ର ବିରୁଦ୍ଧରେ କେଉଁ ସ୍ୱରରେ ଲଢ଼ିବେ ତାହା ଦଳର ମାମଲତକାରମାନେ ସ୍ଥିର କରିପାରୁ ନାହାନ୍ତି ।

କୁହାଯାଉଛି ଯେ କେନ୍ଦ୍ର ବିରୁଦ୍ଧରେ ଏହି ଆନ୍ଦୋଳନ କେନ୍ଦ୍ର ସରକାର କିମ୍ବା କେନ୍ଦ୍ର ଓ ରାଜ୍ୟରେ କ୍ଷମତାରେ ଥିବା ବିଜେପି ଦଳର ଯେତିକି କ୍ଷତି ନକରିବ ତାହାଠାରୁ ଅଧିକ କ୍ଷତି ଆନ୍ଦୋଳନ ଡାକରା ବିଜେଡିର କରିବ । ସାଧାରଣ ଲୋକେ ଏହାପରେ ବିଜେଡି ନେତାମାନଙ୍କୁ ଦରଦାମ ବୃଦ୍ଧିର କାରଣ ପଚାରିବେ ବୋଲି ଦଳୀୟ ନେତାମାନେ ଆଶଙ୍କା ପ୍ରକାଶ କଲେଣି ।

### ନର୍ସରିରୁ ବାଉଁଶ ଚୋରି
## ଫରେଷ୍ଟର, ଗାର୍ଡ ନିଲମ୍ବିତ



**ନବରଙ୍ଗପୁର/ରାଇଘର, ୪।୧ (ସଂଚାର ବ୍ୟୁରୋ) :** ରାଇଘର ବ୍ଲକ କୁମୁଲି ପଞ୍ଚାୟତ ପଟାଚୁଆଁ ବନ ବିଭାଗ ନର୍ସରିରୁ ବାଉଁଶ ଚୋରି ମାମଲାରେ ୨ ଜଣ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି । ସେମାନେ ହେଲେ ଗୋନା ଫରେଷ୍ଟର କାମାକ୍ଷାପ୍ରସାଦ ସ୍ୱାଇଁ ଓ ବନରକ୍ଷୀ ହରେକୃଷ୍ଣ ନାୟକ। ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଗୁରୁବାର ଏନେଇ ଡିଏଫ୍ ଓ ତଦନ୍ତ କରିଥିଲେ। ପ୍ରକାଶଥାଉ କି, ନର୍ସରିର ଚାରିପାର୍ଶ୍ୱରେ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ବାଉଁଶ ଲଗାଇଥିଲା। ଗତଦିନରେ କେତେକ ବ୍ୟକ୍ତି ବାଉଁଶ କାଟି ନେଇ ଯାଉଥିଲେ । ୨ ହଜାର ଗଛ ନେବାକୁ ଜଣେ ବ୍ୟକ୍ତିଙ୍କ ସହ ଡିଲ୍ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଗୋଟାଏ ବାଉଁଶ ବାବଦକୁ ସମ୍ପୃକ୍ତ ଅଧିକାରୀଙ୍କୁ ୩୦ ଟଙ୍କା ଦିଆ ଯାଉଥିବା ଏବଂ ଏଥିରେ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଥିଲେ ।

### ନୂଆ ବର୍ଷରେ ଯୁବକକୁ ହତ୍ୟା
## ୩ ନାବାଳକ ସମେତ ୫ ଗିରଫ

**ବୋରିଗୁମ୍ମା, ୪।୧ (ସଂଚାର ବ୍ୟୁରୋ) :** ନୂଆ ବର୍ଷଦିନ ଭଲିବଲ ଖେଳ ପଡ଼ିଆରୁ ସୂତ୍ରପାତ ହୋଇଥିବା ଗଣ୍ଡଗୋଳ ରାତି ଭୋଜିରେ ଶେଷ ହୋଇଥିଲା । ଛୋଟିଆ ଭୁଲକୁ ନେଇ ହୋଇଥିବା ଗଣ୍ଡଗୋଳରେ ଯୁବକ ଜଗନ୍ନାଥ ମାଝି(୩୦)ଙ୍କ ଜୀବନ ଚାଲିଯାଇଥିଲା। ଅଭିଯୁକ୍ତମାନେ ନିଶାସକ୍ତ ଅବସ୍ଥାରେ ନିଜ ସମ୍ପର୍କକୁ ମଧ୍ୟ ଭୁଲିଯାଇ ନିଜ ମାମୁଁର ହତ୍ୟାକାରୀ ବନିଗଲେ ଭଣଜା ଭକ୍ତ ଅଡାରୀ। ନୂଆବର୍ଷ ଦିନ ବିଳମ୍ବିତ ରାତିରେ ଏମିତି କିଛି ଘଟଣା ବିସିଂହପୁର ଥାନା ନକୁଳ ଗୁଡା ଗାଁରେ ଘଟିଥିଲା । ନକୁଳ ଗୁଡା ଗାଁର ଜଗନ୍ନାଥ ମାଝୀଙ୍କୁ ତାଙ୍କ ଭଣଜା ଓ ଗାଁର ସମ୍ପର୍କୀୟମାନେ ହିଁ ହତ୍ୟା କରିଥିଲେ। ପରଦିନ ଗୁରୁବାର ସକାଳୁ ଚାଷ ଜମିରୁ





ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଗନ୍ନାଥ ମାଝୀଙ୍କ ଶବ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଥିଲ। ପୁଲିସ । ହତ୍ୟା ଘଟଣା ମାମଲାରେ ବି. ସିଂହପୁର ପୁଲିସ ମୋଟ ୩ ନାବାଳକଙ୍କ ସମେତ ୫ ଜଣଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଗୋଟିଏ ନୀଳଗିରି ଠେଙ୍ଗା, ଗୋଟିଏ ବାଉଁସ ଠେଙ୍ଗା ଆଉ କିଛି ମଦ ପାଉଚ ଓ ମଦ ବୋତଲ ଜବତ କରିବାରେ ସକ୍ଷମ ହୋଇଛି। ଏନେଇ ଆଜି ବୋରିଗୁମ୍ମା ଏସଡିପିଓ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି ବୋରିଗୁମ୍ମା ଉପଖଣ୍ଡ ଆରୋକ୍ଷୀ ଅଧିକ୍ଷକ ତପସ୍ୱିନୀ କଂହର। ଗିରଫ ୫ ଅଭିଯୁକ୍ତ ହେଲେ ନକୁଳ ଗୁଡା ଗ୍ରାମର ଭକ୍ତ ଅଢ଼ାରୀ, ନୀଳକଣ୍ଠ ମାଝୀ, ଦୁଇଜଣ ମୃତ ଜଗନ୍ନାଥଙ୍କୁ ହତ୍ୟା କରିଥିବା ବେଳେ ଏମାନଙ୍କୁ ସହାୟତା କରିଥିଲେ ଅନ୍ୟ ୩ଜଣ ନାବାଳକ। ସମସ୍ତଙ୍କୁ ପୋଲିସ ଗିରଫ କରିଛି। ଭକ୍ତ ଅଢ଼ାରି ଏବଂ ନୀଳକଣ୍ଠ ମାଝୀଙ୍କୁ ଆଜି କୋର୍ଟ ଚାଲାଣ କରାଯିବା ବେଳେ ଅନ୍ୟ ୩ ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯିବା ନେଇ ସୂଚନା ଦେଇଛନ୍ତି ଏସଡିପିଓ ତପସ୍ୱିନୀ କଂହର।

## ୧୭ ଲିଟର ନକଲି ମଦ ଜବତ, ଜଣେ ଗିରଫ



**ହିଞ୍ଜିଳିକାଟୁ, ୪।୧ (ସଂଚାର ବ୍ୟୁରୋ) :** ଶନିବାର ଭୋରରୁ ହିଞ୍ଜିଳିକାଟୁ ଠାରୁ କବିସୂର୍ଯ୍ୟନଗର ଯାଉଥିବା ଏକ ଘରୋଇ ବସରେ ଚୋରା ଦେଶୀ ମଦ ଚୋରା ଚାଲାଣ ହେଉଥିବାର ଖବର ପାଇଥିଲା ଅବକାରୀ ବିଭାଗ । ଖବର ପାଇବା ପରେ ହିଞ୍ଜିଳି ବସଷ୍ଟାଣ୍ଡରେ ଅବକାରୀ ବିଭାଗ ଚଢ଼ାଉ କରି ଜଣକୁ ଗିରଫ କରିବା ସହ ୧୭ ଲିଟର ନକଲି ମଦ ଓ ଏକ ସ୍କୁଟି ଜବତ କରିଛି । ଗିରଫ ଜଣକ ହେଲେ ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ମାଣିକ ନଗର ବାସିନ୍ଦା ସୂର୍ଯ୍ୟନାରାୟଣ ପାତ୍ର (୩୮) । ଏନେଇ କେସ ନଂ ୭୩ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ମୋବାଇଲ ଓ ଟଙ୍କା ଲୁଟ୍ ଘଟଣାରେ ୨ ଗିରଫ

**ବ୍ରହ୍ମପୁର, ୪।୧ (ସଂଚାର ବ୍ୟୁରୋ) :** ଜଣେ ଯୁବକଙ୍କ ମୋବାଇଲ ଓ ଟଙ୍କା ଲୁଟ୍ ଅଭିଯୋଗରେ ୨ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ବଡ଼ ବଜାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କେ ପ୍ରଦୀପ ଆଚାରୀ(୪୩), ସନ୍ତୋଷ ସାହୁ ଓରଫ ମିଲନ(୩୦)। ସୂଚନାଯୋଗ୍ୟ ଯେ, ଦୁଇଦିନ ପୂର୍ବେ ଶନିବାରମପେଟା ସାହି ନିବାସୀ ରାଜେନ୍ଦ୍ର ସେଠୀ(୩୦) ହିଲପାଟଣାରୁ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ସାନ ବଜାର ଛକ ନିକଟରେ ରାଜେନ୍ଦ୍ରକୁ ଅଭିଯୁକ୍ତ ମିଳନ, ପ୍ରଦୀପ ମଦ ପିଇବାକୁ ଡାକିଥିଲେ । ରାଜେନ୍ଦ୍ର ମନା କରିବାରୁ ମିଳନ ଓ ପ୍ରଦୀପ ରାଜେନ୍ଦ୍ରଙ୍କ ଦୁଇଟି ମୋବାଇଲ ଓ ୫ ହଜାର ଟଙ୍କା ଛଡ଼ାଇ ନେଇଯାଇଥିଲେ। ପରେ ରାଜେନ୍ଦ୍ରକୁ ମାଡ଼ମାରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଘଟଣାକୁ ନେଇ ରାଜେନ୍ଦ୍ର ବଡ଼ ବଜାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା।

## ଚୋରି କଲେ, ଘରେ ନିଆଁ ଲଗାଇ ଚମ୍ପଟ ମାରିଲେ

**ବ୍ରହ୍ମପୁର, ୪।୧ (ସଂଚାର ବ୍ୟୁରୋ) :** ଘରୁ ଚୋରି କଲେ, ପୁଣି ନିଆଁ ଲଗେଇ ଦୁର୍ବୃତ୍ତମାନେ ଫେରାର୍ ହୋଇଗଲେ। ବ୍ରହ୍ମପୁରରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ଏକ ତାଲା ବନ୍ଦ ଘରୁ ଦୁର୍ବୃତ୍ତମାନେ ପ୍ରଥମେ ଚୋରି କରିଥିଲେ, ପରେ ନିଆଁ ଲଗାଇ ଚମ୍ପଟ ମାରିଛନ୍ତି । ଶନିବାର ସକାଳୁ ଅଗ୍ନିଶମ ବାହିନୀ ଜରିଆରେ ନିଆଁକୁ ଆୟତ୍ତ କରାଯାଇଥିଲା। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଛି । ଖବର ପ୍ରକାରେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଂ ନିକଟ କଳିଙ୍ଗନଗର ଦ୍ୱିତୀୟ ଲାଇନର ଦେବୀ ପ୍ରସାଦ ପଟ୍ଟନାୟକଙ୍କ ଘରେ ଏଭଳି ଘଟଣା ଘଟିଛି। ଦେବୀପ୍ରସାଦ କୌଣସି କାମ ପାଇଁ ବାହାରକୁ



ଯାଉଥିବାରୁ ଘରେ ତାଲା ପଡିଥିଲା । ଶନିବାର ଭୋରରୁ ଦେବୀପ୍ରସାଦଙ୍କ ପୁତୁରା କୌଣସି କାମରେ ତାଙ୍କ ଘର ନିକଟକୁ ଯାଇଥିବା ବେଳେ ଘରର ଝରକାର ଲୁହାଗ୍ରୀଲ ଭଙ୍ଗା ଯାଇଥିବା ବେଳେ ଘର ଭିତରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ତୁରନ୍ତ ବ୍ରହ୍ମପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ନିଆଁ ଆୟତ୍ତ ହେବା ପରେ ଘରର ସାମଗ୍ରୀ ଓ ଆସବାବପତ୍ର ଜଳିପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଥିଲା। ବହୁ ସାମଗ୍ରୀ ଚୋରି ହୋଇଥିବା ମଧ୍ୟ ଅନୁମାନ କରାଯାଉଛି। ପୁଲିସ ଚୋରି ଅଭିଯୋଗ ସହ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

# କଳା ବାଘକୁ ନେଇ ନୟାଗଡ଼ରେ ଚର୍ଚ୍ଚା

### ବଂଶ ବୃଦ୍ଧି କରୁଛି କଲରାପତରିଆ

**ନୟାଗଡ଼, ୪।୧ (ସଂଚାର ବ୍ୟୁରୋ) :** ଦୁଇ ଦିନ ହେଲା ସବୁଠି ଚର୍ଚ୍ଚା ନୟାଗଡ଼ କଳା ବାଘ। ପୂର୍ବରୁ ବାଘ ଥିଲେ ମଧ୍ୟ ନୟାଗଡ଼ ଜିଲ୍ଲାରେ ବାଘ ନଥିବା ଭାବି ବସିଥିଲେ । ତେବେ ଦୁଇ ଦିନ ହେଲା ନୟାଗଡ଼ ବନ ବିଭାଗ ପକ୍ଷରୁ ଭିଡିଓ ପ୍ରକାଶ କରିଛି । ଏହି ଭିଡିଓରେ କଳା ବାଘ ତା ପାଟିରେ ଏକ ଛୁଆ ବାଘକୁ ନେଇ ଅନ୍ୟତ୍ର ଯାଉଥିବା ସମସ୍ତେ ଭିଡିଓ ମାଧ୍ୟମରେ ଚକିତ ହୋଇଛନ୍ତି ଜନସାଧାରଣ । ଜଙ୍ଗଲରେ କଳା ବାଘ ରହିଥିବା ବହୁ ଦିନ ପୂର୍ବରୁ ଜଣାପଡ଼ିଥିଲା । ହେଲେ ନୂଆ ବର୍ଷରେ ସେହି କଳା ବାଘମାନଙ୍କ ମଧ୍ୟରୁ ଏକ ବାଘୁଣୀ ତା'ର ଛୁଆକୁ ପାଟିରେ କାମୁଡ଼ି ସୁରକ୍ଷିତ ସ୍ଥାନକୁ ନେଇ ଯାଉଥିବା ବନ ବିଭାଗ କ୍ୟାମେରାରେ ରେକର୍ଡ ହୋଇଛି । ଯାହାକୁ ନେଇ ବନ ବିଭାଗ କର୍ମଚାରୀ ସମେତ ବନ୍ୟପ୍ରାଣୀ ପ୍ରେମୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।



ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀଙ୍କ ସୂଚନା ଅନୁଯାୟୀ, ନୟାଗଡ଼ ଜିଲ୍ଲାରେ ନୂଆ ବର୍ଷରେ ନୂଆ ଅତିଥି ଆସିଛନ୍ତି । କଳା କଲରାପତରିଆ ବାଘୁଣୀ ୩ରୁ ୪ଟି ଛୁଆ ପ୍ରସବ କରିଥିବା କ୍ୟାମେରାରେ ରେକର୍ଡ ହୋଇଛି। ବାଘୁଣୀଟି ତା'ର ଗୋଟିଏ ଛୁଆକୁ ପାଟିରେ କାମୁଡ଼ି ନିରାପଦ ସ୍ଥାନକୁ ନେଉଥିବା ଦୃଶ୍ୟ ସମସ୍ତଙ୍କୁ ଖୁସି ଦେଇଛି। ନୟାଗଡ଼ ଜଙ୍ଗଲରେ ବାଘ ସଂଖ୍ୟା ପାଖାପାଖି ୭୦ରୁ ୮୦ ହେବ । କିନ୍ତୁ କ୍ୟାମେରାରେ ବାଘ ସଂଖ୍ୟା ପାଖାପାଖି ୬୦ରୁ ୭୦ ହେବ । ଏଥିରୁ ଜିଲ୍ଲାରେ ବାଘ ସଂଖ୍ୟା ବଢୁଥିବା ଅନୁମାନ କରାଯାଉଛି। ନୟାଗଡ଼ ପାଇଁ ଏହା ଶୁଭଙ୍କର ବୋଲି ଡିଏଫ୍‌ଓ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ଶିକାରୀମାନଙ୍କ କବଳରୁ କଲରାପତିରିଆ ବାଘକୁ ସୁରକ୍ଷା ଦେବାକୁ ବନ ବିଭାଗ ବହୁ ଉଦ୍ୟମ କରୁଛି । କଳା ବାଘୁଣୀ ଏବଂ ତା'ର ଛୁଆମାନେ ସୁସ୍ଥ ରହିଥିବା କହିଛନ୍ତି । ବାଘୁଣୀଟି ତା' ପାଟିରେ କାମୁଡ଼ି ନେଉଥିବା ତା'ଛୁଆର ରଙ୍ଗ ହଳଦିଆ କିପରି ହୋଇଛି ନେଇ ଡିଏଫ୍‌ଓଙ୍କୁ ପ୍ରଶ୍ନ କରାଯିବାରେ କହିଛନ୍ତି, ଏହି ବାଘ ଛୁଆଟି ପରବର୍ତ୍ତୀ ମୁହୂର୍ତ୍ତରେ କଳା ହୋଇପାରେ କିମ୍ବା ହଳଦିଆ ରଙ୍ଗର ହୋଇପାରେ । କଳା ବାଘୁଣୀ ସହ ହଳଦିଆ ରଙ୍ଗର କଲରାପତରିଆ ବାଘର ମିଶ୍ରଣରୁ କଳା ବାଘୁଣୀ ଛୁଆର ରଙ୍ଗ ହଳଦିଆ ହୋଇପାରିଥାଏ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି ।



## ବସ୍‌ରେ ମହିଳାଙ୍କ ପ୍ରସବ

**ବୋରିଗୁମ୍ମା, ୪।୧ (ସଂଚାର ବ୍ୟୁରୋ) :** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଜବା ପଦର ଗ୍ରାମର ଗୁରୁ ଦଣ୍ଡସେନାଙ୍କ ପତ୍ନୀ ଟଭା ଦଣ୍ଡସେନା ଆସି ଲକ୍ଷ୍ମୀ ବସରେ ନିଜ ଘରକୁ ଫେରୁଥିବା ବେଳେ ରାସ୍ତାରେ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ଆଶାକର୍ମୀ ପାଖରେ ଥିବାରୁ ବସ୍ ଭିତରେ ହିଁ ପ୍ରସବ କରି ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ଫଳରେ ବସ୍ ଡ୍ରାଇଭର ମାନବିକତା ଦେଖାଇ ମାଆ, ନବଜାତ ଶିଶୁକୁ ତୁରନ୍ତ ନିକଟସ୍ଥ କୁମୁଲି ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟ ମାଆ ଓ ଛୁଆକୁ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟ ମା ଓ ଶିଶୁ ସୁସ୍ଥ ଥିବା ଜଣାପଡିଛି।

## ରାଇଘରରୁ ବିଶାଖାପାଟଣାକୁ ଗଡ଼ିଲା ଘରୋଇ ବସ

**ରନବରଙ୍ଗପୁର/ରାଇଘର, ୪।୧ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲା ଦୁର୍ଗମ ରାଇଘର ବ୍ଲକରୁ ବିଶାଖାପାଟଣାକୁ ଆଜି ଗଡିଲା କ୍ରିଷ୍ଣା ନାମକ ଘରୋଇ ବସ। ଲୋକଙ୍କ ଯେଉଁ ଅସୁବିଧା ଥିଲା ତାହା ଆଜି ପୂରଣ ହେଲା। ବିଗତ କିଛିଦିନ ପୂର୍ବେ ଏକ ସରକାରୀ ବସ ରାଇଘରରୁ ବିଶାଖାପାଟଣା ଚଲାଚଳ କରୁଥିବା ବେଳେ ବସ ପରମିଟ ସରିଯିବାରୁ ବସ ରାଇଘରକୁ ନ ଆସି ନବରଙ୍ଗପୁରରୁ ଚାଲିଲା ଫଳରେ ରାଇଘରବାସୀ ବହୁତ ଅସୁବିଧା ସମ୍ମୁଖୀନ ହେଉଥିଲେ।

ଆଜି କ୍ରିଷ୍ଣା ନାମକ ଏକ ଘରୋଇ ବସ ରାଇଘରରୁ ବିଶାଖାପାଟଣାକୁ ପୁଣି ଗଡ଼ିଛି। ଏହି ଅବସରରେ ରାଇଘର ହନୁମାନ ମନ୍ଦିର ନିକଟରେ ବସ ମାଲିକ ଏବଂ ସ୍ଥାନୀୟ ବାସିନ୍ଦା ପୂଜାପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସାଂସଦଙ୍କ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର



ଯୋଗଦେଇ ଫିତାକାଟି ନଡ଼ିଆ ବାଡେଇ ବସକୁ ଶୁଭାରମ୍ଭ କରିଥିଲେ। ବହୁତ ଦିନ ଧରି ଲୋକଙ୍କ ଅସୁବିଧା ପରେ ଆଜି ପୁଣି ଲୋକଙ୍କ ସୁବିଧା ହେଲା ରାଇଘରରୁ ସିଧାସଳଖ ବିଶାଖାପାଟଣା ଯିବା ପାଇଁ।

ବସ୍‌ଟି ରାଇଘରରୁ ସନ୍ଧ୍ୟା ୬ଟାରୁ ବାହାରି ଉମରକୋଟ, ଡାବୁଗାଁ, ନବରଙ୍ଗପୁର, ଜୟପୁର, କୋରାପୁଟ, ଶିମିଳିଗୁଡା, ସାଲୁର ଏବଂ ବିଜାନାଗ୍ରାମ ଦେଇ ଭୋର ୪ଟା ବେଳେ ପହଂଚିବ ବିଶାଖାପାଟଣା। ପ୍ରାୟ ସାଢେ ୧୦ ଘଣ୍ଟା ସମୟ ଧରି ଏହି ବସ ଯାତ୍ରୀଙ୍କୁ ଯାତ୍ରାସେବା ଯୋଗେଇ ଦେବାର ବ୍ୟବସ୍ଥା ରହିଛି ବୋଲି ବସ ମାଲିକ ପ୍ରକାଶ କରିଛନ୍ତି। ସେହିପରି ବିଶାଖାପାଟଣାରୁ ରାତି ୧୦ଟାରେ ବାହାରି ରାଇଘରରେ ସକାଳ ୬ଟାରେ ପହଂଚିବ। ସମସ୍ତ ଯାତ୍ରୀଙ୍କ ପାଇଁ ଟିକଟ ମୂଲ୍ୟ ୧୦୦୦ ଟଙ୍କା ରହିଛି।

## ସହାୟତାର ହାତ ବଢାଇଲେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ

**ନୀଳଗିରି, ୪।୧ (ସଂଚାର ବ୍ୟୁରୋ) :** ନୀଳଗିରି ଏନଏସି ଅଧିନ ୧୧ ନମ୍ବର ୱାର୍ଡ ବାଣପୁର ଗ୍ରାମରେ ଜୟରାମ ଦଳାଇଙ୍କ ତିନି ବଖରା ଘର ଗୁରୁବାର ରାତ୍ରୀରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯିବା ସହ ସମସ୍ତ ମୂଲ୍ୟବାନ ଜିନିଷ ନଷ୍ଟ ହୋଇଯାଇଛି। ପରିବାର ବର୍ଗ ଏବଂ ଗାଁ ଲୋକଙ୍କ ଠାରୁ ସୂଚନା ପାଇ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନୀଳଗିରି ଏନଏସିର ଭାରପ୍ରାପ୍ତ ନଗରପାଳ ମହେନ୍ଦ୍ର ବେହେରା, ସ୍ଥାନୀୟ କାଉନସିଲର ସୁଲଚନା ଖଟୁଆ ପ୍ରମୁଖ ଦୁଃଖ ସମୟରେ ଅଗ୍ନି ବିପନ୍ନ ଜୟରାମଙ୍କୁ ଭେଟି ସମବେଦନା ଜଣାଇ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।



## ରାସ୍ତା ନିର୍ମାଣର ଶିଳାନ୍ୟାସ କଲେ ସାଂସଦ ଓ ବିଧାୟକ



**କଣାସ, ୪।୧ (ସଂଚାର ବ୍ୟୁରୋ) :** ଆଜି ପୁରୀ ସାଂସଦ ଡଃ ସମ୍ବିତ୍ ପାତ୍ର ଏବଂ ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ର କଣାସ ବ୍ଲକର ଦୁଇଟି ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାଶ କରିଥିବା ଜଣାପଡ଼ିଛି। ନିରାକାରପୁର ବଜାର ଠାରୁ ଅଡାଲ, ଗୋପିନାଥପୁର ଦେଇ କରମଳାକୁ ସଂଯୋଗ କରୁଥିବା ରାସ୍ତାକୁ ଗଡ଼ଖାରଦା ଠାରେ ସାଂସଦ ଓ ବିଧାୟକ ଶିଳାନ୍ୟାଶ କରିଥିବା ବେଳେ ଦ୍ୱିତୀୟ ରାସ୍ତା କଣାସ ଠାରୁ ନାନାକେରା ଶିମିଳିପାଟଣା ଦେଇ ଗଡ଼ସାନପୁଟକୁ ସଂଯୋଗ କରୁଥିବା ରାସ୍ତାର ଗଡ଼ସାନପୁଟ ଠାରେ ନିର୍ମାଣ ପାଇଁ ଶିଳାନ୍ୟାଶ କରିଛନ୍ତି। ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବାରୁ ସମସ୍ତ ଉଚ୍ଚ ଅଧିକାରୀ, ରାସ୍ତା ନିର୍ମାଣ କରୁଥିବା ଠିକାଦାର ଏବଂ ସରପଞ୍ଚ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ।

## ୨୬ରୁ ରାଜ୍ୟସ୍ତରୀୟ ଶାରଳା କପ୍ କ୍ରିକେଟ

**କାକଟପୁର/ଅସ୍ତରଙ୍ଗ, ୪।୧ (ସଂଚାର ବ୍ୟୁରୋ) :** ଆସନ୍ତା ଜାନୁୟାରୀ ୨୬ରୁ ଆରମ୍ଭ ହେବାକୁ ଯାଉଛି ଶାରଳା ସ୍ପୋର୍ଟିଂ ତରଫରୁ ୩୨ତମ ଶାରଳା କପ୍। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପଛପଡିଆ ନରେନ୍ଦ୍ର ଷ୍ଟାଡିୟମରେ ଜାନୁୟାରୀ ୨୬ତାରିଖରୁ ଶାରଳା ସ୍ପୋର୍ଟିଂ ଆନୁକୂଲ୍ୟରେ ୩୨ତମ ରାଜ୍ୟ ସ୍ତରୀୟ ଶାରଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଶନିବାର ଅପରାହ୍ନରେ ଆୟୋଜନ କ୍ଲବ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ନରେନ୍ଦ୍ର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିଲା। ଜାନୁୟାରୀ ୨୬ରୁ ଉକ୍ତ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇ ଫେବୃଆରୀ ୨ତାରିଖରେ ଉଦ୍‌ଯାପନ ହେବ ବୋଲି କ୍ଲବର ସଭାପତି ଯୁଗଳ କିଶୋର ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେବାକୁ ଥିବା ବେଳେ ଚମ୍ପିୟାନ ଦଳକୁ ଶାରଳା କପ୍ ସହ ୩୨ ହଜାର ୨ଶହ ୨୨ଟଙ୍କା ଏବଂ ରନର୍ସ ଦଳକୁ କପ୍ ସହ ୨୨ ହଜାର ୨ଶହ ୨୨ଟଙ୍କା ପୁରସ୍କୃତ ଦିଆଯିବାକୁ ଆୟୋଜନ କ୍ଲବ ପକ୍ଷରୁ ଘୋଷଣା କରାଯାଇଛି।



## ଘରୋଇ ଜମିରେ ସରକାରୀ ଅର୍ଥ ବିନିଯୋଗ ଅଭିଯୋଗ

**କୁଜଙ୍ଗ, ୪।୧ (ସଂଚାର ବ୍ୟୁରୋ) :** କୁଜଙ୍ଗ ଥାନା ଜିଲ୍ଲାନାସୀ ପଞ୍ଚାୟତର ଜିଲ୍ଲାନାସୀର ପଡ଼ାଗ୍ରାମ ନୂଆସାହୀ ଠାରେ ଜନୈକ ବ୍ୟକ୍ତିଙ୍କ ବ୍ୟକ୍ତିଗତଜମିରେ ସରକାରୀ ଅର୍ଥ ବିନିଯୋଗରେ କାର୍ଯ୍ୟ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ବ୍ୟକ୍ତି କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ସହିତ ଏହି କାର୍ଯ୍ୟକୁ ବନ୍ଦ ରଖିବାକୁ ଲିଖିତ ଭାବେ ନିବେଦନ କରିଛନ୍ତି। ମାତ୍ର ଏହାସତ୍ତ୍ୱେ ଆଜି ଏହି କାର୍ଯ୍ୟକୁ କିଛି ବ୍ୟକ୍ତି କରିଥିବାରୁ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ଘଟଣାରୁ ପ୍ରକାଶଯେ, ନୂଆସାହୀ ଗ୍ରାମରେ ବିଧାୟକ ଅଞ୍ଚଳିକ ଉନ୍ନୟନ ପାଣ୍ଠିରେ ସ୍ଥାନୀୟ ମନ୍ଦିର ଚଟାଣ କଂକ୍ରିଟ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ୪ଲକ୍ଷ ୫୦ ହଜାର



ଟଙ୍କା ବିନିଯୋଗରେ ଏହି କାର୍ଯ୍ୟକୁ କରାଯିବାକୁ ନେଇ ପୂର୍ବରୁ ବିବାଦ ଲାଗି ରହିଥିଲା। ତେବେ ଅଭିଯୋଗକାରୀ ଗୁଣନିଧି ସାହୁଙ୍କ ନିଜସ୍ୱ ଜମିରେ ଏହି କାର୍ଯ୍ୟ ହେଉଥିବାରୁ ସେ ଏହାକୁ ବିରୋଧ କରିଥିଲେ। ତାଙ୍କୁ ସମର୍ଥନ ଜଣାଇ ଗ୍ରାମର ବହୁବ୍ୟକ୍ତି ମଧ୍ୟ ଲିଖିତ ଅଭିଯୋଗ ପତ୍ରରେ ଦସ୍ତଖତ କରିଥିଲେ।

ତେବେ ଆଜି ଏହି କାର୍ଯ୍ୟକୁ ବଳପୂର୍ବକ ଭାବେ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ କରାଯାଇଥିବା ଗୁଣନିଧିଙ୍କ ସମେତ ବିଚିତ୍ରାନନ୍ଦ ମହାନ୍ତି, ବିବେକାନନ୍ଦ ସାମନ୍ତରାୟ, ଅରକ୍ଷିତ ବିଶ୍ୱାଳ, ରାଜନ ମହାନ୍ତି, ପ୍ରତିମା ମହାନ୍ତି, ରେବତୀ ଦେଈ, ବାବୁଲି ସ୍ୱାଇଁ, ଜପହରୀ ସ୍ୱାଇଁ, ରୋହିତ ପ୍ରଧାନ, ରଶ୍ମୀତା ମହାନ୍ତି, ସୁନିଲ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକଙ୍କୁ ପଚାରିବାରୁ ସେହି କାର୍ଯ୍ୟ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ମାତ୍ର ପରେ ସମାଧାନ ହୋଇଥିଲା ବୋଲି କହିଥିଲେ।

## ଅଲଣାହାଟ ହାଇସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ



**ନାଉଗାଁ, ୪।୧ (ସଂଚାର ବ୍ୟୁରୋ) :** ସର୍ବପୁରାତନ ଅଲଣାହାଟ ହାଇସ୍କୁଲରେ ଗତ ମାସ ୧୯ ଓ ୨୦ ତାରିଖରେ ଦୁଇଦିନ ବ୍ୟାପି ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡା ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି । ଗତମାସ ୧୯ ତାରିଖରେ କ୍ରୀଡା ଶିକ୍ଷକ ଅଭିଜିତ ପରିଡାଙ୍କ ତତ୍ତ୍ୱବଧାନରେ ଆୟୋଜିତ କ୍ରୀଡାଉତ୍ସବକୁ ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ପାଢ଼ୀ ଛାତ୍ରଛାତ୍ରୀ ମାନଙ୍କ ସମାବେଶରେ କ୍ରୀଡ଼ା ପତାକା ଉତ୍ତୋଳନ, ମଶାଲ ପ୍ରଜ୍ୱଳନ ଓ ଶପଥପାଠ ସହିତ ଉଦ୍‌ଘାଟନ କରିଥିଲେ । ଛାତ୍ରଛାତ୍ରୀମାନେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ୧୦୦ମି, ୨୦୦ମି, ୪୦୦ମି, ୧୫୦୦ମି ଦୌଡ଼, ଗୋଳା ଫିଙ୍ଗା, ଭଲିବଲ , ଡିସକସ ଥ୍ରୋ, ଲମ୍ବାଡିଆଁ, ଦୌଡ଼ି ଡିଆଁ, ଟ୍ରିପଲ ରେସ ଅଖା ଦୌଡ଼, ସ୍ଲୋ ସାଇକଲିଙ୍ଗ ରେସ, ଗଣିତ ଦୌଡ଼, ମ୍ୟୁଜିକ ଚେୟାର, ରିଲେ ରେସ, ଏକକ ଅଭିନୟ ଏବଂ ହାଉସ ଭିତରେ ଟଗ ଅଫ ୱାର ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ଶିକ୍ଷୟତ୍ରୀମାନେ ବିଭିନ୍ନ ବିଭାଗରେ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ବାର୍ଷିକ କ୍ରୀଡା ଉତ୍ସବରେ ପ୍ରାୟତଃ ୪୦୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ପ୍ରତ୍ୟକ ଖେଳରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ କ୍ରୀଡ଼ାବିତ୍‌ଙ୍କୁ ପ୍ରଧାନଶିକ୍ଷକ ଓ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଗାର୍ଡୱାଲକୁ ଧକ୍କା ଦେଇ ଦୁଇ ଯୁବକ ମୃତ

**ନୟାଗଡ଼, ୪।୧ (ସଂଚାର ବ୍ୟୁରୋ):** ଗାର୍ଡୱାଲକୁ ଧକ୍କା ଦେଇ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି । ମୃତ ଦୁଇ ଜଣ ଯୁବକ ହେଲେ ସ୍ୱାଧୀନ ଜେନା (୨୭), ପବିତ୍ର ଦଳେଇ (୨୫)। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା କୁହୁଡି ଦଳବେହେରା ସାହିର ସ୍ୱାଧୀନ ଜେନା, ପବିତ୍ର ଦଳେଇ ଓ କନ୍ଧନୟାଗଡ଼ର ପପୁ ଜେନା ଗୋଟିଏ ମଟର ସାଇକେଲରେ ଏହି ୩ ଜଣ ଯୁବକ ଚାନ୍ଦପୁର ଅଭିମୁଖେ ଆସୁଥିବା ବେଳେ ଚାନ୍ଦପୁର ବାଇପାସ ନିକଟରେ ଭାରସାମ୍ୟ ହରାଇ ସାଇଟ ୱାଲକୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ କୁହୁଡିର ଦୁଇ ଯୁବକ ସ୍ୱାଧୀନ ଓ ପବିତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ କନ୍ଧନୟାଗଡ଼ ଗ୍ରାମର ପପୁ ଜେନା ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଯୋଗେ ଚାନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଖବର ପାଇ ଘଟଣାସ୍ଥଳରେ ଚାନ୍ଦପୁର ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ମଟରସାଇକେଲକୁ ଜବତ କରିବା ସହ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।



# ଡ଼ାଳୁଅ ଧାନ ଚାଷୀଙ୍କୁ ଗଜା ମରୁଡି ଚିନ୍ତା

**ଦଶରଥପୁର, ୪।୧ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଅଧୀନ କୟାଁ, କମାରଡ଼ିହି, ଖାନନଗର, ନିଜାମପୁର, ଦତ୍ତପୁର, ଥାଲକୁଡ଼ି, ଦୁଦୁରାଅନ୍ତା ଓ ବିରିପଟା ଆଦି ପଞ୍ଚାୟତ ଗୁଡିକ ବନ୍ୟା ପ୍ଲାବିତ ପଞ୍ଚାୟତ ହୋଇଥିବାରୁ ଏହି ପଞ୍ଚାୟତ ଗୁଡିକରେ ଶାରଦ ଧାନ ଚାଷ ହୋଇନଥାଏ। ଏହି ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ଡ଼ାଳୁଅ (ଟାଇଚୀନ) ଚାଷ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି। ବର୍ତ୍ତମାନ ଡ଼ାଳୁଅ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅଛରା ଓ ରୁଆ ପୋତା କାର୍ଯ୍ୟ ଆରମ୍ଭ ହୋଇଛି। ଶାରଦ ଧାନ ଚାଷ ତୁଳନାରେ ଡ଼ାଳୁଅ ଚାଷ ଏକ ବ୍ୟୟ ବହୁଳ ଚାଷ ହୋଇଥିବାରୁ ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ଘରୋଇ ମହାଜନମାନଙ୍କ ଉପରେ ନିର୍ଭର କରିଥାନ୍ତି। ମହାଜନ ମାନଙ୍କ ଠାରୁ ବିହନ,ସାର, ବିଷ ଓ ଆବଶ୍ୟକତା ଅନୁଯାଇ ଟଙ୍କା ଆଣି ଏହି ଅଞ୍ଚଳର

> **କ୍ଷେତ୍ର ପରିଦର୍ଶନେ କରୁନାହାନ୍ତି କୃଷି ଅଧିକାରୀ**
> **ଚାଷୀ ମହଲରେ ଅସନ୍ତୋଷ**
> **ସରକାରୀ ସହାୟତା ଦାବି**

ଚାଷୀମାନେ ଡ଼ାଳୁଅ ଚାଷ କାର୍ଯ୍ୟ କରିଥାନ୍ତି। ମାତ୍ର ଅଛରା ସମୟରେ ଯେଉଁ ପରିମାଣରେ ବିହନ ଚାଷୀମାନେ ଚାଷ କ୍ଷେତରେ ପକାଉଛନ୍ତି ସେହି ପରିମାଣରେ ଧାନ ଗଛ ଉଠୁ ନଥିବାରୁ ଚାଷୀମାନେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଯାହାକୁ ନେଇ ଏବେ ଏହି



ଅଞ୍ଚଳର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ବିହନ ଗଜା ମରୁଡି ହେବା ଫଳରେ ଚଳିତବର୍ଷ ଡ଼ାଳୁଅ ଚାଷୀମାନେ ବହୁ ପରିମାଣରେ କ୍ଷତି ଗ୍ରସ୍ତ ହେବେ ବୋଲି କୃଷକ ନେତାମାନେ ଅଭିଯୋଗ କରିଛନ୍ତି। କେଉଁ କାରଣରୁ ବିହନ ଗଜା ମରୁଛି ତାହା ସ୍ପଷ୍ଟ ଜଣା ପଡ଼ିନଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୃଷି ବିଭାଗର କୌଣସି ଅଧିକାରୀ ତଦନ୍ତରେ ଆସିନଥିବାରୁ ଚାଷୀ ମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଭାବେ ଗଜା ମରୁଡି ହେଲେ ଅନେକ ଚାଷୀ ମହାଜନ ଠାରୁ ଆଣିଥିବା ବାକି ସୁଝି ନପାରି ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଜଣା ପଡିଛି। ତେଣୁ କୃଷି ବିଭାଗ ପକ୍ଷରୁ ତଦନ୍ତ କରାଯାଇ କେଉଁ କାରଣରୁ ଗଜା ମରୁଡି ହେଉଛି ତାହା ସ୍ପଷ୍ଟ କରିବା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଖୁବ ଶୀଘ୍ର ସରକାରୀ ସହାୟତା ଯୋଗେଇ ଦେବାକୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି।

# ଦୁର୍ଘଟଣା କମାଇବାକୁ ଲାଗିବ ସ୍ମାର୍ଟ ଡିଭାଇସ୍

- ସୁରକ୍ଷିତ ଘରକୁ ଫେରନ୍ତୁ, ନାରା ଦେଲେ ମୋହନ
- ସୃଷ୍ଟି ହେବ ଦୁଇ ହଜାର ଟ୍ରାଫିକ୍ ପୋଲିସ୍ ପଦବୀ
- ଚଳିତ ବର୍ଷ ୫୦୦ ଟ୍ରାଫିକ୍ ପୋଲିସ୍ ନିଯୁକ୍ତି ପାଇବେ



**ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):** ସୁରକ୍ଷିତ ଘରକୁ ଫେରନ୍ତୁ, "କମ ହୋମ୍ ସେଫ୍" । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ସଡ଼କ ସୁରକ୍ଷା ମାସର ରାଜ୍ୟସ୍ତରୀୟ ଉତ୍ସବ ଉଦଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ସ୍ଲୋଗାନ ଦେଇଛନ୍ତି । ଏଥିସହିତ ଦୁର୍ଘଟଣା କମାଇବାକୁ ସବୁ ଗାଡିରେ ଲାଗିବ ସ୍ମାର୍ଟ ଡିଭାଇସ। ମଦ ପିଇ ଗାଡି ଚଳାଇଲେ ବାଜିବ ସାଇରନ। ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଘୋଷଣା କରିଛନ୍ତି।

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷାକୁ ଏକ ଜନ ଅଭିଯାନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ସଡ଼କ ସୁରକ୍ଷାର ନିୟମ ପାଳନ କରି ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି । ସଚେତନତା କାର୍ଯ୍ୟକ୍ରମକୁ ପ୍ରଭାବୀ କରିବାକୁ ମାଷ୍ଟରକ୍ୟାଣ୍ଟିନ ଛକରୁ ଶ୍ରୀରାମ ମନ୍ଦିର ଯାଏଁ ପଦଯାତ୍ରା କରିଛନ୍ତି ମୁଖ୍ୟମନ୍ତ୍ରୀ ।

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ଜାନୁଆରୀ ମାସ ବ୍ୟାପୀ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଯାନ ଚାଳକ, ଏନସିସି କ୍ୟାଡେଟ୍ ଓ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଶପଥ ପାଠ କରାଇଥିଲେ । କିଭଳି ସମସ୍ତ ନିୟମ ମାନି ସୁରକ୍ଷିତ ଯାତ୍ରା କରିବା ଏବଂ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ପ୍ରତି ଦାୟିତ୍ୱବାନ ହେବା ସେ ସଂପର୍କରେ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା ପାଇଁ ସେ ପରାମର୍ଶ ଦେଇଥିଲେ । ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବାକୁ ମୁଖ୍ୟମନ୍ତ୍ରୀ ସଭାସ୍ଥଳରୁ ଶ୍ରୀରାମ ମନ୍ଦିର ଯାଏଁ ଅନ୍ୟ ଅତିଥିମାନଙ୍କ ସହ ପଦଯାତ୍ରା କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ବିଗତ ୧୦ ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୪୭ ହଜାରରୁ ଅଧିକ ଜୀବନ ଯାଇଛି । ଏହା ଅତ୍ୟନ୍ତ ଚିନ୍ତାଜନକ। ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା କମ୍ କରିବାକୁ ସମସ୍ତଙ୍କୁ ଉଦ୍ୟମ କରିବାକୁ ହେବ । ସମୟ ଆସିଯାଇଛି, ସଡ଼କ ସୁରକ୍ଷାକୁ ଜନ ଅଭିଯାନରେ ପରିଣତ କରିବାକୁ ହେବ ।"ସୁରକ୍ଷିତ ଘରକୁ ଫେରନ୍ତୁ" ନାରା ସହ ସମସ୍ତଙ୍କୁ ସଡ଼କ ସୁରକ୍ଷା ନିୟମ ମାନି ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ସେ ନିବେଦନ କରିଥିଲେ । ଏହି ସଚେତନତା ବାର୍ତ୍ତାକୁ ପ୍ରତି ସହର, ପ୍ରତି ଗାଁ ଓ ଘରେ ଘରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ଅଭିଯାନରେ ସମାଜର ସବୁ ବର୍ଗର ବ୍ୟକ୍ତି, ଅନୁଷ୍ଠାନ, ସଂଗଠନ ଯୋଡ଼ି ହେବାକୁ ସେ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ସଡକ ସୁରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ଦୁଇ ହଜାର ନୂତନ ଟ୍ରାଫିକ୍ ପୋଲିସ୍ ପଦବୀ ସୃଷ୍ଟି କରାଯିବା ସହିତ ଚଳିତ ବର୍ଷ ୫୦୦ ଟ୍ରାଫିକ୍ ପୋଲିସ୍ ପଦବୀ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏଥି ସହିତ ଜନସାଧାରଣଙ୍କୁ ସୁଲଭ ଓ ସୁବିଧା ଜନକ ଯାତ୍ରା ପ୍ରଦାନ ଉଦ୍ଦେଶ୍ୟରେ 'ଓଡ଼ିଶା ଯାତ୍ରୀ ଆପ୍' ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। ଏହି ଆପ୍ ମାଧ୍ୟମରେ ଜନସାଧାରଣ ଗୋଟିଏ କ୍ଲିକରେ ନିଜର ଗନ୍ତବ୍ୟ ସ୍ଥଳ ପାଇଁ ସହଜରେ ଅଟୋ ଓ ଟ୍ୟାକ୍ସି ପାଇପାରିବେ । ଏହି ବ୍ୟବସ୍ଥା ଉଭୟ ଚାଳକ ଓ ଯାତ୍ରୀଙ୍କ ପାଇଁ ଲାଭଦାୟକ।



ଫଟୋ: ଚନ୍ଦ୍ରଶେଖର

# ୧୦ ଡିଗ୍ରୀ ତଳେ ୯ ସହର

**ଭୁବନେଶ୍ୱର,୪।୧(ସଂଚାର ବ୍ୟୁରୋ):** ପଶ୍ଚିମା ଝଡ଼ ପ୍ରଭାବରେ, ବର୍ତ୍ତମାନ ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ୯ ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଫୁଲବାଣୀରେ ସବୁଠୁ ଅଧିକ ଥଣ୍ଡା ଅନୁଭୂତ ହୋଇଥିବା ବେଳେ ଏଠାରେ ତାପମାତ୍ରା ୭.୫ ଡିଗ୍ରୀ ରହିଛି। ସେହିପରି ରାଉରକେଲାରେ ୮.୭, କୋରାପୁଟ ୮.୮, ଝାରସୁଗୁଡ଼ା ଓ ଅନୁଗୁଳ ୯, ଦାରିଙ୍ଗବାଡ଼ି ୯.୫, ଭବାନୀପାଟଣା ୯.୯, କେନ୍ଦୁଝର ୧୦.୪, ହୀରାକୁଦ ୧୧.୬, ସମ୍ବଲପୁର ୧୧.୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୪ ତାରିଖ ରୁ ଦେଶର ଉତ୍ତର-ପଶ୍ଚିମ ଭାଗରେ ସକ୍ରିୟ ହେବାକୁ ଥିବା ପଶ୍ଚିମା ଝଡ଼ ପ୍ରଭାବରେ, ବର୍ତ୍ତମାନ ରାଜ୍ୟ ମଧ୍ୟକୁ ପ୍ରବେଶ କରୁଥିବା ଉତ୍ତର/ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁ ପ୍ରବାହ ଦୁର୍ବଳ ହେବା ସହ, ପୂର୍ବଦିଗରୁ ଉଷ୍ମ ଜଳୀୟବାଷ୍ପ ପୂର୍ଣ ବାୟୁ ପ୍ରବାହର ପ୍ରାଧାନ୍ୟ ବୃଦ୍ଧି ପାଉଥିବାରୁ ୫ ତାରିଖ ପରଠାରୁ ରାତ୍ରି ତାପମାତ୍ରା ବୃଦ୍ଧି ସହ ଶୀତର ପ୍ରଭାବ କମିବା ସମ୍ଭାବନା ରହିଛି।

## ସିକ୍ୟୁରିଟି ଗାର୍ଡଙ୍କୁ ବାନ୍ଧି ଶୋ' ରୁମ୍ ଲୁଟିଲେ




**ରାଉରକେଲା,୪।୧ (ସଂଚାର ବ୍ୟୁରୋ):** ରାଉରକେଲା ବେଦବ୍ୟାସ ଅଞ୍ଚଳର ଥିବା ଏକ କାର୍ ଶୋ' ରୁମରୁ ହୋଇଛି ସଶସ୍ତ୍ର ଡକାୟତି। ସିକ୍ୟୁରିଟି ଗାର୍ଡଙ୍କ ହାତଗୋଡ଼ ବାନ୍ଧି ଲୁଟ କରିଛନ୍ତି ୩ ମୁଖାପିନ୍ଧା ଦୁର୍ବୃତ୍ତ। ବିଳମ୍ବିତ ରାତିରେ ଏହି ଡକାୟତି ହୋଇଛି। ତିନି ଜଣ ଦୁର୍ବୃତ୍ତ ସିକ୍ୟୁରିଟି ଗାର୍ଡଙ୍କୁ ଧମକ ଚମକ ଦେବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ। ଏହାପରେ ଶୋ' ରୁମରେ ଥିବା କ୍ୟାସ୍ ବକ୍ସକୁ ଲୁଟି ନେଇଛନ୍ତି ଡକାୟତ। ଏନେଇ ଶୋ ରୁମ୍ ମାଲିକ ଅଭିଯୋଗ କରିଛନ୍ତି। କ୍ୟାସ୍ ବକ୍ସରେ ଲକ୍ଷାଧିକ ଟଙ୍କା ଥିବା କୁହାଯାଉଛି। କେବଳ ସେତିକି ନୁହେଁ କ୍ୟାସ୍ ବାକ୍ସରେ ଅନେକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ସହ କ୍ରେଡିଟ୍ କାର୍ଡ ମଧ୍ୟ ଥିବା ଶୋ' ରୁମ୍ ମାଲିକ କହିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଲୁଟ ବେଳର ଚିତ୍ର ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସିସିଟିଭି ଫୁଟେଜ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

## ମାଆ ଚାକିରି ଗଲା ବୋଲି ଗାଡ଼ିରେ ନିଆଁ ଲଗାଇଦେଲା ପୁଅ



**ଫୁଲବାଣୀ,୪।୧ (ସଂଚାର ବ୍ୟୁରୋ):** ମାଆକୁ ଚାକିରିରୁ ବାହାର କରିଦେଲେ ବୋଲି ସର୍କିଟ୍ ହାଉସ୍‌ରେ ଥିବା ଗାଡ଼ିରେ ନିଆଁ ଲଗାଇଦେଲା ପୁଅ । ଯେଉଁଥିପାଇଁ ବିଧାୟକଙ୍କ ପିଏସ୍‌ଓଙ୍କ ସମେତ ଅନ୍ୟ ଜଣଙ୍କ ଗାଡ଼ି ପୋଡ଼ିଗଲା। ଆଜି ଏହି ଘଟଣାରେ ପର୍ଦ୍ଦାଫାସ କରିଛି କନ୍ଧମାଳ ପୁଲିସ୍। ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। କେନ୍ଦୁପତ୍ର ଫରେଷ୍ଟର ଭାବେ କାର୍ଯ୍ୟ କରନ୍ତି ସୁଜିତ କୁମାର ବେହେରା। ତାଙ୍କ ମାଆ ସର୍କିଟ୍ ହାଉସ୍‌ରେ ସୁଇପର ଭାବେ କାମ କରୁଥିଲେ। କିଛି ମାସ ତଳେ କୌଣସି କାରଣରୁ ତାଙ୍କୁ ସର୍କିଟ ହାଉସରୁ ବାହାର କରିଦିଆଯାଇଥିଲା। ଯେଉଁଥିପାଇଁ ସେମାନଙ୍କୁ କ୍ୱାର୍ଟର୍ସ ଛାଡ଼ିବାକୁ ପଡ଼ିଥିଲା। ଯାହାକୁ ନେଇ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ ସୁଜିତ। ଆଉ ୨୬ ତାରିଖ ବିଳମ୍ବିତ ରାତିରେ ସର୍କିଟ ହାଉସ୍ କର୍ମଚାରୀ କୃପାସିନ୍ଧୁ ମାଝୀଙ୍କ ସ୍କୁଟିରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ସ୍କୁଟି ପାଖରେ ଛିଡ଼ା ହୋଇଥିବା ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକଙ୍କ PSO ବନମାଳୀ ନାୟକଙ୍କ ପଲସର ବାଇକ ମଧ୍ୟ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଏନେଇ ଅଭିଯୋଗ ହେବା ପରେ କନ୍ଧମାଳ ଏସ୍‌ପି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଏଥିରେ ସୁଜିତଙ୍କ ହାତ ଥିବା ଜଣାପଡ଼ିଥିଲା। ତାଙ୍କ ପାଖରେ ପହଞ୍ଚିବା ପୂର୍ବରୁ ସେ ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ସେହି ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତ ଫରେଷ୍ଟରଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଫୁଲବାଣୀ ଟାଉନ ଥାନା ଅଞ୍ଚଳରୁ ଗିରଫ କରିଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଡିସିନାଲ୍ ଏସ୍‌ପି କହିଛନ୍ତି।

## ୬ରୁ ସାତକୋଶିଆ ବନ୍ଦ



**ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):** କାଲିଠୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ସାତକୋଶିଆ। ୬ ତାରିଖରୁ କୁମ୍ଭୀର ଗଣନା ଆରମ୍ଭ ହେବାକୁ ଥିବାରୁ ଉଭୟ ପର୍ଯ୍ୟଟକ ଓ ମତ୍ସ୍ୟଜୀବୀଙ୍କୁ ସାତକୋଶିଆ ମନା ରହିଛି। ୬, ୭ ଏବଂ ୮ ତାରିଖ ୩ ଧରି ସାତକୋଶିଆରେ କୁମ୍ଭୀର ଗଣନା ହେବ। ସେହିପରି ପକ୍ଷୀ ଗଣନା ପାଇଁ ୧୭ ଓ ୧୮ ତାରିଖ ମହାନଦୀରେ ବୋଟିଂ ବନ୍ଦ ରହିବ ବୋଲି ବନବିଭାଗ କହିଛି। ମହାନଦୀ ଗଣ୍ଡରେ ୨୩ କିମି ଯାଏ ଗଣନା କରାଯିବାର କାର୍ଯ୍ୟକ୍ରମ ଥିବା ବେଳେ, ବନବିଭାଗର ୧୪ଟି ଦଳରେ ମୋଟ ୭୦ଜଣ କର୍ମଚାରୀ ନିୟୋଜିତ ରହିବେ। ଏଥିପାଇଁ ବନବିଭାଗ ପକ୍ଷରୁ ଦେଶୀଡଙ୍ଗାର ବ୍ୟବସ୍ଥା କରାଯାଇଥିବା ବନଖଣ୍ଡ ଅଧିକାରୀ କହିଛନ୍ତି। ସୂଚାରୁରୂପେ ବିନା ବାଧାବିଘ୍ନରେ ଗଣନା କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି କର୍ତ୍ତୃପକ୍ଷ। ସେହିପରି ୧୪ରୁ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ ରହିବ। କୁମ୍ଭୀର ଗଣନା ପାଇଁ ୧୪ରୁ ୨୧ ଯାଏଁ ବନ୍ଦ ରହିବ ଭିତରକନିକା। ପ୍ରଥମ କରି ଭିତରକନିକା ବାହାର ନଦୀନାଳରେ ମଧ୍ୟ ଗଣନା ହେବ ବୋଲି ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ସୂଚନା ଦେଇଛନ୍ତି।

## ପ୍ରବାସୀ ଭାରତୀୟଙ୍କ ପାଇଁ ଓଡ଼ିଆ ଖାଦ୍ୟ : ପ୍ରଭାତୀ




**ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଜନତା ମୈଦାନରେ ଅନୁଷ୍ଠିତ ହେବ ତିନି ଦିନିଆ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ। ଆସନ୍ତା ୮ରୁ ୧୦ ଯାଏ ଏହି ସମ୍ମିଳନୀ ଚାଲିବ। ଏଥିପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ପର୍ଯ୍ୟଟନ ବିଭାଗ ବି ଏଥିଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ। ରାଜ୍ୟ ସରକାରଙ୍କ ସବୁ ବିଭାଗ ସହଯୋଗରେ ଚାଲିଛି ପ୍ରସ୍ତୁତି। ଏ ନେଇ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି।

ସମ୍ମିଳନୀ ସମୟରେ ଭୁବନେଶ୍ୱରରେ ପଥ ଉତ୍ସବ ଚାଲିବ। ପୁରୀରେ ସିବିବ୍ ଫେଷ୍ଟିଭାଲ ଚାଲିବ। ରାଜ୍ୟର କଳା ସଂସ୍କୃତି ସମେତ ୩୧ଟି ପର୍ଯ୍ୟଟନ ସ୍ଥଳୀକୁ ପ୍ରଦର୍ଶିତ କରାଯିବ। ବୁଦ୍ଧିଷ୍ଟ କରିଡ଼ର ହେଉ ବା ସ୍ପିରିଚୁଆଲ ଟୁରିଜିମ୍ ସବୁ କିଛି ବ୍ୟବସ୍ଥା ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରବାସୀ ଭାରତୀୟଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲାଇ ଦେଖାଯିବ। ଏଥିପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ କହି ପାରୁଥିବା ଗାଇଡ୍ ରହିବେ। ଯେଉଁ ହୋଟେଲରେ ପ୍ରବାସୀ ଭାରତୀୟ ରହିବେ, ସେସବୁ ହୋଟେଲର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ସେଠାରୁ ବିଭିନ୍ନ ସ୍ଥାନକୁ କିଭଳି ଡବଲ ଡେକର ଗାଡ଼ିରେ ବୁଲିପାରିବେ ଅତିଥି, ତାହା ମଧ୍ୟ ସୁନିଶ୍ଚିତ କରାଯାଇଛି।

ଅଢ଼େଇ ହଜାର ପ୍ରବାସୀ ଭାରତୀୟ ଓଡ଼ିଶା ଆସିବା ପାଇଁ ପଞ୍ଜିକରଣ କରି ସାରିଛନ୍ତି। ଆଉ କିଛି ପ୍ରବାସୀ ଭାରତୀୟ ଓଡ଼ିଆ ଲୋକଙ୍କ ଘରେ ହୋମ ଷ୍ଟେ' ରେ ରହିବେ। ଓଡ଼ିଆ ଘରର ଖାଦ୍ୟ ଖାଇବେ। ଓଡ଼ିଶାର ଖାଦ୍ୟ ପ୍ରଣାଳୀ, ଓଡ଼ିଶାର ଆତିଥେୟତା ବିଶ୍ୱ ଦରବାରରେ ଦେଖାଇବାର ଆମ ପାଇଁ ବଡ଼ ସୁଯୋଗ ଆସିଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

## ମହନ୍ତଙ୍କ ମାଲିକାନାକୁ ଫେରିବ ମଠ ପରିଚାଳନା

- ପୂର୍ବ ସରକାର ମଠ ସଂସ୍କୃତିକୁ ଅପମାନିତ କରିଛନ୍ତି: ଆଇନମନ୍ତ୍ରୀ
- ଶ୍ରୀମନ୍ଦିରରେ ଖୁବଶୀଘ୍ର ଧାଡି ଦର୍ଶନ

**ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପରିଚାଳନା କମିଟି ନୁହେଁ ବରଂ ମହନ୍ତଙ୍କ ପାଖକୁ ଫେରିବ ମଠର ପରିଚାଳନାଗତ କ୍ଷମତା। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ବିଭିନ୍ନ ମଠ



ମହନ୍ତମାନେ ଆଜି ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ମଠଗୁଡିକୁ ସେମାନଙ୍କୁ ସେମାନଙ୍କର ପରିଚାଳନା କ୍ଷମତା ପ୍ରଦାନ ନେଇ ନିଜେ ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହାକୁ ମଠାଧୀଶମାନେ ସ୍ୱାଗତ କରିଛନ୍ତି । ମନ୍ତ୍ରୀ କହିଛନ୍ତି,"ପୂର୍ବ ସରକାର ମଠଗୁଡ଼ିକର ଏକ ଅପମାନିତ ସ୍ଥିତିରେ ରଖିଥିଲା। ୨୪ ବର୍ଷରେ ଗତ ସରକାର ସେମାନଙ୍କ ଅଭିଯୋଗ ଶୁଣି ନଥିଲେ । ମଠ ସଂସ୍କୃତି ବଞ୍ଚାଇ ରଖିବା ଏବଂ ତାକୁ ସମ୍ମାନ ଦେବା ଓଡ଼ିଆ ଜାତିର ପରମ୍ପରା। ମଠର ଅଧିକାର ଏବଂ ନୀତିନିୟମ ଯେମିତି ଥିଲା, ସେମିତି ରହିବ । ବୈଠକରେ ଦେବୋତ୍ତୋର କମିଶନ, ଆଇନ ସଚିବ ମଧ୍ୟ ଉପସ୍ଥିତ ଥିଲେ । ୩୦ ବର୍ଷ ହେବ ମଠ ବିଜେ ସ୍ଥଳୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ନାଁରେ ହୋଇଯାଇଛି । କିନ୍ତୁ ମଠ ପାଇଁ ଦେବୋତ୍ତୋର ନିୟମ ଏବଂ ମନ୍ଦିର ପାଇଁ ଅଲଗା ଅଧିନିୟମ ଅଛି । ତେଣୁ ଶୀଘ୍ର ମଠ ପରିଚାଳନା ମଠକୁ ଫେରାଇବାକୁ ଦାବି କରିଛନ୍ତି ମହନ୍ତ । ଏହା ଉପରେ ବହୁତ ଶୀଘ୍ର ସରକାର ନିଷ୍ପତ୍ତି ନେବେ ।" ମନ୍ତ୍ରୀ କହିଛନ୍ତି,"ଶ୍ରୀମନ୍ଦିରର ଧାଡ଼ି ବ୍ୟବସ୍ଥାରେ ଦର୍ଶନ ଶୃଙ୍ଖଳିତ ହେବ। ଭକ୍ତମାନଙ୍କୁ ଦର୍ଶନ କରିବାରେ ପୂର୍ବାପେକ୍ଷା ଅଧିକ ସୁବିଧା ହେବ। ଦର୍ଶନ କଲା ବେଳେ କୌଣସି ବାଧାବିଘ୍ନ ରହିବନାହିଁ । ସେହିଭଳି ଆଧାରରେ ଧାଡି ବ୍ୟବସ୍ଥା କରାଯାଉଛି । ର୍ୟାମ୍ପ ବ୍ୟବସ୍ଥାରେ ଧାଡ଼ିରେ ଚଢ଼ି ଦର୍ଶନ କଲେ କୌଣସି ଭକ୍ତ ଦର୍ଶନ ନକରି ଫେରିବେ ନାହିଁ ।"ପୁରୀ ଉତ୍ତରପାର୍ଶ୍ୱ ମଠର ମହନ୍ତ ନାରାୟଣ ରାମାନୁଜ ଦାସ ମନ୍ତ୍ରୀଙ୍କ ଏହି ଆଲୋଚନାକୁ ସକରାତ୍ମକ ଦୃଷ୍ଟିରେ ଦେଖିଛନ୍ତି । କହିଛନ୍ତି," ପୂର୍ବରୁ ମଠର ପରିଚାଳନା ସମ୍ପର୍କିତ ଅଧିକାର ଶ୍ରୀମନ୍ଦିର ପରିଚାଳନା କମିଟି ହାତକୁ ଚାଲିଯାଇଛି । ଶ୍ରୀମନ୍ଦିର ସହ ବିଭିନ୍ନ ମଠର ନୀତିକାନ୍ତି ସମ୍ପର୍କ ନିଶ୍ଚିତ ଅଛି, ମାତ୍ର ପରିଚାଳନାଗତ ଅଧିକାର ମଠ କର୍ତ୍ତୃପକ୍ଷଙ୍କ ଅଧୀନରେ ରହିବା ଉଚିତ୍। ଆଜି ଆଇନମନ୍ତ୍ରୀ ଓ ଦେବୋତ୍ତର କମିଶନରଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା ହେଲା । ସେମାନେ ଏନେଇ ସହମତି ପ୍ରକାଶ କରିଛନ୍ତି ।"

## ସଫେଇ କର୍ମଚାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ

**ସୁନ୍ଦରଗଡ଼,୪।୧ (ସଂଚାର ବ୍ୟୁରୋ):** ସଫେଇ କାର୍ଯ୍ୟର ତଦାରଖ କରିବା ପାଇଁ ଯାଇଥିଲେ। ଠିକ୍ ସେତିକି ବେଳେ ସଫେଇ କର୍ମଚାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ। ଆଜି ଅପରାହ୍ନରେ ଏପରି ହୃଦୟବିଦାରକ ଘଟଣା ସୁନ୍ଦରଗଡ ପୌର ପରିଷଦର ଅଞ୍ଚଳରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଘଟଣାର ତଦନ୍ତ ଚଳାଇଛି। ବାବୁଲି କାକ ରାଣିବଗିଚା ବାଇପାସ୍ ନିକଟରେ ସଫେଇ କାମର ତଦାରଖ କରିବା ପାଇଁ ଯାଇଥିଲେ। କାମ ତଦାରଖ କରିବା ପରେ ସେଠାରେ ସେ ଠିଆ ହୋଇଥିଲେ। ଠିକ୍ ସେତିକି ବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଜଣେ ବ୍ୟକ୍ତି ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ତାଙ୍କୁ ଆକ୍ରମଣ କରିଥିଲେ। ସାଥୀ ସଫେଇ କର୍ମଚାରୀମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାବୁଲିଙ୍କୁ କିଏ ଓ କ'ଣ ପାଇଁ ହତ୍ୟା କଲା, ତାହା ଜଣାପଡ଼ି ନାହିଁ। ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ପ୍ରବାସୀ ଭାରତୀୟଙ୍କ ପାଇଁ ଆୟୋଜନର ସମୀକ୍ଷା କଲେ ମନ୍ତ୍ରୀ

**କଟକ,୪।୧ (ସଂଚାର ବ୍ୟୁରୋ):** ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ହେବାକୁ ଥିବା ବେଳେ ପୁରୀ କୋଣାର୍କ ଓ କଟକ ବୁଲିବାକୁ ଆସିବାର କାର୍ଯ୍ୟକ୍ରମ ରହିଛି। ଯେହେତୁ ହଜାର ବର୍ଷର ସହର ସେଥିପାଇଁ କଟକ ସହରର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକୁ ବୁଲିବାକୁ ଆସିବେ ପ୍ରବାସୀ ଭାରତୀୟ ମାନେ। ଏଥିପାଇଁ କିଭଳି ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ବନ୍ଦୋବସ୍ତ ଚାଲିଛି ତାହାର ତଦାରଖ କରିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣ ଚନ୍ଦ୍ର ମହାପାତ୍ର। ଏହି ତଦାରଖ ବେଳେ ମନ୍ତ୍ରୀଙ୍କ ସହ ବାରବାଟି କଟକ, ସଦର କଟକ ବିଧାୟକ, ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ଉପସ୍ଥିତ ଥିଲେ। କଟକ ସହରର ସିଲଭର ସିଟି ବୋଟ କ୍ଲବ୍, କଟକ ଚଣ୍ଡୀଙ୍କ ମନ୍ଦିର , ବାରବାଟି ଦୁର୍ଗ ଭଳି ୮ ରୁ ୯ ଟି ପର୍ଯ୍ୟଟନ ସ୍ଥଳୀ କୁ ପ୍ରବାସୀ ଭାରତୀୟ ମାନେ ବୁଲିବାକୁ ଆସିବେ। କଟକରେ କିଭଳି ସୁରୁଖୁରୁରେ ବୁଲା ଯାଇ ପାରିବ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଛି। ଯିବା ଆସିବା ପାଇଁ ମଧ୍ୟ କିଭଳି ସରଳିକରଣ କରାଯିବ ସେଥିପାଇଁ ଡବଲ ଡେକର ବସ୍ ବ୍ୟବହାର କରାଯିବ। ସେହିଭଳି କଟକରେ ସ୍ୱାଗତ ପାଇଁ ମଧ୍ୟ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥିବା କଥା କହିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣ ଚନ୍ଦ୍ର ମହାପାତ୍ର।

## ପାଟଣା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ପାଟଣା,୪।୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀ ପାଟଣା ବ୍ଲକ ଅଧ୍ୟକ୍ଷା ଶୁକାନ୍ତି ନାଏକଙ୍କ ବିରୋଧରେ ଶନିବାର ଅନାସ୍ଥା ପ୍ରସ୍ତାବ ବ୍ଲକ ସଭାଗୃହରେ ଆଗତ ହୋଇଛି। ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅଜ୍ଞାତବାସରେ ଥିବା ୩୧ଜଣ ସମିତିସଭ୍ୟ ଓ ସରପଞ୍ଚ ଏକ ବସ୍‌ରେ ଆସି ପହଞ୍ଚିଥିଲେ। ମତଦାନ ପକ୍ରିୟାରେ ବିଧାୟକଙ୍କୁ ମିଶାଇ ମୋଟ ୩୫ଜଣ ସଦସ୍ୟ ଉପସ୍ଥିତଥିଲେ ୩୪ଜଣ ମତଦାନ କରିଥିବା ବେଳେ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ ଭୋଟ ଦେଇ ନ ଥିଲେ। ପାଟଣା ବିଧାୟକ ଅଖିଳ ନାଏକ ମତଦାନ ପକ୍ରିୟାରେ ଅଂଶ ଗ୍ରହଣ କରିଥିବା ବେଳେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ମତଦାନ ପକ୍ରିୟାରେ ଅଂଶ ଗ୍ରହଣ କରି ନ ଥିଲେ। ପାଟଣା ବ୍ଲକ ଅଧ୍ୟକ୍ଷା କେବଳ ରେଜିଷ୍ଟରରେ ଦସ୍ତଖତ କରି ଚାଲି ଯାଇଥିଲେ। ପ୍ରିଜାଡିଙ୍ଗ ଅଫିସର ଭାବେ ସାହାରପଡ଼ା ବିଡିଓ ରଞ୍ଜିତ ମହାନ୍ତ ନିଯୁକ୍ତ ହୋଇଥିଲେ। ଏନେଇ ତାଙ୍କୁ ପଚାରିବାରୁ ୩୫ଜଣ ଙ୍କ ମଧ୍ୟରୁ ୩୪ଜଣ ମତ ଦାନ କରିଛନ୍ତି। କୋର୍ଟର ନିର୍ଦ୍ଦେଶ ଥିବାରୁ ଫଳ ପ୍ରକାଶ ହେବ ନାହିଁ। ୧୭ ଜାନୁୟାରୀରେ କୋର୍ଟ ଅର୍ଡର ଆସିଲେ ଯାହା କିଛି ନିଷ୍ପତ୍ତି ନିଆଯିବ। ଭୋଟ ବାକ୍ସକୁ ବ୍ଲକ ଷ୍ଟ୍ରଙ୍ଗରୁମରେ ପୋଲିସ ସୁରକ୍ଷା ମଧ୍ୟରେ ରଖାଯାଇଛି। ମାଜିଷ୍ଟ୍ରେଟ ଭାବେ ପାଟଣା ତହସିଲଦାର ଲୀଳାବତି ନାୟକ ରହିଥିବା ବେଳେ ୨ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଘଟଗାଁ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ଓ ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡଆଇନ ଶୃଙ୍ଖଳା ରକ୍ଷା କରିଥିଲେ। ଆଜିର ଘଟଣା କ୍ରମେ ଅନାସ୍ଥା ସପକ୍ଷ ବାଦିଙ୍କୁ ନିରୁତ୍ସାହିତ କରିଥିବା ବେଳେ ସାମୟିକ ଭାବେ ବ୍ଲକ ଅଧ୍ୟକ୍ଷା ସୁକାନ୍ତିଙ୍କୁ ଆସ୍ୱସ୍ତି ମିଳିଥିବା ରାଜନୈତିକ ବିଶ୍ଳେଷକ କହିଛନ୍ତି। ଗତ ଡସେମ୍ବର ୧୩ ତାରିଖରେ ୧୪ଜଣ ସମିତି ସଭ୍ୟା ଓ ସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବ କେନ୍ଦୁଝର ଉପ ଜିଲା ପାଳଙ୍କୁ ପ୍ରଦାନ କରାଯାଇଥିଲା।

# ଭୁବନେଶ୍ୱର ରେଳ ଷ୍ଟେସନ ନବୀକରଣ କାର୍ଯ୍ୟର ସମୀକ୍ଷା କଲେ ସାଂସଦ



**ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):** ରେଳ ଷ୍ଟେସନ୍‌ରେ ମିଳିବ ଏୟାପୋର୍ଟର ସୁବିଧା! ଯେଉଁଥିପାଇଁ ନୂଆ ରୂପ ନେଉଛି ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନ୍। ଯାହାର ନବୀକରଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆଜି ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଅଗଷ୍ଟ ସୁଦ୍ଧା ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ଲୋକାର୍ପିତ ହୋଇପାରେ ବୋଲି ସାଂସଦ ଆଶାବ୍ୟକ୍ତ କରିଛନ୍ତି।

ମାଷ୍ଟରକ୍ୟାଣ୍ଟିନସ୍ଥିତ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ରେଳ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟରେ ନବୀକରଣ କାର୍ଯ୍ୟ ସାରିବାକୁ ସମସ୍ତ ଅଧିକାରୀଙ୍କୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ପୁରୁଣା ଷ୍ଟେସନରେ ଯାତ୍ରୀମାନଙ୍କର କୌଣସି ଅସୁବିଧା ନକରି ଚାଲିଥିବା ନିର୍ମାଣ କାର୍ଯ୍ୟକୁ ଖୁବ୍ ପ୍ରଶଂସା କରିଛନ୍ତି ସାଂସଦ।

ନବୀକରଣ କାର୍ଯ୍ୟରେ କେବଳ ରେଳ ବିଭାଗ ନୁହେଁ, ବିଡିଏ, ନଗର ଉନ୍ନୟନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସମେତ ରାଜ୍ୟ ସରକାରଙ୍କର ଅନେକ ବିଭାଗ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସଂଶ୍ଳିଷ୍ଟ ରହି ସେମାଙ୍କର ଭୂମିକାକୁ ସଠିକ ଭାବରେ ନିଭାଉଛନ୍ତି। ଯାହାର ଖୁବ୍ ପ୍ରଶଂସା କରିଛନ୍ତି ଭୁବନେଶ୍ୱର ସାଂସଦ। ଭୁବନେଶ୍ୱର ରେଳ ଷ୍ଟେସନର ଉନ୍ନତିକରଣ ଲାଗି ସାଧାରଣ ପ୍ରଶାସନ ବିଭାଗ ରେଳ ବିଭାଗକୁ ୧୨ ଏକରରୁ ଅଧିକ ଜମି ପ୍ରଦାନ କରିଛି। ତେବେ ଆଉ ୧ ଏକର ୨୩ ଡିସିମିଲ ଜମି ଆବଶ୍ୟକ ଥିବା ବିଡିଏକୁ ନିବେଦନ କରିଛି ଇଷ୍ଟକୋଷ୍ଟ ରେଲଓ୍ୱେ। ତାହା ମଧ୍ୟ ମିଳିଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଅପରାଜିତା। ରେଳ ଷ୍ଟେସନକୁ ସଂଯୋଗ କରିବା ପାଇଁ ଅନ୍ୟ ଦୁଇଟି ରାସ୍ତା ଲାଗି କିଛି ଅନୁମତି ବାକି ରହିଛି।। ତେବେ ବିଡିଏ ଓ ଅନ୍ୟ ବିଭାଗ ସହ ଆଲୋଚନା କରି ଏହାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି ଅପରାଜିତା।

ସାଂସଦ ଷଡଙ୍ଗୀ ଆହୁରି କହିଛନ୍ତି, ୨୦୨୩ ମସିହା ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିଲା ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ। ଯେଉଁଥିଲାଗି ୪୧୮ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୨୦୦ କୋଟିରୁ ଅଧିକ ଟଙ୍କାର ଖର୍ଚ୍ଚ ସରିଲାଣି। ଆସନ୍ତା ଅଗଷ୍ଟ ମାସ ସୁଦ୍ଧା ନୂଆ ଷ୍ଟେସନ ଲୋକାର୍ପିତ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଷ୍ଟେସନ କାର୍ଯ୍ୟକ୍ଷମ ହେଲେ ଏଠାରେ ଯାତ୍ରୀ ସଂଖ୍ୟା ବଢ଼ିବ। ଭୁବନେଶ୍ୱର ରେଳ ଷ୍ଟେସନ ବର୍ତ୍ତମାନ ଦୈନିକ ୭୦ରୁ ୮୦ ହଜାର ଲୋକଙ୍କୁ ସେବା ଯୋଗାଉଛି। ଆଗକୁ ଏହାର କ୍ଷମତା ଲକ୍ଷେ ୪୪ ହଜାରକୁ ବୃଦ୍ଧି ପାଇବ। ବିଭିନ୍ନ ପ୍ରକାରର ଫୁଡ୍ କୋର୍ଟ, ସପିଂ ମଲ୍, ଦୋକାନ ବଜାର ସ୍ଥାପନ ଦ୍ୱାରା ଯାତ୍ରୀମାନେ ଏଠାରେ ଅତ୍ୟାଧୁନିକ ସେବାମାନ ପାଇପାରିବେ। ତା'ସହ ରେଳ ଷ୍ଟେସନର କାନ୍ଥସବୁ ଓଡ଼ିଶାର ଉନ୍ନତ କଳା ସଂସ୍କୃତିକୁ ବଖାଣିବ। ଆଗକୁ ମଧ୍ୟ ମଝିରେ ମଝିରେ ଏମିତି ସମୀକ୍ଷା କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




### ନୂଆବର୍ଷରେ ଇପିଏଫ୍‌ଓ ଖାତାଧାରୀଙ୍କ ପାଇଁ ବଡ଼ ଅପଡେଟ୍

# ଆରମ୍ଭ ହେବ ସଫ୍ଟୱେର ସିଷ୍ଟମ ଇପିଏଫ୍‌ଓ ୩.୦




ନୂଆଦିଲ୍ଲୀ,୦୪/୦୧: ଇପିଏଫ୍‌ଓ ଖାତାଧାରକଙ୍କ ପାଇଁ କିଛି ନୂଆ ଖୁସି ନେଇଆସିଛି ନୂଆବର୍ଷ। ସୂଚନାମୁତାବକ ଚଳିତବର୍ଷ ଜୁନ୍‌ରୁ ଇପିଏଫ୍‌ର କାମ ଏକ ନୂଆ ସଫ୍ଟୱେର ସିଷ୍ଟମରେ ହେବ। କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏନେଇ କହିଛନ୍ତି ଯେ, ଭବିଷ୍ୟ ନିଧି ସଂଗଠନ ଅର୍ଥାତ୍ ଇପିଏଫ୍‌ଓ ଚଳିତ ବର୍ଷ ଏକ ନୂଆ ସଫ୍ଟୱେର ସିଷ୍ଟମ ଇପିଏଫ୍‌ଓ ୩.୦ ଆରମ୍ଭ କରିବାକୁ ପ୍ରସ୍ତୁତ ଅଛି। ଏହି ନୂଆ ସିଷ୍ଟମ୍ ବ୍ୟାଙ୍କିଙ୍ଗ୍ ସିଷ୍ଟମ ଭଳି ବରାବର ସୁବିଧା ଯୋଗାଇବ। ନୂଆ ସଫ୍ଟୱେର ଯୋଗୁ ଇପିଏଫ୍‌ଓ ୱେବସାଇଟର ଇଣ୍ଟରଫେସ ଖାତାଧାରକଙ୍କ ପାଇଁ ଅଧିକ ଉପଯୋଗୀ ହେବ।

ନୂଆ ବର୍ଷରେ ଇପିଏଫ୍‌ଓର ସମ୍ପୂର୍ଣ୍ଣ ଚିତ୍ର ବଦଳାଇବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ହେଉଛନ୍ତି। କୁହାଯାଉଛି ଯେ ଜୁନ୍ ଠାରୁ ସରକାର ମଧ୍ୟ ଇପିଏଫ୍‌ଓ ଖାତାଧାରୀଙ୍କୁ ଏଟିଏମ୍ କାର୍ଡ ଦେବାକୁ ପ୍ରସ୍ତୁତ ହେଉଛନ୍ତି। ମନସୁଖ ମାଣ୍ଡଭିୟ କହିଛନ୍ତି ଯେ ଇପିଏଫଓ ୩.୦ ଲଞ୍ଚ ହେବା ପରେ ଯେତେବେଳେ ଇପିଏଫଓ ଖାତାଧାରୀଙ୍କୁ ଏଟିଏମ କାର୍ଡ ଦିଆଯିବ, ସେମାନଙ୍କୁ ପୂର୍ବ ଅପେକ୍ଷା ସେମାନଙ୍କ ଟଙ୍କା ପରିଚାଳନା କରିବା ସହଜ ହେବ। ଶ୍ରମମନ୍ତ୍ରୀ କହିଛନ୍ତି ଯେ, ଏ ହେଉଛି ୱେବସାଇଟ ଡେଭଲପମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟ ଏବଂ ଜାନୁଆରୀ ଶେଷ ସୁଦ୍ଧା ସିଷ୍ଟମ୍ କାମ ଶେଷ ହେବ।

କୁହାଯାଉଛି ଯେ ଜୁନ୍ ମାସରେ ଇପିଏଫ୍‌ଓ ଖାତାଧାରୀଙ୍କୁ ଏଟିଏମ୍ କାର୍ଡ ଉପଲବ୍ଧ ହେବା ମାତ୍ରେ ସେମାନେ ସେମାନଙ୍କର କାର୍ଡ ବ୍ୟବହାର କରିପାରିବେ। ୨୦୨୪ ଶେଷରେ, ଶ୍ରମ ସଚିବ ସୁମିତା ଡୋରା କହିଥିଲେ ଯେ ଇପିଏଫ୍ ଗ୍ରାହକମାନେ ୨୦୨୫ ସୁଦ୍ଧା ଏଟିଏମ୍ ମାଧ୍ୟମରେ ସେମାନଙ୍କ ପିଏଫ୍‌ରେ ଜମା ହୋଇଥିବା ଟଙ୍କା ଉଠାଇ ପାରିବେ। ସେ କହିଥିଲେ ଯେ ଯେକୌଣସି ପିଏଫଖାତାଧାରୀ ତାଙ୍କ ଆକାଉଣ୍ଟରେ ଥିବା ମୋଟ ରାଶିର ୫୦ ପ୍ରତିଶତ ପର୍ଯ୍ୟନ୍ତ ଉଠାଇ ପାରିବେ। ଇପିଏଫ୍ ଏହାର ନୂଆ ସଫ୍ଟୱେର୍ ଅପଡେଟ୍ କରିବା ସହିତ ଏହାର ନୂତନ ମୋବାଇଲ୍ ଆପ୍ ମଧ୍ୟ ପ୍ରସ୍ତୁତ କରୁଛି। ଏହି ମୋବାଇଲ୍ ଆପ୍ ସାହାଯ୍ୟରେ ଆକାଉଣ୍ଟ୍ ଧାରକମାନେ ସେମାନଙ୍କର ମାସିକ ଯୋଗଦାନ, ପେନ୍ସନ୍ ପାଣ୍ଠି ଏବଂ ଅନ୍ୟ ସମସ୍ତ ସୂଚନା ଗୋଟିଏ କ୍ଲିକରେ ଦେଖିପାରିବେ। ଏହି ଆପ୍ ମାଧ୍ୟମରେ ସେମାନେ ସେମାନଙ୍କର ପିଏଫ୍ ଆକାଉଣ୍ଟ୍ ଉପରେ ମଧ୍ୟ ନଜର ରଖିପାରିବେ।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୨ ହଜାର ୧୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୮ ହଜାର ୭୧୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୨, ୧୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୮,୭୧୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୨,୧୫୦ ଟଙ୍କା ଓ ୭୮,୭୧୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୨,୩୦୦ ଟଙ୍କା ଓ ୭୮, ୮୬୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୨,୧୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୮,୭୧୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୨,୧୫୦ ଟଙ୍କା ଓ ୭୮, ୭୧୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୧,୫୦୦ ହଜାର ଟଙ୍କା ହୋଇଛି।

# ହୁଣ୍ଡାଇ କ୍ରେଟା ଇଲେକ୍ଟ୍ରିକର ବୁକିଂ ଆରମ୍ଭ




ହୁଣ୍ଡାଇ ଇଣ୍ଡିଆ ନିଜର ନୂଆ ଇଲେକ୍ଟ୍ରିକ୍ କାର୍ କ୍ରେଟା ଇଭି ପାଇଁ ବୁକିଂ ଆରମ୍ଭ କରିଛି। ହୁଣ୍ଡାଇ କ୍ରେଟା ଇଲେକ୍ଟ୍ରିକକୁ ୨୫,୦୦୦ ଟଙ୍କାର ଟୋକନ ଏମାଉଣ୍ଟ ଜମା କରି ବୁକିଂ କରାଯାଇପାରିବ। ଅଟୋମେକର୍ସ ଏହାର ବେସ୍ ଏଜକ୍ୟୁଟିଭ୍ ଟ୍ରିମ୍ ପାଇଁ ଏପର୍ଯ୍ୟନ୍ତ ବୁକିଂ ଆରମ୍ଭ କରିନାହାଁନ୍ତି। ହୁଣ୍ଡାଇ ର ଏହି କାର୍ ଜାନୁଆରୀ ୧୭ ରେ ଭାରି ମୋବିଲିଟି ଗ୍ଲୋବାଲ୍ ଏକ୍ସପୋରେ ଲଞ୍ଚ ହେବାକୁ ଯାଉଛି। ହୁଣ୍ଡାଇ କ୍ରେଟା ଇଭି ଏହାର ଆଇସିଇ ଭ୍ୟାରିଆଣ୍ଟ ଉପରେ ବେସ୍ଡ ଏକ କାର୍। ଏହି ଇଲେକ୍ଟ୍ରିକ କାର୍ ହୁଣ୍ଡାଇ କ୍ରେଟା ପରି ଡିଜାଇନ୍ କରାଯାଇଛି। ଏହି ଗାଡ଼ିରେ ସଟ୍‌ଅପ୍ ବମ୍ପର ଗ୍ରୀଲ୍, ଆକ୍ଟିଭ୍ ଏୟାର ଫ୍ଲାପ୍ ଏବଂ ଏକ ନୂଆ ସ୍କିଡ୍ ପ୍ଲେଟ୍ ଲଗାଯାଇଛି। ଏହା ବ୍ୟତୀତ, ଆପଣ କ୍ରେଟା ଏବଂ କ୍ରେଟା ଇଭି ର ଡିଜାଇନରେ ଅଧିକ ପାର୍ଥକ୍ୟ ଦେଖିବେ ନାହିଁ। ଏହି କାରକୁ ପିକ୍ସେଲ ଥିମରେ ଆଣିବା ହେତୁ ଏହି ଗାଡି ହୁଣ୍ଡାଇର ଅନ୍ୟ ଇଭି ପରି ପ୍ରିମିୟମ୍ ଲୁକରେ ନଜର ଆସିଥାଏ। ହୁଣ୍ଡାଇ ର ଏହି ନୂଆ ଇଲେକ୍ଟ୍ରିକ କାର୍ କ୍ରେଟା ଇଭି ଦୁଇଟି ବ୍ୟାଟେରୀ ପ୍ୟାକ୍ ସହିତ ଆସିବାକୁ ଯାଉଛି। ଏହି ଗାଡିରେ ୫୧.୩ କେଡବ୍ଲ୍ୟୁଏଚର ବ୍ୟାଟେରୀ ପ୍ୟାକ୍ ଲଗାଯିବ। ଏହି ବ୍ୟାଟେରୀ ସହିତ ଏହି କାର୍ ୪୭୩ କିଲୋମିଟର ରେଞ୍ଜ ଦେବାକୁ ଦାବି କରୁଛି। ଏହା ସହିତ, ଏହି ଇଲେକ୍ଟ୍ରକ୍ କାରରେ ୪୨ କିଲୋୱାଟ୍ ବ୍ୟାଟେରୀ ପ୍ୟାକର ଅପ୍ସନ ମଧ୍ୟ ରହିଛି, ଯାହା ସହିତ ସିଙ୍ଗଲ୍ ଚାର୍ଜିଙ୍ଗରେ ୩୯୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ସକ୍ଷମ ହେବ। କ୍ରେଟା ଇଭି ର ବଡ଼ ବ୍ୟାଟେରୀ ପ୍ୟାକ୍ ମଡେଲ୍ (୫୧୩ କେଡବ୍ଲ୍ୟୁଏଚ) କୁ ୬୦ କେଡବ୍ଲ୍ୟୁ ଡିସି ଫାଷ୍ଟ ଚାର୍ଜରରେ ୧୦ ରୁ ୮୦% ଚାର୍ଜ କରିବାକୁ ୫୮ ମିନିଟ୍ ସମୟ ଲାଗିବ। ଯଦି ଆପଣ ଏହି ଗାଡିକୁ ଏସି ୱାଲ୍ ବକ୍ସ ୟୁନିଟ୍ ମାଧ୍ୟମରେ ଚାର୍ଜ କରନ୍ତି, ତେବେ ଏହାକୁ ୧୦ ରୁ ୧୦୦% ଚାର୍ଜ କରିବାକୁ ୪ ଘଣ୍ଟା ଲାଗିବ। ହୁଣ୍ଡାଇ ର ଏହି ଇଲେକ୍ଟ୍ରିକ କାର୍ ୭.୯ ସେକେଣ୍ଡରେ ୦ ରୁ ୧୦୦ କିଲୋମିଟର ସ୍ପିଡରେ ପହଞ୍ଚିପାରେ ଯାହା କ୍ରେଟା ଏନ ଲାଇନ୍ ଡିସିଟିଠାରୁ କିଛି ସେକେଣ୍ଡ ଅଧିକ ଥାଏ। କ୍ରେଟା ଏନ ଲାଇନ୍ ଡିସିଟିକୁ ୦ ରୁ ୧୦୦ କିଲୋମିଟର ସ୍ପିଡ୍ ପର୍ଯ୍ୟନ୍ତ ପହଞ୍ଚିବାରେ ୮.୯ ସେକେଣ୍ଡ ସମୟ ଲାଗିଥାଏ।

## ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଶେଷ କାର୍ଯ୍ୟ ଦିବସରେ ନିବେଶକ ନିରାଶ




ମୁମ୍ବାଇ,୪।୧: କ୍ରମାଗତ ଭାବେ ଘରୋଇ ଶେୟାର ବଜାରର ନିବେଶକମାନେ ନିରାଶ ହେଉଛନ୍ତି। ଏପରିକି ବର୍ଷ ଆରମ୍ଭରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିବେଶକମାନେ ଆଶ ଓ ଆଶଙ୍କା ମଧ୍ୟରେ କାରବାର କରୁଥିବାବେଳେ ପୁଞ୍ଜି ବଜାରରେ ଲକ୍ଷାଧିକ ଟଙ୍କାର ନିବେଶ ହରାଇ ନିବେଶକ ନିରାଶ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସରେ ବିଏସ୍‌ଇ ସେନ୍‌ସେକ୍ସ ର କାରବାର ୦.୯୦% ହ୍ରାସ ଘଟି ୭୯,୨୨୩.୧୧ ଅଙ୍କରେ ରହିଥିଲାବେଳେ ନିଫ୍ଟି ୫୦ର କାରବାର ମଧ୍ୟ ୦.୭୬% କମି ୨୪,୦୦୪.୭୫ ଅଙ୍କରେ ରହିଛି। ସେହିଭଳି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ଓ ସ୍ମଲ୍‌କ୍ୟାପର କାରବାର ପ୍ରାୟ ୧% ହ୍ରାସ ଘଟିଥିଲାବେଳେ ନିଫ୍ଟି ସ୍ମଲକ୍ୟାପର କାରବାର ୧୭୭.୧୫% କମି ୫୭,୯୩୧.୦୫ ଅଙ୍କରେ ପହଞ୍ଚିଛି। ଏପରିକି ନିଫ୍ଟି ସ୍ମଲକ୍ୟାପର କାରବାର ୦.୫୮% ହ୍ରାସ ଘଟି ୯୦୧୨.୭୫ ଅଙ୍କରେ ଥିଲାବେଳେ ବ୍ୟାଙ୍କିଙ୍ଗ୍ ୧.୨୦% ହ୍ରାସ ଘଟି ୫୦,୯୮୮.୮୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିପରି ସେକ୍ଟରିଆଲ କ୍ଷେତ୍ରରେ ସମସ୍ତ ନିବେଶକ ପ୍ରାୟ ୧ରୁ ୨% ନିବେଶ ହରାଇଥିଲାବେଳେ ଅଟୋ , ଆଇଟି ଏବଂ ଏଫ୍‌ଏମ୍‌ସିଜି, ଅଏଲ ଆଣ୍ଡ ଗ୍ୟାସ୍, ପିଏସ୍‌ୟୁ, ରିଅଲିଟି ଏବଂ ବ୍ୟାଙ୍କ ଆଦିର ନିବେଶକ କ୍ଷତି ସହିଛନ୍ତି।

## ଜେଟ୍ ପାଇଁ ସରକାର ଲୋଡ଼ିଲେ ମତ: ଇମେଲ୍, ହ୍ୱାଟସ୍‌ଆପ୍‌ରେ ପଠାଇ ହେବ



ଭୁବନେଶ୍ୱର: ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଓଡ଼ିଶା ସରକାର ୨୦୨୫-୨୬ ବଜେଟ୍ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବଜେଟ୍‌ରେ ବିଭିନ୍ନ ବର୍ଗ କ'ଣ ଆଶା କରୁଛନ୍ତି ତାହା ଜାଣିବା ଲାଗି ଲୋକମାନଙ୍କ ମତାମତ ଲୋଡ଼ିଛି ଅର୍ଥ ବିଭାଗ। ପ୍ରାକ୍ ବଜେଟ୍ ଆଲୋଚନା ପ୍ରକ୍ରିୟାରେ ନିଜ ମତ ଦେବା ଲାଗି ବିଭାଗ ପକ୍ଷରୁ ଜନସାଧାରଣ, ନାଗରିକ ସମାଜ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଆହ୍ୱାନ ଦିଆଯାଇଛି। ବଜେଟ୍‌କୁ ଅଧିକ ମୁକ୍ତ, ଅଂଶଗ୍ରହଣକାରୀ ଓ ଅନ୍ତର୍ଭୁକ୍ତୀକରଣ କରିବା ଲାଗି ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ୨୦୨୫ ଜାନୁଆରି ୩୧ ସୁଦ୍ଧା ମତାମତ ପଠାଇବାକୁ ବିଭାଗ ପକ୍ଷରୁ କୁହାଯାଇଛି। ମତାମତ ପଠାଇବା ଲାଗି ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ବିକଳ୍ପ ପ୍ରଦାନ କରାଯାଇଛି। ସାଧାରଣ ଜନତା ଓ ସଂଗଠନଗୁଡ଼ିକ ରାଜ୍ୟ ସରକାରଙ୍କ ବଜେଟ୍ ପୋର୍ଟାଲ୍ budget.odisha.gov.inରେ ମତ ଦେଇପାରିବେ। ସେମାନେ ଚାହିଲେ odisha.budget@gov.inରେ ଇମେଲ୍, ୯୪୩୮୧୬୧୧୧୧ ନମ୍ବରରେ ହ୍ୱାଟସ୍‌ଆପ୍ ମଧ୍ୟ କରିପାରିବେ। ଅନ୍ୟଥା ସେମାନେ ଅର୍ଥ ବିଭାଗର ସୋସିଆଲ୍ ମିଡିଆ 'ଏକ୍ସ', ଫେସ୍‌ବୁକ୍ ଓ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ମଧ୍ୟ ନିଜର ମତ ଦେଇପାରିବେ। ଏହି ବ୍ୟବସ୍ଥାଗୁଡ଼ିକୁ ବ୍ୟବହାର କରି ବାର୍ଷିକ ବଜେଟ୍ ପ୍ରସ୍ତୁତି ଲାଗି ନିଜ ମୂଲ୍ୟବାନ ମତ ଦେବା ପାଇଁ ଅର୍ଥ ବିଭାଗ ପକ୍ଷରୁ ଅଂଶୀଦାରମାନଙ୍କୁ ଆହ୍ୱାନ ଦିଆଯାଇଛି। ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ବଜେଟ୍ ପ୍ରକ୍ରିୟାକୁ ଅଧିକ ମୁକ୍ତ ଓ ଅଂଶଗ୍ରହଣକାରୀ କରିବା ଲାଗି ଗତବର୍ଷଠାରୁ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବ୍ୟବହାର କରାଯାଉଛି। ସେହି ଧାରାକୁ ଜାରି ରଖି ଚଳିତ ବର୍ଷ ମଧ୍ୟ ସମାଜର ବିଭିନ୍ନ ବର୍ଗଙ୍କଠାରୁ ମତାମତ ଲୋଡ଼ାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨.୬୫ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ। ଏହାପରେ ଏକ ଅନ୍ତରୀଣ ବଜେଟ୍ ମଧ୍ୟ ଆଣିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ବଜେଟ୍ ଉପସ୍ଥାପନ କରୁଛନ୍ତି।

## ଡ. ତାପସ ନାଲ୍‌କୋର ନୂତନ ନିର୍ଦ୍ଦେଶକ



ଭୁବନେଶ୍ୱର,୪।୧: କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ର ନୂତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ ଡ. ତାପସ କୁମାର ପଟ୍ଟନାୟକ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍‌ର (ରିଫାଇନେରି ଡିଭିଜନ) ମୁଖ୍ୟାଳୟଠାରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ମାନବ ସମ୍ବଳ) ଭାବେ କାର୍ଯ୍ୟ କରୁଥିଲେ। ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ସାଂଗଠନିକ ଲକ୍ଷ୍ୟ ସହ ମେଳ ଖାଉଥିବା ଅଭିନବ କାର୍ଯ୍ୟଶୈଳୀଗୁଡ଼ିକର ଉପଯୋଗ ନିମନ୍ତେ ଡ. ତାପସ କୁମାର ପଟ୍ଟନାୟକ ଅଗ୍ରାଧିକାର ଦେଇଥାନ୍ତି। ନାଲ୍‌କୋରେ ଡ. ପଟ୍ଟନାୟକ ମାନବ ସମ୍ବଳ ବିଭାଗର ଦାୟିତ୍ୱ ବହନ କରିବା ସହ ପ୍ରତିଭା ଅଧିଗ୍ରହଣ, କର୍ମଚାରୀ ଦକ୍ଷତା ବିକାଶ, ସାଂଗଠନିକ ପ୍ରଭାବଶୀଳତା ଏବଂ ନାଲ୍‌କୋର ମାନବ ସମ୍ବଳ କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀର ଦୀର୍ଘକାଳୀନ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବେ। ସେହିପରି ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ନାଲ୍‌କୋ ସିଏମ୍‌ଡି ସଞ୍ଜୟ ଲୋହିଆ ଡ. ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇବା ସହ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ନୂତନତା ଆଣିବେ ବୋଲି ଆଶା ପ୍ରକଟ କରିଛନ୍ତି, ଯାହାକି ସଂଗଠନର କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବ।

## ଏସ୍ ଆଣ୍ଡ ପି ଗ୍ଲୋବାଲ ସିଏସ୍‌ଏରେ ବେଦାନ୍ତ ଦ୍ୱିତୀୟ

ନୂଆଦିଲ୍ଲୀ,୪।୧: ବେଦାନ୍ତ ଆଲୁମିନିୟମକୁ ନିକଟରେ ଆଉ ଏକ ନୂତନ ସ୍ୱୀକୃତି ଓ ସଫଳତା ମିଳିଛି। ଏପରିକି କମ୍ପାନୀର ଅତୁଳନୀୟ ସ୍ଥିରତା ପ୍ରୟାସ ପାଇଁ ଏସ୍ ଆଣ୍ଡ ପି ଗ୍ଲୋବାଲ କର୍ପୋରେଟ ସ୍ଥିରତା ମୂଲ୍ୟାଙ୍କନ (ସିଏସ୍‌ଏ)ରେ ବେଦାନ୍ତ ଆଲୁମିନିୟମ ୨ୟ ସ୍ଥାନ ଅଧିକାର କରିଛି। ସେହିଭଳି ଆଲୁମିନିୟମ କ୍ଷେତ୍ର ପାଇଁ କମ୍ପାନୀ ସର୍ବଭାରତୀୟସ୍ତରରେ ସାମଗ୍ରିକ ସ୍କୋର ୭୭ ସହ ଦୃଢ଼ ପରିବେଶ, ସାମାଜିକ ଏବଂ ଶାସନ(ଇଏସ୍‌ଜି) ପାରାମିଟର ଉପରେ ଆଧାରିତ ରହିଛି। ଏହି ସଫଳତା ସ୍ଥିରତା ପାଇଁ ଜାରି ରହିଥିବା ପ୍ରତିବଦ୍ଧତା ପାଇଁ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଲଟିଛି। କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଏହି ର୍‍ୟାଙ୍କିଙ୍ଗ୍‌ରେ ସର୍ବଭାରତୀୟସ୍ତରରେ ଶୀର୍ଷ କମ୍ପାନୀଗୁଡିକ ମଧ୍ୟରେ ବେଦାନ୍ତ ଆଲୁମିନିୟମର ବୈଶିଷ୍ଟ୍ୟ ଏହି ସଫଳତାକୁ ଆହୁରି ଚମତ୍କାର କରିଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏଚ୍‌ଜେଡ୍‌ଏଲ୍‌ର ଚେୟାରମ୍ୟାନ ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ଏହି ସ୍ୱୀକୃତି ବେଦାନ୍ତ ଆଲୁମିନିୟମରେ ଆମ ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ସର୍ବଭାରତୀୟସ୍ତରରେ ଏସ୍ ଆଣ୍ଡ ପି ଗ୍ଲୋବାଲ କର୍ପୋରେଟ୍ ସଷ୍ଟେନେବିଲିଟି ଆକ୍‌ସେସ୍‌ରେ ୨ୟ ସ୍ଥାନକୁ ସୁରକ୍ଷିତ କରିଛି।

## ଆଇସିଆଇସିଆଇ ପ୍ରୁ ୱିଶ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୪।୧: ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ନୂତନ ଉତ୍ପାଦ 'ଆଇସିଆଇସିଆଇ ପ୍ରୁ ୱିଶ୍' ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂତନ ଉତ୍ପାଦକୁ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବାବେଳେ ଜୀବନ ବୀମା ଶିଳ୍ପରେ ମଧ୍ୟ ଏହା ପ୍ରଥମ ଧରଣ ସ୍ୱାସ୍ଥ୍ୟ ଉପତ୍ାଦ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ଉପତ୍ାଦ ଓ ବିତରଣ ଅଧିକାରୀ ଅମିତ ପାଲ୍‌ଟା କହିଛନ୍ତି, ଆଇସିଆଇସିଆଇ ପ୍ରୁ ୱିଶ୍ ହେଉଛି ଜୀବନ ବୀମା ଶିଳ୍ପର ପ୍ରଥମଧରଣର ସ୍ୱାସ୍ଥ୍ୟ ଉପତ୍ାଦ। ଯାହାକୁ ସ୍ୱତନ୍ତ୍ର ଭାବେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଗମ୍ଭୀର ଅସୁସ୍ଥତା ଚିହ୍ନଟ ହେଲେ ପଇଠ କରାଯିବାକୁ ଥିବା ମୋଟ ରାଶି ସେମାନଙ୍କୁ ଏଭଳି ଜଟିଳ ସ୍ଥିତିର ମୁକାବିଲା କରିବା ପାଇଁ ଆର୍ଥିକ ଶକ୍ତି ପ୍ରଦାନ କରିଥାଏ। ୩୦ ବର୍ଷ ପାଇଁ ଏକ ପ୍ରିମିୟମ ଗ୍ୟାରେଣ୍ଟି ପ୍ରଦାନ କରିବା ବ୍ୟତୀତ ଏହି ଉପତ୍ାଦକୁ ଏଭଳି ଏକ ଶୈଳୀରେ ଡିଜାଇନ କରାଯାଇଛି, ଯାହା ଗ୍ରାହକଙ୍କୁ ନିର୍ଦ୍ଦିଷ୍ଟ ଚିକିତ୍ସକୀୟ ପରିସ୍ଥିତି ପାଇଁ ଏକାଧିକ ଦାବି କରିବା ପାଇଁ ଅନୁମତି ଦେଇଥାଏ। ସେହିପରି ଏହି ଉପତ୍ାଦର ଅନ୍ୟ ଏକ ଉଲ୍ଲେଖନୀୟ ଫିଚର ହେଉଛି, ପ୍ରିମିୟମ ହଲିଡେ, ଉଦାହରଣ ସ୍ୱରୁପ ଗ୍ରାହକଙ୍କ ନିକଟରେ ପ୍ରିମିୟମ ପଇଠ ଅବଧି ସମୟରେ ଯେକୌଣସି ୧୨ମାସ ଅବଧି ପାଇଁ ପ୍ରିମିୟମ ପଇଠ ନକରିବାର ବିକଳ୍ପ ରହିଛି।

## ପ୍ରତି ୧୫ଦିନରେ ଋଣ ପ୍ରଦାନକାରୀ ଦେବେ କ୍ରେଡିଟ୍ ରେକର୍ଡ

ଭୁବନେଶ୍ୱର,୪।୧( ଅନୁରାଧା ମହାରଣା): ବିଭିନ୍ନ ବ୍ୟାଙ୍କରୁ ଋଣ ଆଣୁଥିବା ବ୍ୟକ୍ତିଙ୍କ କ୍ରେଡିଟ୍ ରେକର୍ଡ ଏଣିକି ପ୍ରତି ୧୫ଦିନରେ ଋଣ ପ୍ରଦାନକାରୀ ତଥ୍ୟ ଦେବେ। କ୍ରେଡିଟ୍ ରିସ୍କ ଆକଳନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ରିଜର୍ଭ ବ୍ୟାଙ୍କ ଏହି ନୂତନ ପଦକ୍ଷେପ ନେଇଛି। ଏହାଦ୍ୱାରା ଋଣ ପ୍ରଦାନ ପୂର୍ବରୁ ଋଣ ପ୍ରଦାନକାରୀଙ୍କୁ କଡ଼ା ଯାଞ୍ଚ କରିବାକୁ ପଡ଼ିବ। ଅନେକ ବ୍ୟକ୍ତି ଗୋଟିଏ ସ୍ଥାନରୁ ଋଣ ଆଣି ଏହାର ପରିଶୋଧ ନ କରି ଅନ୍ୟ ସ୍ଥାନରୁ ଋଣ ଉଠାଇବା ଉପରେ ରୋକ୍ ଲଗାଇବାରେ ଏହି ପଦକ୍ଷେପ ସହାୟକ ହେବ। ଏହାପୂର୍ବରୁ ଋଣ ନେଇଥିବା ବ୍ୟକ୍ତିଙ୍କ କ୍ରେଡିଟ୍ ରେକର୍ଡ ୧୫ଦିନ ପରିବର୍ତ୍ତେ ମାସରେ ଥରେ ରିଜର୍ଭ ବ୍ୟାଙ୍କରେ ଦାଖଲ କରିବାକୁ ପଡୁଥିଲା। ରିଜର୍ଭ ବ୍ୟାଙ୍କର କଡ଼ା ନିୟମ ଯୋଗୁ ଅନେକ ବର୍ଷରେ ଅନେକ ସ୍ଥାନରୁ ବ୍ୟକ୍ତିଗତ ଋଣ ନେବା ଅଭ୍ୟାସକୁ ନିଷିଦ୍ଧ କରାଯିବ। ଅଳ୍ପ ସମୟ ବ୍ୟବଧାନରେ ଆର୍‌ବିଆଇ ଦ୍ୱାରା କ୍ରେଡିଟ୍ ରେକର୍ଡ ଯାଞ୍ଚ କରିବା ଦ୍ୱାରା ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଋଣଦାତାମାନଙ୍କୁ ଋଣ ଦେବାରେ ବିପଦକୁ ଯାଞ୍ଚ କରିବାର କ୍ଷମତା ବୃଦ୍ଧି ପାଇବ।

# ଫେମ୍-୨ରେ ୧୬ ଲକ୍ଷ ଇଭିକୁ ସବ୍‌ସିଡି



ନୂଆଦିଲ୍ଲୀ, ୦୪/୦୧: ଦେଶରେ ଇ-ଯାନ ଏବଂ ହାଇବ୍ରିଡ ଯାନ ଉତ୍ପାଦନକୁ ସରକାର ପ୍ରୋତ୍ସାହିତ କରିବା ଲାଗି ଫେମ୍ ଯୋଜନା ଆଣିଥିଲେ। ଏହାର

**ଦେଶରେ ୨୫,୨୦୨ ଚାର୍ଜିଂ ଷ୍ଟେଶନ ସ୍ଥାପନ**

ଦ୍ୱିତୀୟ ପର୍ଯ୍ୟାୟରେ ସରକାର ୧୬.୧୫ ଲକ୍ଷ ଇଭିକୁ ସବ୍‌ସିଡି ଦେଇଛନ୍ତି। ଏହା ମଧ୍ୟରେ ୧୪.୨୪ ଲକ୍ଷ ଇ-ସ୍କୁଟର ଥିବା ବେଳେ ୧.୫୯ ଲକ୍ଷ ଇ-ତିନି ଚକିଆ, ୨୨,୫୪୮ ୟୁନିଟ ଚାରି ଚକିଆ ଯାନ ଏବଂ ୫୧୩୧ ୟୁନିଟ ବସ୍ ରହିଛି। ସେହିଭଳି ୧୦,୯୮୫ ଇଭି ପବ୍ଲିକ ଚାର୍ଜିଂ ଷ୍ଟେଶନକୁ ମଧ୍ୟ ମଞ୍ଜୁରି ମିଳିଛି। ୮୮୧୨ ଚାର୍ଜିଂ ଷ୍ଟେଶନ ସ୍ଥାପନ ଲାଗି ଅର୍ଥ ପ୍ରଦାନ କରାଯାଇଛି। ୨୦୨୪ ଅକ୍ଟୋବର ସୁଦ୍ଧା ଏସବୁ ଯୋଜନାରେ ୮୮୪୮ କୋଟି ଟଙ୍କା ବିନିଯୋଗ ହୋଇଛି। ଏଥିରୁ ସବ୍‌ସିଡିର ଅଂଶ ୬୫୭୭ କୋଟି ରହିଛି। ଏହାବାଦ ୨୨୪୪ କୋଟିର ଭିତ୍ତିଭୂମି ସହାୟତା ଏବଂ ଅନ୍ୟ ଖର୍ଚ୍ଚ ବାବଦକୁ ୨୩ କୋଟି ଟଙ୍କା ରହିଛି। ପ୍ରଥମ ପର୍ଯ୍ୟାୟର ସଫଳତା ପରେ ୨୦୧୯ରେ ଫେମ୍ ୨ ଆଣିଥିଲେ ସରକାର। ଏଥିରେ ବିଭିନ୍ନ ବର୍ଗର ଇଭି ସହ ଚାର୍ଜିଂ ଭିତ୍ତିଭୂମି ବିକାଶ ଲାଗି ୧୧,୫୦୦ କୋଟିର ସହାୟତା ମଞ୍ଜୁର କରିଥିଲେ ସରକାର। ଅଦ୍ୟାବଧି ଦେଶରେ ୨୫, ୨୦୨ ଚାର୍ଜିଂ ଷ୍ଟେଶନ ବିକଶିତ ହୋଇଛି। କର୍ଣ୍ଣାଟକରେ ସର୍ବାଧିକ ୫୭୬୫ ଷ୍ଟେଶନ ସାମିଲ ରହିଛି। ୨୦୨୪ ସେପ୍ଟେମ୍ବରରେ ଇଭି ଗ୍ରହଣୀୟତାକୁ ଆଉ ପାଦେ ଆଗକୁ ନେବା ଲାଗି ପିଏମ୍ ଇ-ଡ୍ରାଇଭ ସ୍କିମ ଆସିଛି। ୨ ବର୍ଷ ଲାଗି ଏହି ଯୋଜନାକୁ ୧୦,୯୦୦ କୋଟିର ପାଣ୍ଠି ବ୍ୟବସ୍ଥା କରାଯାଇଛି।

## ପଶ୍ଚିମ ଓଡ଼ିଶାର ଲାଇଫଲାଇନ୍ ହେବ ନୂତନ ବରଗଡ଼-ନୂଆପଡ଼ା ରେଳଲାଇନ୍



**ବରଗଡ,୪।୧(ସଂଚାର ବ୍ୟୁରୋ):** ଭାରତୀୟ ରେଳବାଇ ଓଡିଶାରେ ଏହାର ପ୍ରମୁଖ ଭିତ୍ତିଭୂମି ସମ୍ପ୍ରସାରଣ ଜାରି ରଖିଛି। ଏବେ ବରଗଡ ରୋଡରୁ ନୂଆପଡା ରୋଡକୁ ସଂଯୋଗ କରୁଥିବା ୧୩୮.୩୨ କିମି ଦୈର୍ଘ୍ୟ ନୂଆ ରେଳ ଲାଇନ ନିର୍ମାଣ କାର୍ଯ୍ୟ ତରାନ୍ୱିତ କରିବାକୁ ପ୍ରଖର ଉଦ୍ୟମ ଜାରି ରଖିଛି । ଏହି ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗୀକରଣରେ ଉନ୍ନତି ଆଣିବା, ଆଞ୍ଚଳିକ ବିକାଶକୁ ବୃଦ୍ଧି କରିବା, ରୋଜଗାର ସୃଷ୍ଟି କରିବା ଏବଂ ଏହି ଅଞ୍ଚଳରେ ଉଭୟ ଯାତ୍ରୀ ଏବଂ ପଣ୍ୟ ପରିବହନ ପାଇଁ ମହତ୍ୱପୂର୍ଣ୍ଣ ସୁବିଧା ପ୍ରଦାନ କରିବାରେ ସହାୟକ ହେବ ବୋଲି ସୂଚନା ଦେଇଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ସେ କହିଛନ୍ତି ଯେ, ନୂତନ ରେଳ ଲାଇନ ବରଗଡ ରୋଡରୁ ନୂଆପଡା ରୋଡ ପର୍ଯ୍ୟନ୍ତ ବିଦ୍ୟୁତକରଣ ସହ ବ୍ରଡ ଗେଜ (ବିଜି) ମେନ୍ ଲାଇନ ହେବ ଯାହାକି ପଦ୍ମପୁର ଦେଇ ଏକ ବିକଳ୍ପ କ୍ଷୁଦ୍ର ମାର୍ଗ ଯୋଗାଇବ ଏବଂ ଝାରସୁଗୁଡା-ବିଳାସପୁର-ରାୟପୁର ବ୍ୟସ୍ତବହୁଳ ମାର୍ଗର ବିକଳ୍ପ ଭାବେ ଦଣ୍ଡାୟମାନ ହେବ । ଏହି ନୂଆ ରେଳ ଲାଇନ ସମ୍ବଲପୁର-ଝାରସୁଗୁଡା-ରାୟପୁର ଲାଇନ ତୁଳନାରେ ୫୩ କିଲୋମିଟର ଏବଂ ସମ୍ବଲପୁର-ଟିଟିଲାଗଡ-ରାୟପୁର ମାର୍ଗ ତୁଳନାରେ ୮୭ କିଲୋମିଟର ଦୂର ହ୍ରାସ କରିବ, ଯାହା ପଣ୍ୟ ଏବଂ ଯାତ୍ରୀଙ୍କ ଶୀଘ୍ର ଓ ସୁଗମ ଗମନାଗମନକୁ ସହାୟତା କରିବ। ଏହି ପ୍ରକଳ୍ପରେ ୧୩ ଟି ଷ୍ଟେସନ୍ ରହିବ, ଯେଉଁଥିରେ ୨ଟି ବିଦ୍ୟମାନ ଷ୍ଟେସନ୍ ଏବଂ ୧୧ଟି ନୂତନ ଷ୍ଟେସନ୍ ରହିବ, ଯାହା ସମଗ୍ର ଅଞ୍ଚଳରେ ଉପଲବ୍ଧତାକୁ ସୁଦୃଢ଼ କରିବ। ପ୍ରକଳ୍ପ ଅନୁମୋଦିତ ଏବଂ ଆର୍ଥିକ ସମୀକ୍ଷା: ୧୦ ସେପ୍ଟେମ୍ବର ୨୦୨୪ରେ ରେଳବାଇ ବୋର୍ଡ ଏହି ପ୍ରକଳ୍ପ ପାଇଁ ମୋଟ ୨୬୨୧.୯୨ କୋଟି ଟଙ୍କା ମଞ୍ଜୁର କରିଥିଲା। ଏହି ପ୍ରକଳ୍ପର ଆର୍ଥିକ ବ୍ରେକଅପ୍ ହେଉଛି ସିଭିଲ୍ ଇଞ୍ଜିନିୟରିଂ: ୨୧୦୭.୩୦ କୋଟି, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ: ୩୦୫.୫୫ କୋଟି ଏବଂ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟରିଂ: ୨୦୯.୦୭ କୋଟି ଟଙ୍କା।

# ୩୦ରୁ ଊର୍ଦ୍ଧ ବେଆଇନି ପାଥୋଲାବ୍

## ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁଁ ଭଲହେଉନି ରୋଗ

**କାକଟପୁର /ଅସ୍ତରଙ୍ଗ,୪।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ଭଳି ବେଆଇନ୍ ପାଥୋଲାବ୍ ପରୀକ୍ଷାଗାର କାମକରୁଛି। କିନ୍ତୁ ଅସ୍ତରଙ୍ଗ ଓ କାକଟପୁର ବ୍ଲକର କେତୋଟି ପାଥୋଲାବ୍‌ର ଲାଇସେନ୍ସ ପାଇଛନ୍ତି ତାହା ଅଜଣା ଥିବା ବେଳେ ୩୦ରୁ ଊର୍ଦ୍ଧ ବେଆଇନ୍ ଭାବେ ଚାଲିଥିବା ଅଭିଯୋଗ ହେଉଛି। ବର୍ଷ ତମାମ ବେଆଇନି ଭାବେ ଚାଲିଥିବା ଏହି ପାଥୋଲାବ୍ ଗୁଡିକ ପ୍ରତି ଅନୁକମ୍ପା ଥିବାରୁ ତଦନ୍ତ ହେଉନାହିଁ।ଏଭଳି ସ୍ଥଳେ ସରକାର ରାଜସ୍ୱ ହରାଉଛନ୍ତି। ଆଉ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେବା ସହ ବେଳେ ବେଳେ ପ୍ରାଣ ହରାଉଛନ୍ତି।ପୁଣି ଅଧିକାଂଶ ରୋଗୀଙ୍କର ରିପୋର୍ଟ ତ୍ରୁଟି ପୂର୍ଣ୍ଣ ରହୁଥିବାରୁ ରୋଗ ଭଲ ହେବା ପରିବର୍ତ୍ତେ ବଢ଼ି ଚାଲିଛି। ଅଭିଯୋଗ ଅନୁସାରେ ୫ରୁ ୧୦ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକିନିସିୟାନ ସାର୍ଟିଫିକେଟ ହାସଲ କରାଯାଇ ପାରୁଛି।ସାର୍ଟିଫିକେଟ ହାସଲ ପରେ ଅସ୍ତରଙ୍ଗ ଓ କାକଟପୁର ବଜାର ସମେତ ବିଭିନ୍ନ ଗ୍ରାମରେ ଏକ ଭଡାଘରେ ହେଉ ଅବା କ୍ୟାବିନି ଖଣ୍ଡେ ପକାଇ ପାଥୋଲାବ ଫଳକଟିଏ ମାରି ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରାଯାଉଛି। ବ୍ୟବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀ ମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହୋଇ ଚାଲୁଛନ୍ତି। ଅନ୍ୟ ପକ୍ଷେ ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁଁ ବ୍ଲଡ଼ ଗ୍ରୁପ ଚିହ୍ନଟ ବେଳେ ଜଣେ ବ୍ୟକ୍ତିର ବ୍ଲଡ଼ ଗ୍ରୁପ ମଧ୍ୟ ଭିନ୍ନହୋଇଯାଉଛି।ପାଥୋଲାବ୍ କରିବା ସହ ସପ୍ତାହର ବିଭିନ୍ନ ଦିନରେ ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ବିଭାଗର ଡାକ୍ତର ଡାକି ସାଧାରଣ ଲୋକଙ୍କୁ ଶୋଷଣ କରୁଛନ୍ତି କିଛି ପାଥୋଲାବ ମାଲିକ। ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଚାଲିଥିଲେ ମଧ୍ୟ ଅଭିଯୋଗକୁ ଆର୍ଥିକ ଲୋଭ ଓ ରାଜନୈତିକ ଚାପ ପକାଇ ଚାପିଦିଆଯାଉଥିବା ଅଭିଯୋଗ ରହିଛି। ଏ ନେଇ ଅସ୍ତରଙ୍ଗ ବ୍ଲକ ଜନସାଧାରଣ ସଦାଶିବ ବେହେରା, ଦୃଜୟ ଖୁଣ୍ଟିଆ କୁହନ୍ତି କେଉଁ ପାଥୋଲାବ ବେଆଇନି ଓ କିଏ ପଞ୍ଜିକୃତ ରୋଗୀ ଜାଣିବେ କିପରି । ରୋଗୀ ପରୀକ୍ଷା କରି ଶୀଘ୍ର ଡାକ୍ତର ପାଖକୁ ଯିବାକୁ ତରତର ହୋଇଥାଏ।ସବୁ ପାଥୋଲାବ ଲୋକଙ୍କୁ ପରୀକ୍ଷଣ କରୁଛନ୍ତି କିଏ ଅସଲି କିଏ ନକଲି ରୋଗୀ ଜାଣି ନ ପାରି ଟଙ୍କା ଖର୍ଚ୍ଚ କରି ବିପଦକୁ ଆମନ୍ତ୍ରଣ କରୁଛନ୍ତି।ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଦରକାର। ନଚେତ ରୋଗୀ ଙ୍କ ଜୀବନ ସହ ଖେଳ ଚାଲିଥିବ ବୋଲି କହିଛନ୍ତି।ସେହିପରି ଶିଶୁଅ ଗ୍ରାମର ଜୀବନ ମହାନ୍ତି କୁହନ୍ତି ରୋଗୀ କଣ ଜାଣିପାରିବ ପାଥୋଲୋଜି ପରୀକ୍ଷାଗାର ଅସଲି କି ନକଲି।ସ୍ୱାସ୍ଥ୍ୟ ବିଭାଗ ଏ ନେଇ ଜାଣି ଚୁପ ରହିଛି କିପରି।ଲୋକଙ୍କ ଜୀବନ ସହ ଖେଳୁଥିବା ପାଥୋଲାବ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଯିବା ଦରକାର। ଚଢ଼ାଉ କରି କିଛି ପାଥୋଲାବ ଉପରେ କାର୍ଯ୍ୟାନୁଷ୍ଠାନ କରାଗଲେ ଆଉ ଖୋଲିବନି ବୋଲି କହିଛନ୍ତି। କାଗଜକଲମ ରେ ପାଥୋଲୋଜି ପରୀକ୍ଷାଗାର ଖୋଲିବା ପାଇଁ ସରକାର ଙ୍କ ସ୍ୱତନ୍ତ୍ର ନିୟମ୍ ରହିଛି। କେବେ ସ୍ୱାସ୍ଥ୍ୟ ବିଭାଗ ନଜର ପଡୁଛି ବେଆଇନି ପାଥୋଲାବ ଉପରେ ତାହା ହିଁ ଦେଖିବାକୁ ଅପେକ୍ଷା।



## ସର୍ବଭାରତୀୟ ବିଞ୍ଝାଲ ସମାଜର ମହିଳା ସଂଘ ଗଠିତ

**ପାଟଣାଗଡ,୪।୧(ସଂଚାର ବ୍ୟୁରୋ):** ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଂଝାଲ ସମାଜ ରାଜ୍ୟ ମହିଳା ସଂଘ ଗଠିତ ହୋଇଛି । ଗତ ତାରିଖ ୨୮।୧୨ରୁ ମହିଳା ସଂଘ ଗଠନ ନେଇ ଆଲୋଚନା ହୋଇ ଆସୁଥିଲା । ତାରିଖ ୧ ଓ ୨ ଦୁଇ ଦିନ ବ୍ୟାପୀ ଗୁଗୁଲମିଟ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ରୁ ମହିଳା ମାନେ ଭାଗ ନେଇ ବିଂଝାଲ ସମାଜ ର ସାମାଜିକ ଓ ଅର୍ଥନୈତିକ ବିକାଶ, ଶୃଙ୍ଖଳିତ ସମାଜ ଗଠନ, ନାରୀ ଶିକ୍ଷା, ସଂସ୍କାର ଦିଗରେ ମହିଳା ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଶାରୀରିକ ନିର୍ଯାତନା ଶିକାର ହେଉଥିବା ମହିଳା ଅବହେଳାର ଶିକାର ହେଉଥିବା ମହିଳାଙ୍କ ପ୍ରତି ଏହି ମହାସଂଘ ଉତ୍ସର୍ଗ ହେବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ସଂଘ ସମାଜ ରେ ଘଟୁଥିବା ଦୁର୍ନିତୀ ଅତ୍ୟାଚାର ବିରୋଧରେ ଲଢ଼ିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେଥିପାଇଁ ରାଜ୍ୟ ସ୍ତରୀୟ ମହିଳା ସଂଘ ଗଠନ କରିବା ର ଆବଶ୍ୟକ ରହିଛି ବୋଲି ମତପ୍ରକାଶ ପାଇଥିଲା ଏବଂ ତା ୨ ରିଖ ସର୍ବ ସମ୍ମତି କ୍ରମେ ରାଜ୍ୟ ୩୦ ଗୋଟି ଜିଲ୍ଲା ରୁ ଜଣେ ଲେଖାଏଁ ମହିଳା କର୍ମକର୍ତ୍ତା ସଦସ୍ୟ ଙ୍କୁ ଏକ ନୂତନ ରାଜ୍ୟସ୍ତରୀୟ ମହିଳା ସଂଘ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏଥିରେ ବରଗଡ଼ ଜିଲ୍ଲା ରୁ ରାଜ୍ୟ ସଭାନେତ୍ରୀ ଭାବରେ ବାୟୁଶ୍ରୀ ବାଗ, ବଲାଙ୍ଗୀର ରୁ ଉପ-ସଭାନେତ୍ରୀ କଲାବତୀ ବରିହା, ନୂଆପଡ଼ା ରୁ ସାଧାରଣ ସମ୍ପାଦିକା ପିଙ୍କି ନେଗୀ, ସମ୍ବଲପୁର ରୁ ଯୁଗ୍ମ ସଂପାଦିକା ସପିନୀ ବିଞ୍ଝାଲ, ବଲାଙ୍ଗୀର ରୁ କୋଷାଧ୍ୟକ୍ଷ ସୀତୟା ବରିହା, ସମ୍ବଲପୁର ପପିତା ବିଂଝାଲ ସକ୍ରିୟ ସଭ୍ୟା ଭାବେ ବରଗଡ ପୁଷ୍ପାଞ୍ଜଳି ବରିହା , ସମ୍ବଲପୁର ସନ୍ତୋଷିନୀ ବିଂଝାଲ, ବରଗଡ ଅଲିଭା ବାଗ, ବଲାଙ୍ଗିର ସୁଭଦ୍ରା ବରିହା ପ୍ରମୁଖ ମନୋନୀତ ହୋଇଥିବା ବେଳେ ବଲାଙ୍ଗୀର ରୁ ମୂଖ୍ୟ ସଂଚାଳକ ଚନ୍ଦ୍ରଶେଖର ବାଗ, ମିଡ଼ିଆ ସେଲ୍ ସଂଯୋଜକ ଭାବେ ଗୋରେଖନାଥ ବରିହା ମନୋନୀତ ହୋଇଛନ୍ତି ।

## ଲୋକନୃତ୍ୟ ଗୀତର ମହାପାର୍ବଣ ପର୍ଏଁରୀ ତିହାର ଉଦ୍‌ଯାପିତ



**ସୋନପୁର,୪।୧(ସଂଚାର ବ୍ୟୁରୋ):** ସୋନପୁର ଭୀମ ଭୋଇ କଳା ମଣ୍ଡପ ଖୋଲା ପଡ଼ିଆ ଠାରେ ତିନିଦିନ ଧରି ଚାଲିଥିବା ଲୋକ କଳା ଲୋକ ନୃତ୍ୟ ର ମହା ପାର୍ବଣ ପର୍ଏଁରୀ ତିହାର-୨୦୨୫ ର ରୌପ୍ୟଜୟନ୍ତୀ ସମାରୋହ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇ ଯାଇଛି। କେସିଙ୍ଗା, କଳାହାଣ୍ଡି , କୋରାପୁଟ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳର ଲୋକନୃତ୍ୟ ଓ ଲୋକସଙ୍ଗୀତ ପରିବେଷଣ ଦର୍ଶକ ଙ୍କୁ ବିମୁଗ୍ଧ କରିଥିଲା। ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ପର୍ଏଁରୀର ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡ଼ାଙ୍ଗ ମୁଖ୍ୟ ଅତିଥି, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱନାଥ ବାରିକ, ବୀରମହାରାଜପୁର ସିନିଅର ବିଇଓ ଶାନ୍ତନୁ କୁମ୍ଭକାର, ପ୍ରଫେସର ନୀଳାମ୍ବର ଶତପଥୀ, ନାଟ୍ୟଶ୍ରୀ ଗଦାଧର ବାରିକ, ପର୍ଏଁରୀର ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ, ଜୟ ପ୍ରକାଶ ମାହାନା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲାରେ ଭରି ରହିଛି ବହୁ ପୁରାତନ ଐତିହ୍ୟ ଓ କଳା ସଂସ୍କୃତି ପରମ୍ପରା ଏହି ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଏହି ଅବସରରେ ସୁଜାତା ଗିରିଙ୍କୁ ବୃନ୍ଦାବନ ନାଏକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସମାଜସେବୀ ଶ୍ରୀବତ୍ସ ମଲ୍ଲିକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଲୋକକଳାକୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପର୍ଏଁରୀର ସମ୍ପାଦକ ଚୌଧୁରୀ ବିଭାର ସଭା ସଂଯୋଜନା କରିଥିଲେ ଓ ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ଦେଇଥିଲେ। ସୁଶାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଲୋକସଙ୍ଗୀତ କାର୍ଯ୍ୟକ୍ରମରେ ବୀରେନ୍ଦ୍ର ଜଗଦଲା, କଣ୍ଠ ମହାନନ୍ଦ, ସୁପ୍ରିୟା ଶର୍ମା, ସୁଜାତା ଗିରି, ସୁଚିତ୍ରା ଦାଶ ପ୍ରମୁଖ ଲୋକସଙ୍ଗୀତ ପରିବେଷଣ କରିଥିଲେ।

## କନିଷ୍ଠ ବାଳିକା ସିପକଟାକ୍ରୋ ଦଳ ପ୍ରତିଯୋଗିତାରେ ଉପବିଜେତା



**ସୁନ୍ଦରଗଡ,୪।୧(ସଂଚାର ବ୍ୟୁରୋ):** ୨୩ ତମ ରାଜ୍ୟ ସ୍ତରୀୟ ଜୁନିଅର ସିପକଟାକ୍ରୋ ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲ୍ଲା କନିଷ୍ଠ ବାଳିକା ଦଳ ଉପ ବିଜେତା ହାସଲ କରିଛନ୍ତି। ବାଳିକା ବର୍ଗରେ ଜାତୀୟ ଖେଳାଳି ମଧୁସ୍ମିତା ଭିତ୍ରୀଆ, ଶ୍ରୀୟା ଓରାମ ଓ ସ୍ନେହା ଦୀପିକା ଟପ୍ପୋ ଅଂଶ ଗ୍ରହଣ କରି ରାଜ୍ୟ ସ୍ତରରେ ଚମତ୍କାର ଖେଳ ପ୍ରଦର୍ଶନ କରି ୧୦/୧୫ ଏବଂ ୧୩/୧୫ ପଏଣ୍ଟ ନେଇ କିସ ଭୁବନେଶ୍ୱର ଠାରୁ ଫାଇନାଲ ଖେଳରେ ଉପ ବିଜେତା ହୋଇଛନ୍ତି । କୋଚ୍ ରସାନନ୍ଦ ମହାନନ୍ଦିଆ, ଜାତୀୟ ରେଫରୀ କିରଣଶିଳା ବାର୍ଲା ସିପକଟାକ୍ରୋ ଦଳରେ ଯାଇଛନ୍ତି । ଜାନୁଆରୀ ୩ ଓ ୪ ତାରିଖ ଦୁଇ ଦିନ ଧରି କନ୍ଧମାଳ ଜିଲ୍ଲାର ଜି. ଉଦୟଗିରି ଷ୍ଟାଡିୟମରେ ୨୩ତମ ରାଜ୍ୟ ସ୍ତରୀୟ ଜୁନିଅର ସିପକଟାକ୍ରୋ ଚୟନ ପ୍ରତିଯୋଗିତା ହୋଇଥିଲା । ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଯେଉଁ ଖେଳାଳି ମାନେ ଚୟନ ହେବେ ସେମାନେ ଆସନ୍ତା ଜାନୁଆରୀ ୨୯ ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ ରାଜ୍ୟର ନନ୍ଦ୍ୟାଲର ରାମକ୍ରିଷ୍ଣା ପି ଜି କଲେଜରେ ହେବାକୁ ଥିବା ୨୮ ତମ ଜୁନିଅର ଜାତୀୟ ସ୍ତରୀୟ ସିପକଟାକ୍ରୋ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ।

## ଗାଁ କଲ୍ୟାଣ ସମିତି ଗଠନ କାହିଁକି ଓ କାହାପାଇଁ ?



**ଖପ୍ରାଖୋଲ,୪।୧(ସଂଚାର ବ୍ୟୁରୋ):** ସରକାର ଗ୍ରାମ ମାନଙ୍କରେ ଗାଁ କଲ୍ୟାଣ ସମିତି ଗଠନ କରିବାର ବ୍ୟବସ୍ଥା କରିଛନ୍ତି ସେହି କଲ୍ୟାଣ ସମିତି କୁ ପ୍ରତିବର୍ଷ ୧୦ ହଜାର ଟଙ୍କା ଅର୍ଥରାଶି ଗାଁ ର କଲ୍ୟାଣ ନିମିତ୍ତ ଖର୍ଚ୍ଚ କରାଯିବ । ଗାଁ କୁ ପରିଷ୍କାର ପରିଚ୍ଛନ୍ନ ରଖାଯିବ। ଗାଁ କଲ୍ୟାଣ ସମିତି ବୈଠକ ଡାକି କେଉଁ କେଉଁ କଲ୍ୟାଣ ପାଇଁ ଟଙ୍କା ଖର୍ଚ୍ଚ କରାଯିବ ବୈଠକ ରେ ନିଷ୍ପତ୍ତି ଗ୍ରହଣ କରାଯାଇ ଖର୍ଚ୍ଚ କରାଯିବ । ଯେପରିକି ରାସ୍ତା ଘାଟ ପରିଷ୍କାର ପରିଚ୍ଛନ୍ନ ରଖିବା, ସ୍ଥାନେ ସ୍ଥାନେ ଆବର୍ଜନା କୁଣ୍ଡ ରଖିବା କଥା ହେଲେ ତାହା କରାଯାଉଥିବା ଦେଖିବାକୁ ମିଳୁନାହିଁ। ଉଦାହରଣ ସ୍ୱରୂପ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମ କୁ ନିଆଯାଇ ପାରେ । ଏହି ଗ୍ରାମରେ ଗାଁ କଲ୍ୟାଣ ସମିତି ଅଛି ହେଲେ ଗାଁର କଲ୍ୟାଣ ପାଇଁ ଧ୍ୟାନ ଦିଆଯାଉ ନାହିଁ ଫଳରେ ଗାଁର ମୁଖ୍ୟ ରାସ୍ତାରେ ମଇଳା ଆବର୍ଜନା ପଡି ଅପରିଷ୍କାର ପରିବେଶ ସୃଷ୍ଟି କରୁଛି ସେଥିପ୍ରତି ଗାଁ କଲ୍ୟାଣ ସମିତି ଜାଣି ଅଜଣା ରହୁଛନ୍ତି । ଏପରି ଆବର୍ଜନା ଦୀର୍ଘଦିନ ପଡିରହିଲେ ପଚି ସଢ଼ି ମଶା ମାଛି ଙ୍କ ବଂଶ ବୃଦ୍ଧି ହେବା ସହ ପରିବେଶ ପ୍ରଦୂଷଣ ହୋଇ ଗାଁ ଲୋକେ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା କୁ ଏଡାଇ ଦିଆ ଯାଇନପାରେ । ଏହି ଗ୍ରାମରେ ଥିବା ଗାଁ କଲ୍ୟାଣ ସମିତି ର ବୈଠକ କେବେ ବସୁଛି ଟଙ୍କା କେବେ ଆସୁଛି ଓ କେଉଁ କେଉଁ କଲ୍ୟାଣ ପାଇଁ ଟଙ୍କା ଖର୍ଚ୍ଚ ହେଉଛି ଗ୍ରାମ ଲୋକେ ଆଜି ପର୍ଯ୍ୟନ୍ତ ଜାଣି ନାହାନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ

**ବାଲିଆପାଳ,୪।୧(ସଂଚାର ବ୍ୟୁରୋ):** ବ୍ଲକ ରେ ଭିମଭୋଇ ସାମର୍ଥ୍ୟ ଶିବିର ଜାନୁଆରୀ ୧୦ ତାରିଖ ଅନୁଷ୍ଠିତ ହେବ। ଏନେଇ ଆଜି ବ୍ଲକ ସଭାଗୃହ ରେ ଶିବିର ପରିଚାଳନା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଡ଼ିଓ ପୁନମ ରାଉତ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ, ସିଡିପିଓ ପାର୍ବତୀ ସୁରେନ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିର ର ସଫଳ ରୂପାୟନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କ ରେ ବ୍ଲକ ର ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ ସୂଚନା ପ୍ରଦାନ କରିଥିଲେ।

## ଫାଇନାନ୍ସ ଅଫିସରୁ ଲୁଟ୍ ଘଟଣା, ଅଭିଯୁକ୍ତଙ୍କ ଟେର୍ ପାଉନି ପୁଲିସ



**ସମ୍ବଲପୁର,୪।୧(ସଂଚାର ବ୍ୟୁରୋ):** ମଣପୁରମ ଫାଇନାନ୍ସ ଅଫିସରୁ ସୁନା ଓ ଟଙ୍କା ଲୁଟ ଘଟଣାରେ ଏପର୍ଯ୍ୟନ୍ତ ଧରାପଡିନାହାନ୍ତି ଅଭିଯୁକ୍ତ। ୪ଟି ତଦନ୍ତକାରୀ ପୁଲିସ ଟିମ ରାଜ୍ୟ ବାହାରକୁ ଯାଇଛନ୍ତି। ଏଥିସହିତ ସମ୍ବଲପୁର ସହ ପଡ଼ୋଶୀ ଜିଲ୍ଲାରେ ମଧ୍ୟ ଖୋଜା ଖୋଜି ଚାଲିଛି। ତେବେ କୌଣସି ବି ସୁରାକ ମିଳିପାରିନି। ସୂଚନା ଅନୁଯାୟୀ, ଗତକାଲି ବୁଢ଼ାରାଜା ସ୍ଥିତ ମଣପୁରମ୍ ଗୋଲ୍ଡ ଲୋନ୍ ଅଫିସରେ ବଡ଼ ଧରଣର ଲୁଟ୍ ହୋଇଥିଲା। ମଣପୁରମ୍ ଗୋଲଡ୍ ଲୋନ୍ ଅଫିସର କର୍ମଚାରୀ ଦେଇଥିବା ବୟାନ ଅନୁସାରେ, ପ୍ରାୟ ୬ରୁ ୭ ଜଣ ବନ୍ଧୁକଧାରୀ ଦୁର୍ବୃତ୍ତ ଅଫିସ୍ ଭିତରେ ଅଚାନକ ପଶି କର୍ମଚାରୀ ମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଅଫିସରେ ଥିବା ସମସ୍ତ କର୍ମଚାରୀଙ୍କୁ ଧମକାଇବା ସହ ବାନ୍ଧି ଦେଇଥିଲେ। ପରେ ଚାହୁଁ ଚାହୁଁ ଅଫିସରେ ଥିବା ସୁନା ଅଳଙ୍କାରକୁ ଲୁଟି ନେଇ ପଳାଇଥିଲେ। ପ୍ରାୟ ୨୮ କେଜି ୨୦୦ ଗ୍ରାମ ସୁନା ଏବଂ ୪ ଲକ୍ଷ ୮୦ ହଜାର ଟଙ୍କା ଲୁଟ୍ ହୋଇଛି। ଲୁଟେରା ଫେରାର ମାରୁଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ଫୁଟେଜ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି।

## ଭିନ୍ନକ୍ଷମ ଶିଶୁଙ୍କ ପକ୍ଷରୁ କସ୍ତୁରୀ ମହୋତ୍ସବ



**ସୁବର୍ଣ୍ଣପୁର,୪।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ଧୂବାମୁଣ୍ଡା ରେଆର କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲା ଭିନ୍ନକ୍ଷମ ଅଭିଭାବକ ସଂଘ ଓ ରେଆର ତରଫରୁ ଭିନ୍ନକ୍ଷମ ଶିଶୁ ଙ୍କ ମହୋତ୍ସବ କସ୍ତୁରୀ ଅନୁଷ୍ଠିତ ହୋଇଯାଇଛି, ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗ ଦେଇ ଉଦଘାଟନ କରିଥିଲେ ସମ୍ମାନିତ ଅତିଥିଭାବେ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସୁବର୍ଣ୍ଣପୁର ଉପ ଆରକ୍ଷୀ ଅଧିକ୍ଷିକା ରେଣୁକା ସୁନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ କୃଷ୍ଣ ମୋହନ ସିଂହ, ରେଆର ଉପସଭାପତି ପଦ୍ମିନୀ ବକ୍ସୀ, ରେଆର ପ୍ରତିଷ୍ଠାତା ସଦସ୍ୟ ଆଡ଼ଭୋକେଟ ଗୌରୀଶ୍ୟାମ ପଣ୍ଡା, ରେଆର ସମ୍ପାଦକ ଅନଙ୍ଗ ନେଗୀ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କ ପାଇଁ କସ୍ତୁରୀ କାର୍ଯ୍ୟକ୍ରମ ଏକ ନୂଆ ଆଶା ସଂଚାର କରିଛି ବୋଲି ପ୍ରକାଶ କରିଥିଲେ,ପ୍ରୀତି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରେଆର କାର୍ଯ୍ୟନିର୍ବାହୀ ସଦସ୍ୟ ହରିପ୍ରିୟା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ, ଏହି ଅବସରରେ ହିଙ୍ଗମା ଗାଁ ର ଭିନ୍ନକ୍ଷମ ଶିକ୍ଷୟିତ୍ରୀ ସୁଶ୍ରୀ ସତ୍ୟବତୀ ପାଣିଗ୍ରାହୀ ଓ ଟିଟିଲାଗଡ଼ ଆଶା ଅନୁଷ୍ଠାନ ର କାର୍ଯ୍ୟନିର୍ବାହୀ ସଂଯୋଜକ ସଂଜୀବ କୁମାର ପଟ୍ଟନାୟକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା,ଭିନ୍ନକ୍ଷମ ଶିଶୁ ମାନଙ୍କ ସକାଶେ ଚାରିଗୋଟି ସୃଜନାତ୍ମକ କାର୍ଯ୍ୟକ୍ରମ ପଥର ଚିତ୍ରାଙ୍କନ, ସ୍ୱେଚ୍ଛାସେବୀ ସଂସ୍ଥା ଗ୍ରାମଥାନ ତରଫରୁ ଭାବପୂର୍ଣ୍ଣ ଶିକ୍ଷଣ,ଶିକ୍ଷଣ ଉପକରଣ ପ୍ରସ୍ତୁତି,କାଗଜକଳା ଅନୁଷ୍ଠିତ ହୋଇଥିଲା।

## ସଡକ ସୁରକ୍ଷା ସପ୍ତାହ ଅବସରରେ ପ୍ରତିଯୋଗିତା




**ବାଲିଆପାଳ,୪।୧(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଗୋଷ୍ଠିଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ଗୋଷ୍ଠି ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏବିଇଓ ତଥା ବିଆରସିସି ନମିତାପ୍ରଭା ସାମଲ, ମୁଖ୍ୟବକ୍ତା ଭାବରେ ଏବିଇଓ ମୀନାରାଣୀ ସାହୁ, ସମ୍ମାନୀତ ଅତିଥି ଭାବେ ସିଆରସିସି ଅଶୋକ କୁମାର ଗିରି ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବଜାର ପରିକ୍ରମା କରାଯାଇଥିଲା। ସେହିପରି ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଆରସିସି ମାଧବାନନ୍ଦ ଦାସ, ଜ୍ୟୋତିପ୍ରକାଶ ଜେନା, ଜୟାନନ୍ଦ ଗିରି, ସରୋଜ ମହାନ୍ତି, ବସନ୍ତ କୁମାର ରାଉତ, ସୁଶାନ୍ତ କୁମାର ରାଉଳ ସମେତ ସମସ୍ତ ସିଆରସିସି ତଥା ଶିକ୍ଷକ ନିତାଇ ଚରଣ ରାଉଳ, ରଶ୍ମି ବାଡି, ଦିଲ୍ଲୀପ କୁମାର ସାହୁ, ଭରତ ଚନ୍ଦ୍ର ଜେନା, ଯଶୋବନ୍ତ ଜେନା, ମଞ୍ଜୁବାଳା ମହାନ୍ତି, ସନ୍ଦୀପା ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ୱାର୍ଡସଭ୍ୟ

**ଭବାନୀପାଟଣା,୪।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଗଣ୍ଡ ବାରୋଝୋଲା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ସ୍ଥାନୀୟ ନାଏବ ସରପଞ୍ଚ ଓ ୱାର୍ଡମେମ୍ବର। ଏ ନେଇ ଶୁକ୍ରବାର ସେମାନେ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ମାସିକ ବୈଠକ ଠିକ୍ ଭାବରେ ଡାକୁ ନ ଥିବା, ପଞ୍ଚାୟତକୁ ନିୟମିତ ଆସୁ ନ ଥିବା, ମନମୁଖି କାର୍ଯ୍ୟ କରୁଥିବା, ପଞ୍ଚାୟତକୁ ଆସୁଥିବା ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ନ ହେବା, ସରପଞ୍ଚ କାହାକୁ ନ ଜଣାଇ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ସାମାଜିକ ଆଇନ ଅନୁସାରେ ପଞ୍ଚାୟତରେ ଯୋଗ୍ୟ ରାଶନକାର୍ଡଧାରୀ, ପେନ୍‌ସନ ହିତାଧିକାରୀ ଠିକ୍ ଚୟନ କରି ନ ଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ଅଭିଯୋଗ ପତ୍ରରେ ୱାର୍ଡମେମ୍ବର ଦର୍ଶାଇଛନ୍ତି।




## ମୋରମ ଖଣିରେ ଫସିଛି ହାତୀ ଛୁଆ, ଜଗି ରହିଛି ମା’



**ମୟୂରଭଞ୍ଜ,୪।୧ (ସଂଚାର ବ୍ୟୁରୋ):** ମୋରମ ଖଣିରେ ଫସିଲା ହାତୀ ଛୁଆ। ଛୁଆକୁ ଜଗି ରହିଛି ମା’ ହାତୀ। ମୟୂରଭଞ୍ଜ କରଞ୍ଜିଆ ବନଖଣ୍ଡର ପୋକାମୁଣ୍ଡା ଜଙ୍ଗଲରେ ଥିବା ଏକ ମୋରମ ଖାଲରେ ହାତୀ ଛୁଆଟି ଫସି ରହିଛି। ତା’ ଗୋଡ଼ରେ ଆଘାତ ଲାଗିଥିବା କୁହାଯାଉଛି। ପାଖରେ ମା’ ହାତୀ ଏବଂ ହାତୀପଲ ଥିବାରୁ ଉଦ୍ଧାର କାର୍ଯ୍ୟ ହୋଇପାରିନି। ବନବିଭାଗ ପକ୍ଷରୁ ହାତୀ ଘଉଡ଼ାଇବାକୁ ଉଦ୍ୟମ କରାଯାଉଛି। ହାତୀ ଘଉଡ଼ା ସରିବା ପରେ ରେସ୍କ୍ୟୁ ଅପରେସନ୍ କରିବ ବନ ବିଭାଗ। ଜେସିବି ଓ ବିଭିନ୍ନ ଉପକରଣ ଧରି ବନ ବିଭାଗ ପ୍ରସ୍ତୁତ ଥିଲେ ମଧ୍ୟ ମା’ ହାତୀ ପାଖରେ ଥିବାରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇପାରୁନି। ଯଦି ଦରକାର ପଡେ ମା’ ହାତୀକୁ ଟ୍ରାଙ୍କୁଲାଇଜ୍ କରାଯିବ ବୋଲି ବନବିଭାଗ କହିଛି। ମେଡିକାଲ ଟିମ୍ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ସେପଟେ ଏହି ହାତୀ ଛୁଆକୁ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ମଧ୍ୟ ଜମିଛି।

## ଭବାନୀପାଟଣାରେ ମାଙ୍କଡ଼ ଆତଙ୍କ ଜାରି




**ଭବାନୀପାଟଣା,୪।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ପୁଣି ମାଙ୍କଡ଼ ଆତଙ୍କ ଦେଖିବାକୁ ମିଳିଛି। ଗୁରୁବାର ସହରର ଗୋଦାମପଡ଼ାରେ ଗୋଟିଏ ମାଙ୍କଡ଼ ପ୍ରାୟ ୧୫ ଜଣଙ୍କୁ ଆକ୍ରମଣ କରିଥିଲା। ଏଥିରେ ସମସ୍ତ ଆହତଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହା ପରେ ବନବିଭାଗର ଆର୍‌ଆର୍‌ଟି (ରାପିଡ୍ ରେଶପନ୍ସ ଟିମ୍) ଅପରେଶନ ଆରମ୍ଭ କରି ଦୀର୍ଘ ୮ ଘଣ୍ଟା ପରେ ମାଙ୍କଡ଼କୁ ଟ୍ରାଙ୍କୁଲାଇଜ କରି ଧରିବାରେ ସଫଳ ହୋଇଥିଲା। ମାଙ୍କଡ଼କୁ ନିକଟସ୍ଥ ଡ଼ଙ୍ଗରିରେ ଛଡା ଯାଇଥିଲା। ହେଲେ ଏହି ମାଙ୍କଡ଼ ଶୁକ୍ରବାର ସକାଳେ ପୁଣି ସହରକୁ ଆସି ଆତଙ୍କ ମଚାଇଛି। ସହରର ଧୋବାପଡ଼ା, ଚଞ୍ଚରାପଡ଼ା, ଆହାର କେନ୍ଦ୍ର, ଗାନ୍ଧୀ ଛକ, ଷ୍ଟେଚ୍ୟୁ ପଡ଼ାରେ ପ୍ରାୟ ୧୫ ଜଣଙ୍କୁ ଆକ୍ରମଣ କରିଥିବା ଏହି ମାଙ୍କଡ଼କୁ କାବୁ କରିବାରେ ଫେଲ ମାରିଛି ବନ ବିଭାଗ। ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗର ଆର୍‌ଆର୍‌ଟି ଟିମ୍ ପହଞ୍ଚିଥିଲେ ମଧ୍ୟ ମାଙ୍କଡକୁ ଟ୍ରାଙ୍କୁଲାଇଜ କରିବାରେ ବିଫଳ ହୋଇଛି। ଫଳରେ ସହରରେ ଏବେ ଭୟର ବାତାବରଣ ଦେଖିବାକୁ ମିଳିଛି। ଏ ନେଇ ଭବାନୀପାଟଣା ବାସିନ୍ଦା ଆଶ୍ୱିନ ଚନ୍ଦନ କହିଛନ୍ତି ଯେ, ଗତକାଲି ସହରର ଗୋଦାମପଡ଼ାରେ ମାଙ୍କଡ ଲୋକଙ୍କୁ ଆକ୍ରମଣ କରିଥିଲା।

## ୪ ଦିବ୍ୟାଙ୍ଗ ପାଇଲେ ରାଜ୍ୟ ସ୍ତରୀୟ ମେଡାଲ

**ରାୟଗଡା,୪।୧(ସଂଚାର ବ୍ୟୁରୋ):** ଚାରି ଦିବ୍ୟାଙ୍ଗ ପାଇଲେ ରାଜ୍ୟ ସ୍ତରୀୟ କ୍ରୀଡ଼ା ମେଡାଲ। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟ ପାରା ଆଥଲେଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ରାୟଗଡ଼ ଜିଲ୍ଲାର ଚାରି ଦିବ୍ୟାଙ୍ଗ ରହିତ ନାଏକ ଲମ୍ବ ଡ଼ିଆଁରେ ରୌପ୍ୟ ପଦକ, ରଥିରାମ ଗଡ଼ଡ଼ ସୋଟପୁଟ ଥ୍ରୋରେ କାଂସ୍ୟ ପଦକ, ରବିନ୍ଦ୍ର ମହାନନ୍ଦିଆ ୪୦୦ ମିଟର ଦୌଡରେ ରୌପ୍ୟ ପଦକ ଏବଂ ଯୋସଦା ଖୋସଲା ୧୦୦ ମିଟର ଦୌଡରେ ରୌପ୍ୟ ପଦକ ଜିତିଛନ୍ତି । ଭୁବନେଶ୍ୱରରୁ ରାୟଗଡା ଫେରିବା ପରେ ଏହି ଚାରି ଜଣଙ୍କୁ ପ୍ରଶାସନର ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରୋଇତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତା, ଅତିରିକ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜଳ ଛାୟା ପ୍ରକଳ୍ପ ଅଧିକାରୀ ଡ଼ଃ ଦୟାନିଧି ବାଗ୍, ଓଡ଼ିଶା ବିକଳାଙ୍ଗ ମଞ୍ଚର ସଂପାଦକ ଜଳନ୍ଧର ବାଡେଲି, ଗୁଣୁପୁର ସ୍ଥିତ ଏବିଏସକେପି ଡ଼ିଗ୍ରୀ କଲେଜର ଉପ ଅଧ୍ୟକ୍ଷ ତଥା ସମାଜସେବୀ ଓ ରାୟଗଡ଼ ଆଦିବାସୀ ମହାସଂଘ (ରାଆମ)ର ଜିଲ୍ଲା ସଭାପତି ବିଜୟ କୁମାର ମେଲାକା ଉପସ୍ଥିତ ଥିଲେ ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ସମାରୋହ



**ଭୁବେନଶ୍ୱର,୪।୧(ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ସମାରୋହ ସଂସ୍କୃତି ବିହାରସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହାର ଉଦ୍‌ଘାଟନୀ ସମୋରୋହରେ ବରିଷ୍ଠ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ଭାରତର ଏପରି ପ୍ରଥମ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅନନ୍ୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ଆଞ୍ଚଳିକ ସଂସ୍କୃତି ସହ ବିଶ୍ୱ ସଂସ୍କୃତିର ସମନ୍ୱୟ ହେଉଛି ଆଜିର ଆବଶ୍ୟକତା ଏବଂ ଏହାଦ୍ୱାରା ହିଁ ଆମ ସଂସ୍କୃତିର ପରିଭାଷା ସମଗ୍ର ବିଶ୍ୱସ୍ତରରେ ପହଞ୍ଚି ପାରିବ। ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରସାର ଦିଗରେ ଏହି ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରଫେସର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଆଶାବ୍ୟକ୍ତ କରିଥିଲେ। ବିଶିଷ୍ଟ କଥାଶିଳ୍ପୀ ପଦ୍ମଭୂଷଣ ଡ. ପ୍ରତିଭା ରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇସଂସ୍କୃତିର ପରିଭାଷା ଖୁବ୍ ବ୍ୟାପକ ବୋଲି ମତଦେବା ସହ ସଂସ୍କୃତି ଏକ ଚିରନ୍ତନ ଧାରା ଭଳି ସମୟାନୁକ୍ରମେ ପରିବର୍ତ୍ତନ ହେଉଥିଲେ ମଧ୍ୟ ଏହାର ମୌଳିକତା ସବୁବେଳେ ବଜାୟ ରହିଥାଏ ବୋଲି କହିଥିଲେ। ଆଜିର ଦିନରେ ସଂସ୍କୃତି ସମ୍ପର୍କରେ ଅଧିକ ଅଧ୍ୟୟନ ଯୁବପିଢ଼ିଙ୍କ ନିମନ୍ତେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଓ ଏହି ବିଶ୍ୱବିଦ୍ୟାଳୟ ଉତ୍କଳୀୟ ସଂସ୍କୃତିର ବିକାଶଦିଗରେ ଭାରତବର୍ଷର ଏକ ଅଦ୍ୱିତୀୟ ଉଚ୍ଚଶିକ୍ଷାନୁଷ୍ଠାନ ବୋଲି ସେ ଉଲ୍ଲେଖ କରିଥିଲେ।